

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୨୨ ଜୁଲାଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 22 July 2026

Vol.No. 36 ■ No.192 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ADMISSION GOING ON- 2026

SAI SADHANA SCIENCE COLLEGE

+2 Sc. & +2 Arts

SAI SADHANA COLLEGE OF BASIC SCIENCE (+3)

(HONS- PHYSICS, CHEMISTERY, MATHEMATICS, BOTANY, COMPUTER SCIENCE, ZOOLOGH, GEOLOGY, MICROBIOLOGY)

Dibyasingpur, UDALA

100% first class result-2026

Contact No: 9437294587, 9437443950, 9937557158


## ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ ଦୋଷୀଙ୍କୁ କଠୋରତମ ଦଣ୍ଡ ଦେବାକୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

ନୂଆଦିଲ୍ଲୀ,୨୧/୭ : ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ଏବେ ସାରା ଦେଶରେ ହଇଚଇ। ଏହି ଘଟଣାରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି ସିଜେପି (କକ୍ରୋଚ୍ ଜନତା ପାର୍ଟି) ଆନ୍ଦୋଳନ ଜାରି ରଖିଛି। ସିଜେପିର 'ଚଲୋ ସଂସଦ' ପଦଯାତ୍ରା ସମୟରେ ପୁଲିସ ସହ ବ୍ୟାପକ ସଂଘର୍ଷ ହୋଇଥିବାବେଳେ ଲାଠିମାଡ଼ରେ ଅନେକ ଆନ୍ଦୋଳନକାରୀ ଆହତ ହୋଇଛନ୍ତି। ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଟ୍ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ପ୍ରଥମ ଥର ପାଇଁ ମତ ରଖି ଦୋଷୀମାନଙ୍କୁ କଠୋରତମ ଦଣ୍ଡ ଦେବାକୁ ଆହ୍ୱାନ କରିଛନ୍ତି। ପ୍ରଶ୍ନପତ୍ର ଲିକ୍ ରୋକିବା ଦେଶର ସାମୂହିକ ଉତ୍ତରଦାୟିତ୍ୱ ବୋଲି ସେ କହିଛନ୍ତି। ସୋମବାର ଏନ୍‌ଡିଏ ସଂସଦୀୟ ଦଳର 'ମଙ୍ଗଳ ମିଳନ'



ବୈଠକରେ ପ୍ରଧାନମନ୍ତ୍ରୀ ଏହି ମନ୍ତବ୍ୟ ଦେଇଥିବା ସମ୍ପର୍କରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ମଙ୍ଗଳବାର ସୂଚନା ଦେଇଛନ୍ତି। ରିଜିଜୁ କହିଛନ୍ତି, ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ମିଳିତ ଭାବେ ଏକ ସୁରକ୍ଷିତ ଓ ତ୍ରୁଟିମୁକ୍ତ ପରୀକ୍ଷା ବ୍ୟବସ୍ଥା ଗଠନ କରିବାକୁ ଆହ୍ୱାନ କରିଛନ୍ତି। ସେ ଏନ୍‌ଡିଏର ସହଯୋଗୀ ଦଳମାନଙ୍କୁ ଏକତା ବଜାୟ ରଖିବାକୁ ଅନୁରୋଧ କରିଥିବାବେଳେ ବିରୋଧୀ ଦଳମାନଙ୍କୁ ମଧ ଗଠନମୂଳକ ସହଯୋଗ ପାଇଁ ଆହ୍ୱାନ କରିଛନ୍ତି। ରାଜନୈତିକ ମତଭେଦ ଥାଇପାରେ, କିନ୍ତୁ ଦେଶର ଭବିଷ୍ୟତ ଓ ଯୁବପିଢ଼ିର କଲ୍ୟାଣ ପାଇଁ ସମସ୍ତ ସାଂସଦଙ୍କର ସମାନ ଦାୟିତ୍ୱ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ନିଟ୍ ପ୍ରଶ୍ନପତ୍ର ଲିକ୍ ଖବର ମିଳିବା ମାତ୍ରେ ସରକାର ତୁରନ୍ତ ପଦକ୍ଷେପ ନେଇଥିଲେ। ଘଟଣାରେ ସମ୍ପୃକ୍ତ ଅନେକଙ୍କୁ ଗିରଫ କରାଯିବା ସହ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସିବିଆଇ ମାମଲାର ମୁଖ୍ୟ ଅଭିଯୁକ୍ତ ରସାୟନ ବିଜ୍ଞାନ ଅଧାପକଙ୍କୁ ଗିରଫ କରିଛି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପ୍ରଭାବିତ ନ ହେବା ପାଇଁ ବିଳମ୍ବ ନ କରି ପୁନଃପରୀକ୍ଷା କରାଯାଇଥିଲା। ପ୍ରଶ୍ନପତ୍ର ଲିକ୍ ଘଟଣାକୁ ପ୍ରଧାନମନ୍ତ୍ରୀ 'ଘୋର ପାପ' ବୋଲି ବର୍ଣ୍ଣନା କରି କହିଛନ୍ତି, ଏହି ମାମଲାରେ ସମ୍ପୃକ୍ତ ସମସ୍ତ ୧୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଜେଲ୍‌କୁ ପଠାଯାଇଛି।

## ଇସ୍ତଫା ଦିଅନ୍ତୁ ଧର୍ମେନ୍ଦ୍ର : ନବୀନ

ଭୁବନେଶ୍ୱର, ୨୧/୭ (ନି.ପ୍ର): ଓଡ଼ିଶା ତଥା ଜାତୀୟ ରାଜନୀତିରେ ଏକ ସୃଷ୍ଟି ହୋଇଛି ବଡ଼ ଧରଣର ହଟଚମଟ । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ସିଧାସଳଖ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଛନ୍ତି । ଶିକ୍ଷା ମନ୍ତ୍ରଣାଳୟ ଅଧିନରେ ହୋଇଥିବା ବିଭିନ୍ନ ଅନିୟମିତତାରେ କେନ୍ଦ୍ରମନ୍ତ୍ରୀ ସିଧାସଳଖ ଜଡ଼ିତ ଥିବାର ଦର୍ଶାଇଛନ୍ତି ନବୀନ, ଧର୍ମେନ୍ଦ୍ର ପ୍ରଧାନ ତୁରନ୍ତ ନିଜ ପଦରୁ ଇସ୍ତଫା ଦେବା ଉଚିତ୍ ବୋଲି



ବିରୋଧୀ ଦଳ ନେତା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଏହି ପ୍ରସଙ୍ଗରେ ନୂଆଦିଲ୍ଲୀ ଗସ୍ତ ସମୟରେ ନବୀନ ପଟ୍ଟନାୟକ ବିଜୁ ଜନତା ଦଳ (ବିଜେଡି)ର ସମସ୍ତ ସାଂସଦମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଉଚ୍ଚସ୍ତରୀୟ ବୈଠକ କରିଥିଲେ । ◆◆ପୃଷ୍ଠା ୭

## ହୀରାକୁଦ ଜଳଭଣ୍ଡାରରୁ ୧୦ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି

ସମ୍ବଲପୁର, ୨୧/୭ (ନି.ପ୍ର): ହୀରାକୁଦ ଜଳଭଣ୍ଡାରରୁ ୧୦ଟି ସ୍ଲୁଇସ୍ ଗେଟ୍ ଦେଇ ମହାନଦୀକୁ ବନ୍ୟାଜଳ ନିଷ୍କାସନ ଜାରି ରହିଛି । ଜଳଭଣ୍ଡାରର ବାମ ପାର୍ଶ୍ୱ ଡାଇକ୍‌ର ୭ଟି ଏବଂ ଡାହାଣ ପାର୍ଶ୍ୱ ଡାଇକ୍‌ର ୩ଟି ସ୍ଲୁଇସ୍ ଗେଟ୍ ଖୋଲା ରହିଛି । ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ପତନ ୬୧୩.୪୭ ଫୁଟ୍ ରହିଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୪୭ ହଜାର ୫୪୬ କ୍ୟୁସେକ୍ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ୧୦ଟି ସ୍ଲୁଇସ୍ ଗେଟ୍, ସ୍ପିଲୱେ, ପାୱାର ଚେନେଲ, ଶିଳ୍ପ ବ୍ୟବହାର ଓ ବିଭିନ୍ନ କେନାଲ ଦେଇ ମୋଟ୍ ୧ ଲକ୍ଷ ୫୯ ହଜାର ୫୮୧ କ୍ୟୁସେକ୍ ଜଳ ନିଷ୍କାସନ ହେଉଛି ।

## ଭିଜିଲାନ୍ସ ଜାଲରେ ପିଇଓ: ଅନ୍ତୋଦୟ ଗୃହ ଶେଷ ବିଲ୍ ପାଇଁ ଲାଞ୍ଚ ନେବା ବେଳେ ଗିରଫ

ଭୁବନେଶ୍ୱର, ୨୧/୭ (ନି.ପ୍ର): ଅନ୍ତୋଦୟ ଗୃହର ଶେଷ ବିଲ୍ କରେଇ ଦେବା ପାଇଁ ହିତାଧିକାରୀଙ୍କ ନିକଟରୁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)। ପାଣିକୋଇଲି ଛକରୁ କାଚରାସାହି ପଞ୍ଚାୟତର ପିଇଓ ପ୍ରଫୁଲ୍ଲ କୁମାର ନାଥଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରିଛି । ସୂଚନା ଅନୁଯାୟୀ, କାଚରାସାହି ପଞ୍ଚାୟତର ଅନ୍ତୋଦୟ ଗୃହ ହିତାଧିକାରୀ ଗୋଲୀ ମଲ୍ଲିକ ନିଜ



ଘର ନିର୍ମାଣର ଶେଷ ବିଲ୍ ପାଇବା ପାଇଁ ବହୁ ଦିନ ହେବ ପିଇଓ ପ୍ରଫୁଲ୍ଲ କୁମାର ନାଥଙ୍କ ପାଖକୁ ଦୌଡ଼ୁଥିଲେ । ମାତ୍ର ବିଲ୍ କରାଇଦେବା ବଦଳରେ ପିଇଓ ବାବୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ◆◆ପୃଷ୍ଠା ୭

## ରାଜ୍ୟରେ ଜଣେ ଜଣେ ଶିକ୍ଷକରେ ଚାଲିଛି ୧୪୫୮ ସ୍କୁଲ: ତୁରନ୍ତ ଶିକ୍ଷକ ନିଯୁକ୍ତି ଦେବାକୁ ବଢ଼ିଲା ଦାବି

ଭୁବନେଶ୍ୱର, ୨୧/୭ (ନି.ପ୍ର): ଶିକ୍ଷା ବର୍ଷ ଆରମ୍ଭରୁ ବହି ବିଭ୍ରାଟକୁ ନେଇ ଉଠୁଛି ପଡୁଛି ସାରାରାଜ୍ୟ। ତ୍ରୁଟିପୂର୍ଣ୍ଣ ବହିରେ କେମିତି ପାଠ ପଢ଼ିବେ ତାକୁ ନେଇ ଦ୍ୱନ୍ଦ୍ୱରେ ଅଛନ୍ତି ଛାତ୍ରଛାତ୍ରୀ। ଶିକ୍ଷକମାନେ ତ୍ରୁଟି ସଂଶୋଧନ କରି ପାଠ ପଢ଼ାଇବେ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। କିନ୍ତୁ ଏହା ଭିତରେ ସାମନାକୁ ଆସିଛି ଆଉ ଏକ ଚିନ୍ତାଜନକ ତଥ୍ୟ। ରାଜ୍ୟରେ ହଜାରେରୁ ଅଧିକ ସ୍କୁଲ ଜଣେ ଜଣେ ଶିକ୍ଷକରେ ଚାଲିଛି। ଯାହା ପୂରା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟରେ ଜାତୀୟ ଶିକ୍ଷା ନୀତି ଲାଗୁ ହୋଇଛି। କିନ୍ତୁ ଏପର୍ଯ୍ୟନ୍ତ ଜାତୀୟ ଶିକ୍ଷାନୀତି ଅନୁସାରେ ବିଦ୍ୟାଳୟରେ ପାଠ ପଢ଼ାଇବାକୁ ନାହାନ୍ତି ଶିକ୍ଷକ। ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ରକୁ ପଦାରେ ପକାଇଲା କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟର 'ୟୁଡାଇସ୍ ପ୍ଲସ୍' ରିପୋର୍ଟ। ରାଜ୍ୟରେ ୨୦୨୫-୨୬ ଶିକ୍ଷାବର୍ଷରେ ଜଣେ ଶିକ୍ଷକ ଥିବା ସ୍କୁଲ୍ ସଂଖ୍ୟା ୧,୪୫୮କୁ ବୃଦ୍ଧି ପାଇଛି, ଯାହାକି ୨୦୨୪-୨୫ରେ ୧,୦୮୯ ଏବଂ ୨୦୨୩-୨୪ରେ ୧,୦୬୫ ଥିଲା, କେବଳ ଗୋଟିଏ ବର୍ଷରେ ଜଣେ ଶିକ୍ଷକ ଥିବା ସ୍କୁଲ୍ ସଂଖ୍ୟା ୩୬୯ ବଢ଼ିଛି। ଜଣେ ଶିକ୍ଷକ ଥିବାରୁ ଏକାଧିକ ଶ୍ରେଣୀରେ ପାଠପଢ଼ାଇବା ସହ ଅଫିସ୍ ଓ ଅନ୍ୟାନ୍ୟ କାର୍ଯ୍ୟ କରୁଥିବାରୁ ପାଠପଢ଼ା ପ୍ରଭାବିତ ହେଉଛି। ଏହାକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ। ଜଣେ ଶିକ୍ଷକ ଥିବା ବିଦ୍ୟାଳୟ ମଧ୍ୟରୁ ଅଧିକାଂଶ ଦୂରବର୍ତ୍ତୀ, ଆଦିବାସୀ ଏବଂ ଜନବସତି କମ୍ ଥିବା ଅଞ୍ଚଳରେ ରହିଛି। ଏହି ସ୍କୁଲରେ ପାଖାପାଖି ୬୦ ହଜାର ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। କିନ୍ତୁ ସେମାନଙ୍କ ଭବିଷ୍ୟତ ପ୍ରତି କାହାର ନଜର ନାହିଁ। ଯାହାଫଳରେ ଡ୍ରପ୍ ଆଉଟ୍ ସଂଖ୍ୟା ବି ବଢ଼ିବାରେ ଲାଗିଛି। ଶିକ୍ଷକ ନଥିବାରୁ ବହୁ ଅଭିଭାବକ ସେମାନଙ୍କ ପିଲାଙ୍କୁ ସରକାରୀ ବଦଳରେ ଘରୋଇ ସ୍କୁଲରେ ପଢ଼ାଇବାକୁ ଶ୍ରେୟ ମଣୁଛନ୍ତି।

## ସବୁ ଅଙ୍ଗନବାଡ଼ି କେନ୍ଦ୍ରରେ ଗଠନ ହେବ ଅଙ୍ଗନବାଡ଼ି ପରିଚାଳନା କମିଟି

ଭୁବନେଶ୍ୱର, ୨୧/୭ (ନି.ପ୍ର): ସବୁ ଅଙ୍ଗନବାଡ଼ି କେନ୍ଦ୍ରରେ ଗଠନ ହେବ ଅଙ୍ଗନବାଡ଼ି ପରିଚାଳନା କମିଟି । ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ହୋଇଛି । ତୃଣମୂଳ ସ୍ତରରେ ଅଙ୍ଗନବାଡ଼ି ସେବାଗୁଡ଼ିକୁ ସୁଦୃଢ଼ କରିବାକୁ ଗୁରୁତ୍ୱ ଦିଆଯାଇଛି । ସକ୍ଷମ ଅଙ୍ଗନବାଡ଼ି ଓ ପୋଷଣ ୨.୦ ଅଧୀନରେ କମିଟି ଗଠନ ହେବ । ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ରରେ ସିଡିପିଓଙ୍କ ଦ୍ୱାରା କମିଟି ପ୍ରତିଷ୍ଠା କରାଯିବ । ସୁପରଭାଇଜର୍ ଅଧ୍ୟକ୍ଷ, ଅଙ୍ଗନବାଡ଼ି କର୍ମୀ ସଦସ୍ୟ ତଥା ଆବାହକ ଦାୟିତ୍ୱ ନେବେ ।

## ରାଜ୍ୟରେ ସାର ସଙ୍କଟ ନେଇ ସରକାରଙ୍କ ଉପରେ ବର୍ଷିଲା କଂଗ୍ରେସ

ଭୁବନେଶ୍ୱର, ୨୧/୭ (ନି.ପ୍ର): ରାଜ୍ୟରେ ଏବେ ମୌସୁମୀ ସକ୍ରିୟ ଥିବାରୁ ରୁଆ ବେଉଷଣ କାର୍ଯ୍ୟର ଅଗ୍ରଗତି ପାଇଁ ଚାଷୀ ପାଗ ଭିଡିଥିବା ବେଳେ ସରକାର ସାର ଯୋଗାଇ ଦେବାରେ ସମ୍ପୂର୍ଣ୍ଣ ଅସମର୍ଥତାକୁ କଂଗ୍ରେସ ସମାଲୋଚନା କରିଛି। କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ଓପିସିସି ସଂଗଠନ ପ୍ରଭାରୀ ସନ୍ତୋଷ ସିଂ ସାଲୁଜା, ଓପିସିସି କିଷାନ ବିଭାଗ ଅଧକ୍ଷ ଅଭୟ ସାହୁ, ଓପିସିସି ସମବାୟ ପ୍ରକୋଷ୍ଠର ଅଧକ୍ଷ ଅମିୟ କୁମାର ପଟ୍ଟନାୟକ ସରକାରଙ୍କୁ ଦାୟୀ କରିଛନ୍ତି । ଅଧିକ ଫସଲ ଅମଳ ପାଇଁ ସାରର ଯଥେଷ୍ଟ ଆବଶ୍ୟକତା ରହିଥିବା ବେଳେ ଠିକଣା ସମୟରେ ଚାଷୀଙ୍କୁ ଆବଶ୍ୟକ ମୁତାବକ ସାର ଯୋଗାଇଦେବାରେ ଏହି ସରକାର ସମ୍ପୂର୍ଣ୍ଣ ଅସମର୍ଥ । ପ୍ରତିଶ୍ରୁତି ମୁତାବକ ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପ୍ରତି ୩୧ଶହ ଟଙ୍କା ଦେବା ସରକାରଙ୍କ ପକ୍ଷେ ସମ୍ଭବ ହେଉନାହିଁ । ତେଣୁ ଚତୁରତାର ସହିତ ସାର ଯୋଗାଣରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । ◆◆ପୃଷ୍ଠା ୭

## ମୌସୁମୀ ଅଧିବେଶନର ଦ୍ୱିତୀୟ ଦିବସରେ ବି ଅଚଳାବସ୍ଥା ଜାରି

ନୂଆଦିଲ୍ଲୀ,୨୧/୭ : ସଂସଦରେ ମୌସୁମୀ ଅଧିବେଶନର ଆଜି ଦ୍ୱିତୀୟ ଦିବସ ବି ବିରୋଧୀଙ୍କ ହୋହଲ୍ଲା ଓ ହଟ୍ଟଗୋଳ ମଧ୍ୟରେ ଧୋଇଯାଇଛି। ଗୃହ କାର୍ଯ୍ୟ ଆରମ୍ଭ ହେବାର ମାତ୍ର କିଛି ସମୟ ମଧ୍ୟରେ ପ୍ରବଳ ହଟ୍ଟଗୋଳ ଯୋଗୁ ଉଭୟ ଗୃହକୁ ମୁଲତବି ରଖିବାକୁ ପଡ଼ିଛି। ଉଭୟ ଲୋକସଭା ଓ ରାଜ୍ୟସଭାରେ ଆଜି ବିରୋଧୀ ଦଳ ନେତାମାନେ ନିଟ୍ ପେପର ଲିକ୍ ପ୍ରସଙ୍ଗ ଓ ସିଜେପି ଆନ୍ଦୋଳନକାରୀଙ୍କ ଉପରେ ପୁଲିସ ଲାଠିମାଡ଼ ଘଟଣାରେ ଆଲୋଚନା ଦାବି କରି ପ୍ରବଳ ହୋହଲ୍ଲା କରିଥିଲେ। ଲୋକସଭାରେ ଅଧକ୍ଷତା କରୁଥିବା ଦିଲୀପ ସାଇକିଆ ଆଜି ଗୃହ ମୁଲତବି ରଖିବା ପୂର୍ବରୁ କହିଥିଲେ ଯେ ଦୟାକରି ସମସ୍ତେ ନିଜ ନିଜର ସ୍ଥାନରେ ବସନ୍ତୁ। ସମଗ୍ର ଦେଶ ଆପଣମାନଙ୍କୁ ଦେଖୁଛି। ସଂସଦକୁ ବ୍ୟାନର, ପୋଷ୍ଟର ଓ କଳା ପୋଷାକ ଧରି ଆସିବା ସଂସଦୀୟ ନିୟମର ବିରୁଦ୍ଧାଚରଣ କରୁଛି। ସେହିପରି ରାଜ୍ୟସଭା ଉପାଧକ୍ଷ ହରିବଂଶ ନାରାୟଣ ସିଂହ ଗୃହରେ ଶୃଙ୍ଖଳା ବଜାୟ ରଖିବା ପାଇଁ ଅନୁରୋଧ କରିବା ସତ୍ତ୍ୱେ ବିରୋଧୀ ନେତାମାନେ ଲଗାତାର ହୋହଲ୍ଲା କରି ଗୃହକାର୍ଯ୍ୟରେ ବାଧା ସୃଷ୍ଟି କରିବାରୁ ଗୃହକୁ ମୁଲତବୀ ରଖିବାକୁ ପଡ଼ିଲା। ଗୃହକାର୍ଯ୍ୟ ବାରମ୍ବାର ମୁଲତବୀ ହେବା ଘଟଣାରେ ପ୍ରତିକ୍ରିୟା ରଖି ବିଜେପି ସାଂସଦ ଜଗଦମ୍ବିକା ପାଲ କହିଛନ୍ତି, ଗୃହ ଚଳାଇବା ପାଇଁ ବିରୋଧୀ ଦଳଙ୍କର କୌଣସି ଆଗ୍ରହ ନାହିଁ। ◆◆ପୃଷ୍ଠା ୭

## ବର୍ଷା ଯୋଗୁଁ ଫସଲ କ୍ଷୟକ୍ଷତି ନେଇ ଜିଲ୍ଲାକୁ ରିପୋର୍ଟ ମଗାଯାଇଛି : ମନ୍ତ୍ରୀ

ଭୁବନେଶ୍ୱର, ୨୧/୭ (ନି.ପ୍ର): ବର୍ଷା ଯୋଗୁଁ ଫସଲ କ୍ଷୟକ୍ଷତି ନେଇ ଜିଲ୍ଲାକୁ ରିପୋର୍ଟ ମଗାଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ପ୍ରତିକ୍ରିୟା ରଖିଛନ୍ତି।

## ଚକମା ଦେଲା କଂଗ୍ରେସ: ରାହୁଲଙ୍କୁ ଉଠାଇନେଲା ପୁଲିସ

ନୂଆଦିଲ୍ଲୀ,୨୧/୭ : ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାକୁ ଅସ୍ତ୍ର କରିଥିବା କଂଗ୍ରେସ ଦଳ ଆଜି ଦିଲ୍ଲୀରେ ସରକାରଙ୍କୁ ଚକମା ଦେଇଛି। ସଂସଦର ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନରେ କଂଗ୍ରେସର ତୁଙ୍ଗ ନେତାମାନେ ପ୍ରଧାନମନ୍ତ୍ରୀ ରହୁଥିବା ୭, ଲୋକକଲ୍ୟାଣ ମାର୍ଗସ୍ଥିତ ବାସଭବନ ନିକଟରେ ହଠାତ୍? ଧାରଣାରେ ବସି ଆନ୍ଦୋଳନ କରିଥିଲେ। ପୁଲିସ ଓ ଗୁଇନ୍ଦା ଏ ସଂପର୍କରେ ସାମାନ୍ୟ ସୁରାକ ପାଇ ନ ଥିଲା। କଂଗ୍ରେସ ଦଳର ଏହି ରଣନୀତି କିଛି ସମୟ ପାଇଁ ସରକାର ଓ ପ୍ରଶାସନର ନିଦ ହଜାଇ ଦେଇଥିଲା। ଅପରାହ୍ଣ ପ୍ରାୟ ସାଢ଼େ ୩ଟାରୁ କଂଗ୍ରେସ ନେତାମାନେ ଧାରଣା ଆରମ୍ଭ କରିଦେଇଥିଲେ। ଧାରଣାରେ



ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ରାଜ୍ୟସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ, ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଓ କେରଳ ମୁଖ୍ୟମନ୍ତ୍ରୀ ଭିଡି ସତୀଶନ ମଧ ଧାରଣାରେ ବସିଥିଲେ। କଂଗ୍ରେସ ସାଂସଦ ଓ ବରିଷ୍ଠ ନେତାମାନେ ସଡ଼କକୁ ଓହ୍ଲାଇବାର କିଛି ସମୟ ପରେ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଧାରଣା ସ୍ଥଳରେ ପହଞ୍ଚି ରାହୁଲଙ୍କ ସହ ଆଲୋଚନା କରିଥିଲେ। ଏହାପରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ସିଂହ ଗୃହମନ୍ତ୍ରୀ ଅମିତ ଶାହଙ୍କ ନିକଟକୁ ଯାଇଥିଲେ। ଶାହଙ୍କ ସହ ଆଲୋଚନା ପରେ ପୁଣି ସେ ରାହୁଲଙ୍କ ସହ କଥା ହୋଇଥିଲେ। ଏହି ପରିପ୍ରେକ୍ଷୀରେ ସାମାଜିକ ଗଣମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, ରାହୁଲଙ୍କ ଦାବି ଥିଲା ନିଟ୍ ପ୍ରସଙ୍ଗରେ ସଂସଦରେ ଆଲୋଚନା କରାଯାଉ। ରାହୁଲଙ୍କ ଉକ୍ତ ଦାବିକୁ ମଧ ଗ୍ରହଣ କରାଯାଇଥିଲା। କିନ୍ତୁ ରାହୁଲ ତାଙ୍କର ପୂର୍ବ କଥାରୁ ଓହରି ଯାଇ ଆମର ଦୁଇଟି ◆◆ପୃଷ୍ଠା ୭


ସାଗରିକା

ଧ୍ୱନି ପ୍ରତିଧ୍ୱନି

ସ୍ୱନକ୍ଷତ୍ର ଦିବସ ସମାରୋହ-୨୦୨୬

ଅବଗଣନା

୦୫ ଦିନ ବାକି

ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ରାଜ୍ୟର ବିଶିଷ୍ଟ ସାହିତ୍ୟ ସାଧକମାନଙ୍କ ସମାଗମରେ ପ୍ରତିଭା ସମ୍ମାନ ପର୍ବ, ଏବଂ ବହୁ ଆକାଂକ୍ଷିତ 'ଧ୍ୱନିପ୍ରତିଧ୍ୱନି' ଓ 'ସାଗରିକା'ର ସ୍ୱନକ୍ଷତ୍ର ବିଶେଷାଙ୍କ ଉନ୍ମୋଚନ ଓ ସ୍ୱରଚିତ କବିତା ପାଠୋତ୍ସବ କରାଯିବ।

ସମସ୍ତଙ୍କୁ ସାଦର ଆମନ୍ତ୍ରଣ।

୨୬ ଜୁଲାଇ, ୨୦୨୬, ରବିବାର ପୂର୍ବାହ୍ନ @ ୯ ଘଟିକା

ସ୍ଥାନ: ଭେନିଆ ପାରାଡାଇଜ୍, ବାଲେଶ୍ୱର

# ଭକ୍ତି ସୁଧା ପକ୍ଷରୁ ଯୁଗେ ଯୁଗେ ଜଗନ୍ନାଥ



ବାଲେଶ୍ୱର,୨୧/୦୭ (ନି.ପ୍ର): ମହାପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କ ନବଦିନାତ୍ମକ ରଥଯାତ୍ରା ଅବସରରେ ଜଗନ୍ନାଥ ସଂସ୍କୃତିର ପ୍ରଚାର ଉଦ୍ଦେଶ୍ୟରେ ବାଲେଶ୍ୱର ସହର ଆଇଟିଆଇ ଛକ ନିକଟସ୍ଥ ଓଡେଶା ଭବନ ପରିସରରେ ଆଧ୍ୟାତ୍ମିକ ଅନୁଷ୍ଠାନ ଭକ୍ତି ସୁଧା ଦ୍ୱାରା ଯୁଗେ ଯୁଗେ ଜଗନ୍ନାଥ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବକୁ ରାଜ୍ୟ ମହିଳା କମିଶନ ଅଧକ୍ଷା ଶୋଭନା ମହାନ୍ତି ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ବସ୍ତାର ବିଧାୟିକା ସୁବାସିନୀ ଜେନା ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଜଗନ୍ନାଥ ସଂସ୍କୃତିର ପ୍ରଚାର ଉଦ୍ଦେଶ୍ୟରେ ଏଭଳି କାର୍ଯ୍ୟକ୍ରମ ଆୟୋଜନକୁ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଭକ୍ତି ସୁଧାର ମୁଖ୍ୟ ଉପଦେଷ୍ଟା ପ୍ରଶାନ୍ତ ଦାସ, ଇଂ ହୃଷିକେଶ ସାହୁ , ବ୍ୟବସାୟୀ ତଥା ସମାଜସେବୀ ଲକ୍ଷ୍ମୀନାରାୟଣ ମହାନ୍ତି, ଚାଟାର୍ଡ ଆକାଉଟାଂଟ ସମାଜସେବୀ ସଞ୍ଜିବ କୁମାର ନାୟକ ଯୋଗଦାନ କରି ନିଜର ବକ୍ତବ୍ୟ ରଖିଥିଲେ ।ଏହି ଅବସରରେ ପ୍ରଭୁ ଜାଗନ୍ନାଥଙ୍କୁ ସମର୍ପିତ ଚିତ୍ରାଙ୍କନ,ନୃତ୍ୟ ଏବଂ କଣ୍ଠ ସଂଗୀତ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ କାର୍ଯ୍ୟକରୁଥିବା ବାଲେଶ୍ୱର ମାଟିର ମହାନ ବ୍ୟକ୍ତି ବିଶେଷ ତଥା ଆଜିମାବାଦ ରଥଯାତ୍ରାର ଆୟୋଜକ ଶିବ ଶଙ୍କର ଭୋଇ, କବି ରବୀନ୍ଦ୍ର ବିଶ୍ୱାଳ,ଓଡିଶୀ ନୃତ୍ୟଗୁରୁ ବସନ୍ତ ଭୋଇ , ଜଗନ୍ନାଥ ପ୍ରେମୀ ଅଶ୍ୱିନୀ ଦାଶଙ୍କୁ କରୁଣା କୈବଲ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି ଉତ୍ସବରେ ଭକ୍ତି ସୁଧାର ସଂପାଦିକା ପ୍ରଣତିଲତା ପ୍ରଧାନ ମଂଚ ଆବାହନ, ସାଂସ୍କୃତିକ ସଂପାଦିକା ଗୀତାଞ୍ଜଳି ପତି ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଉପ ସଭାପତି ଜୟନ୍ତୀ ରାଣୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଂଗଠନର ଉପଦେଷ୍ଟା ବିଶ୍ୱଜିତ ମହାନ୍ତି, ଗୌରହରି ଦାଶ, ସହ ସଂପାଦିକା ଅନୁପମା ଜେନା , ସହ ସଂପାଦକ ସୁଶାନ୍ତ ସିଂ, କୋଷାଧକ୍ଷ ସାଗର ମଳିକ,ଗାୟତ୍ରୀ ବେହେରା, ରମେଶ ବେହେରା, ରାଜା ମଳିକ ପ୍ରମୁଖ ପରିଚାଳନା କରିଥିଲେ ।

# କାଳିମେଳାରୁ ଅଜଣା ପାଗଳ ବ୍ୟକ୍ତି ଉଦ୍ଧାର

ମାଲକାନଗିରି,୨୧/୦୭ (ନି.ପ୍ର): ୨୦ ଜୁଲାଇ (ହି.ସ.)- କାଳିମେଳା ପୋଲିସ ଦ୍ୱାରା ଆଜି କାଳିମେଳାରୁ ଜଣେ ଅଜଣା ପାଗଳ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଛି । ପ୍ରଥମେ ତାଙ୍କୁ କାଳିମେଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ପାଖରେ କୌଣସି ସମ୍ପର୍କୀୟ ନଥିବାରୁ ଉପଯୁକ୍ତ ପରାମର୍ଶ ପରେ ଖାଦ୍ୟ ଏବଂ ପୋଷାକ ଓ ଟଙ୍କା ଯୋଗାଇ ଦିଆଯାଇଥିଲା । ତାଙ୍କ ପୁନର୍ବାସ ପାଇଁ ପୋଲିସ କର୍ମଚାରୀ ଏବଂ ଗାଡ଼ି ଦ୍ୱାରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମାଲକାନଗିରିକୁ ପଠାଯାଇଥିଲା । କିନ୍ତୁ ସେଠାରେ ଜିଲ୍ଲା ମୁଖ୍ୟଚିକିତ୍ସା ଅଧିକାରୀ ଓ ଡାକ୍ତରଙ୍କ ପରାମର୍ଶ ପରେ ଏବେ ତାଙ୍କୁ ପୁନର୍ବାସ ଏବଂ ଚିକିତ୍ସା ପାଇଁ ପୋଲିସ କର୍ମଚାରୀଙ୍କ ସହ କୋରାପୁଟ ପଠାଯାଇଥିବା କାଳିମେଳା ଥାନା ଅଧିକାରୀ ପ୍ରଭୁଦତ ବିଶ୍ୱାଳ ସୂଚନା ଦେଇଛନ୍ତି ।

# ପୁରୀ ପୋଲିସର ଆଂଟି-ସ୍ନାଚିଂ ଅଭିଯାନ : ୪ ଦିନରେ ୧୪୩ ଜଣ ସ୍ନାଚର ଗିରଫ, ୨୫୦ରୁ ଅଧିକ ଚୋରି ମୋବାଇଲ ଜବତ

ପୁରୀ,୨୧/୦୭ (ନି.ପ୍ର): ରଥଯାତ୍ରା ୨୦୨୬ ଅବସରରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଶ୍ରୀକ୍ଷେତ୍ର ପୁରୀକୁ ଆସୁଥିବା ପରିପ୍ରେକ୍ଷୀରେ ସେମାନଙ୍କର ସୁରକ୍ଷା, ନିରାପତା ଓ ନିର୍ବିଘ୍ନ ଦର୍ଶନକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ପୁରୀ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହିତ ଏକ ସ୍ୱତନ୍ତ୍ର ଆଂଟି-ସ୍ନାଚିଂ ଡ୍ରାଇଭ୍ ଜାରି ରହିଛି । ଭିଡ଼ର ସୁଯୋଗ ନେଇ ମୋବାଇଲ, ପର୍ସ, ସୁନା ଅଳଙ୍କାର ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଲୁଟ୍ କରୁଥିବା ଅପରାଧୀଙ୍କ ବିରୋଧରେ ପୁରୀ ପୋଲିସ ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଉଛି । ଗତ ୪ ଦିନ ଧରି ଚାଲିଥିବା ଏହି ସ୍ୱତନ୍ତ୍ର ଅଭିଯାନରେ ପୁରୀ ପୋଲିସ ବିଭିନ୍ନ ଥାନା ଓ ଆଂଟି-ସ୍ନାଚିଂ ଟିମ୍ ର ମିଳିତ ଉଦ୍ୟମରେ ମୋଟ ୧୪୩ ଜଣ ସ୍ନାଚରଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ୨୫୦ରୁ ଅଧିକ ଚୋରି ମୋବାଇଲ ଫୋନ୍ ଜବତ କରାଯାଇଛି । ଆଇନଗତ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ଉଦ୍ଧାର ହୋଇଥିବା ମୋବାଇଲ ଫୋନଗୁଡ଼ିକୁ ସେମାନଙ୍କର ପ୍ରକୃତ ମାଲିକଙ୍କୁ ଫେରସ୍ତ କରାଯାଉଛି । ଏହି ଅଭିଯାନରେ ଟାଉନ ଥାନା ୪୭ ଜଣ ଅଭିଯୁକ୍ତ ଗିରଫ, ସିଂହଦ୍ୱାର ଥାନା ୩୫ ଜଣ ଅଭିଯୁକ୍ତ ଗିରଫ, କୁମ୍ଭାରପଡ଼ା ଥାନା ୩୧ ଜଣ ଅଭିଯୁକ୍ତ ଗିରଫ, ସି ବିଚ୍ ଥାନା ୧୫ ଜଣ ଅଭିଯୁକ୍ତ ଗିରଫ, ବାଲିଆପଣ୍ଡା ଥାନା ୧୩ ଜଣ ଅଭିଯୁକ୍ତ ଗିରଫ, ତାଳବଣିଆ ଥାନା ୨ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି । ପୁରୀ ସହରର ବଡ଼ଦାଣ୍ଡ, ଶ୍ରୀଜଗନ୍ନାଥ ମନ୍ଦିର ପରିସର, ଗୁଣ୍ଡିଚା ମନ୍ଦିର, ସମୁଦ୍ରକୂଳ, ବସଷ୍ଟାଣ୍ଡ, ରେଳ ଷ୍ଟେସନ, ପାର୍କିଂ ସ୍ଥଳୀ ଏବଂ ଅନ୍ୟାନ୍ୟ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ସ୍ୱତନ୍ତ୍ର ନଜରଦାରୀ ବ୍ୟବସ୍ଥା କରାଯାଇଛି । ସାଦା ପୋଷାକଧାରୀ ପୋଲିସ କର୍ମଚାରୀ, ଆଂଟି-ସ୍ନାଚିଂ ଟିମ୍, ସିସିଟିଭି ନିରୀକ୍ଷଣ ଓ ସୂଚନାକୁ ଆଧାର କରି ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି ତୁରନ୍ତ ଗିରଫ କରାଯାଉଛି । ପୁରୀ ଏସପି ପ୍ରତୀକ ସିଂ କହିଛନ୍ତି ଯେ, ରଥଯାତ୍ରା ସମୟରେ ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷା ପୁରୀ ପୋଲିସର ସର୍ବୋଚ୍ଚ ପ୍ରାଥମିକତା । ଚୋରି, ସ୍ନାଚିଂ ଓ ଅନ୍ୟାନ୍ୟ ସମ୍ପତି ସମ୍ବନ୍ଧୀୟ ଅପରାଧକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ଆଂଟି-ସ୍ନାଚିଂ ଅଭିଯାନକୁ ଆହୁରି ଜୋରଦାର କରାଯାଇଛି ଏବଂ ଏହି ଅଭିଯାନ ଆଗାମୀ ଦିନରେ ମଧ୍ୟ ନିରନ୍ତର ଜାରି ରହିବ । ଏପରି ଅପରାଧରେ ସମ୍ପୃକ୍ତ କୌଣସି ବ୍ୟକ୍ତିଙ୍କୁ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନରୁ ରକ୍ଷା ମିଳିବ ନାହିଁ ।

ପୁରୀ ପୋଲିସ ସମସ୍ତ ଶ୍ରଦ୍ଧାଳୁ ଓ ସାଧାରଣ ଜନତାଙ୍କୁ ଅନୁରୋଧ କରୁଛି ଯେ, ଜନଗହଳିପୂର୍ଣ୍ଣ ସ୍ଥାନରେ ନିଜର ମୋବାଇଲ ଫୋନ୍, ପର୍ସ, ସୁନା ଅଳଙ୍କାର ଓ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ପ୍ରତି ସତର୍କ ରୁହନ୍ତୁ । କୌଣସି ସନ୍ଦିଗ୍ଧ ବ୍ୟକ୍ତି କିମ୍ବା ସ୍ନାଚିଂ ସମ୍ପର୍କିତ ଘଟଣା ଦେଖିଲେ ତୁରନ୍ତ ନିକଟସ୍ଥ ପୋଲିସ କର୍ମଚାରୀ କିମ୍ବା ପୋଲିସ କଂଟ୍ରୋଲ ରୁମ୍ ୧୧୨କୁ ସୂଚନା ଦିଅନ୍ତୁ । ପୁରୀ ପୋଲିସ ଶ୍ରୀକ୍ଷେତ୍ରକୁ ଆସୁଥିବା ପ୍ରତ୍ୟେକ ଭକ୍ତ, ପର୍ଯ୍ୟଟକ ଓ ସାଧାରଣ ନାଗରିକଙ୍କୁ ଏକ ସୁରକ୍ଷିତ, ନିରାପଦ ଓ ନିର୍ବିଘ୍ନ ପରିବେଶ ପ୍ରଦାନ କରିବା ପାଇଁ ସଦା ସର୍ବଦା ପ୍ରତିବଦ୍ଧ । ରଥଯାତ୍ରା ସମୟରେ ଏହି ସ୍ୱତନ୍ତ୍ର ଆଂଟି-ସ୍ନାଚିଂ ଅଭିଯାନ ନିରନ୍ତର ଜାରି ରହିବ ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ନୂଆପଡ଼ା,୨୧/୦୭ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ପରିସରରେ ଆଜି ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଲ ସିଂଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ସାଧାରଣ ଲୋକଙ୍କ ଅଭିଯୋଗର ଶୁଣାଣୀ କରାଯିବା ସହ ସେଗୁଡ଼ିକର ତ୍ୱରିତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଆଜିର ଶିବିରରେ ମୋଟ ୧୧୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୦୩ଟି ବ୍ୟକ୍ତିଗତ ଏବଂ ୧୫ଟି ସାମୂହିକ ଅଭିଯୋଗ ଥିଲା । ପ୍ରତ୍ୟେକ ଅଭିଯୋଗର ଶୁଣାଣୀ କରାଯାଇ ଯଥାଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ଦୁଇଜଣ ଅସହାୟ ବ୍ୟକ୍ତିଙ୍କୁ ରେଡକ୍ରସ ପାଣ୍ଠିରୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଲୋହରାପାଲି ଗ୍ରାମର ସଞ୍ଜୁଲତା ନାଏକଙ୍କୁ ୧୦,୦୦୦ ଟଙ୍କା ଏବଂ ସିନାପାଲି ବ୍ଲକ ଗଣ୍ଡାବାହାଲି ଗ୍ରାମର ତାରା ବାଗଙ୍କୁ ୫,୦୦୦ ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା । ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଦ୍ୱାରିକାନାଥ ଶତପଥୀ, ଖଡ଼ିଆଳ ବନଖଣ୍ଡ ଅଧିକାରୀ (କେନ୍ଦୁପତ୍ର) ଏ. ମାଧବୀଲତା, ଖଡ଼ିଆଳ ପଂଚାୟତ ସମିତି ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଜିଲ୍ଲା ପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା ପ୍ରମୁଖ ଉପସ୍ଥିତ ଥିଲେ । ବିଡିଓ ମିଳନ କୁମାର ଝାଙ୍କର, ତହସିଲଦାର ନରସିଂହ ଗଡବା, ଖଡ଼ିଆଳ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ କେତନ ମହାରଣା ଏବଂ ଡେପୁଟି ଜିଲ୍ଲାପାଳ ଶେଖ ନସୀମଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଅଭିଯୋଗ ଶୁଣାଣୀ ଶିବିର ଅବସରରେ ବ୍ଲକ ପରିସରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଓ ଆୟୁଷ୍ମାନ ଆରୋଗ୍ୟ ଶିବିର ଆୟୋଜନ କରାଯାଇଥିଲା । ସେହିପରି ଦୋହେଲପଡ଼ା ଗ୍ରାମ ପଂଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର, 'ଝିଅ ପାଇଁ ଗଛଟିଏ', 'ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ' ଏବଂ 'ପ୍ଲାଷ୍ଟିକ ମୁକ୍ତ ନୂଆପଡ଼ା' ଅଭିଯାନ ଅଧୀନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

# ସଙ୍କଟରେ ବାଉଁଶ କାରିଗରଙ୍କ ବେଉସା

ଜୟପୁର,୨୧/୦୭ (ନି.ପ୍ର): କୋରାପୁଟ ଜିଲାରେ ସଙ୍କଟରେ ବାଉଁଶ କାରିଗରଙ୍କ ବେଉସା । ଏକଦା ଗ୍ରାହକଙ୍କ ଚାହିଦା ଅନୁସାରେ ସାମଗ୍ରୀ ପ୍ରସ୍ତୁତ କରିବାକୁ ବେଳ ମିଳୁ ନଥିବାବେଳେ ଏବେ, ଚୁଲି ଜଳିବ କି ନାହିଁ ତାହା ସୁନିଶ୍ଚିତ ହୋଇପାରୁନି । ପ୍ଲାଷ୍ଟିକର ଚାହିଦା ଏହି ବେଉସାକୁ ଧିରେ ଧିରେ ବୁଡ଼ାଇ ଦେବାକୁ ବସିଛି । ତା' ସାଙ୍ଗକୁ ଦରଦାମ ବୃଦ୍ଧି ଏହି ବେଉସାକୁ ଦାଉ ସାଧୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ । କୋରାପୁଟ ଜିଲାର ଜୟପୁର ଏମଜି ରୋଡରେ ପ୍ରତିପୋଷଣ କରୁଥିବା ମେଦେରି ପରିବାର ଏବେ ବଂଚିବା ପାଇଁ ସଂଘର୍ଷ କରୁଥିବା ଲକ୍ଷ୍ୟ କରାଯାଇଛି । କୋରାପୁଟ ଜିଲ୍ଲାର ଜୟପୁର ପୌରାଚଂଳରେ ପ୍ରାୟ ୨୦ରୁ ୨୫ ମେଦରି ପରିବାର ବସବାସ କରୁଛନ୍ତି । ପିଢ଼ି ପରେ ପିଢ଼ି ବାଉଁଶରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ପେଟ ପୋଷନ୍ତି । ହେଲେ କ୍ରମାଗତ ଭାବରେ ଏହି ବେପାରରେ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି । ଆଧୁନିକତା ଓ ପ୍ଲାଷ୍ଟିକ ସାମଗ୍ରୀର ବହୁଳ ବ୍ୟବହାର ବାଉଁଶ ଶିଳ୍ପକୁ ବୁଡ଼ାଇ ଦେବାକୁ ବସିଛି । ଜୟପୁର ସହରର ବାଉଁଶ କାରିଗରଙ୍କ କୌଳିକ ବୃତିର ଅସ୍ତିତ୍ୱ ସଙ୍କଟ ଆଡ଼କୁ ଠେଲି ହୋଇଯାଇଛି । ପୂର୍ବରୁ ଏହି କାରିଗରମାନେ ବାଉଁଶରୁ ଝୁଲା, ବାଉଁଶିଆ, ଝୁଡ଼ି, ବେତା, ଟୋକେଇ, ମାଛ ପାଇଁ ସ୍ୱତନ୍ତ୍ର ବାଉଁଶ ଟୋକେଇ ଓ ରିକ୍ସାରେ ଲାଗୁଥିବା ପାଟିଆ ତିଆରି କରି ସମ୍ମାନର ସହ ପରିବାର ପ୍ରତିପୋଷଣ କରୁଥିଲେ । ପରିବାରର ଛୋଟରୁ ବଡ଼ ଯାଏ ସମସ୍ତେ ଏହି କାମରେ ହାତ ବଢ଼ାଉଥିଲେ । ପ୍ରତ୍ୟେକ ପରିବାର ଏକ ଟ୍ରେନିଂ ସେଂଟର ଥିଲା । ବାପାଙ୍କୁ ଛୋଟବଡ଼ ସାଇଜ୍ ର ବାଉଁଶ ବଢ଼ାଉ ବଢ଼ାଉ, ପୁଅ ଜିନିଷ ତିଆରି କରିବାର କୌଶଳ ଶିଖି ଯାଉଥିଲା । ଜଣେ ଭଲ କାରିଗର ହୋଇ ବାହାରୁଥିଲା । ହେଲେ କ୍ରମେ ସମୟ ବଦଳିଯାଇଛି । ବାଉଁଶ ପାତ୍ରର ଜାଗା ପ୍ଲାଷ୍ଟିକ୍ ନେଇଯାଇଛି । ବାଉଁଶ ଦର ବି ଅହେତୁକ ବୃଦ୍ଧି ପାଇଛି । ସ୍ଥିତି ଆଶଙ୍କାରେ ବାଉଁଶ କାରିଗରଙ୍କ ବେଉସା ଜାଗା ମାଡ଼ିବସିଛି ପ୍ଲାଷ୍ଟିକ୍ । ବାଉଁଶ ଦର ସହ ପରିଶ୍ରମର ମୂଲ୍ୟକୁ ଏକାଠି କରିବା ପରେ ଲାଭ ବାହାରୁନାହିଁ । ୧୦ ବର୍ଷ ତଳେ ଦିନକୁ ୫୦୦ ଟଙ୍କା ରୋଜଗାର କଲେ ଖର୍ଚ୍ଚ ପରେ ବି ୨୫୦ ଟଙ୍କା ଯେଉଁଠି ବଳୁଥିଲା, ସେଠାରେ ଆଜି ପରିବାରର ଦୁଇ ଜଣ ମିଶି ୫୦୦ ଟଙ୍କା ରୋଜଗାର କଲେ ବି ଚୁଲି ଜଳାଇବା କଷ୍ଟକର ହୋଇପଡୁଛି । ଦର ଦାମ ବି ବୃଦ୍ଧି ପାଉଛି ବୋଲି ବାଉଁଶ କାରିଗର ମାନେ ସୂଚନା ଦେଇଛନ୍ତି । ତେଲ ଲୁଣରେ ଘର ଚଳାଇବା କଷ୍ଟକର ହୋଇପଡ଼ିଛି । ବାଉଁଶର ଅହେତୁକ ଦାମ ବୃଦ୍ଧି ହେଉଛି ଯେଉଁ ବାଉଁଶରୁ ଜିନିଷ ପ୍ରସ୍ତୁତ କଲେ ମଜଭୁତ ହେବ, ସେଭଳି ବାଉଁଶ ଦର ଆକାଶ ଛୁଆଁ ହୋଇଛି । ଏପଟେ ପ୍ଲାଷ୍ଟିକରେ ପ୍ରସ୍ତୁତ ସାମଗ୍ରୀର ଦର ବହୁତ କମ୍ ରହୁଥିବାରୁ, ଗ୍ରାହକ କମ୍ ଖର୍ଚ୍ଚରେ ନେବାକୁ ପସନ୍ଦ କରୁଛନ୍ତି । ଯାହା ପେଟକୁ ଲାତ ମାରିଛି । ପୂର୍ବରୁ ଅନ୍ୟ ରାଜ୍ୟକୁ ମାଛ ପରିବହନ ପାଇଁ ବାଉଁଶ ଝୁଡ଼ି ଓ ରିକ୍ସା ପାଇଁ ବାଉଁଶ ପାଟିଆର ବହୁତ ଚାହିଦା ଥିଲା । ହେଲେ ଏବେ ଆଉ ରିକ୍ସା ନାହିଁ । ମାଛ ପରିବହନ ପାଇଁ ପ୍ଲାଷ୍ଟିକ ଟ୍ରେ ବହୁତ ଶସ୍ତାରେ ମିଳିଯାଉଥିବାରୁ ବେପାରୀ ବାଉଁଶକୁ ପସନ୍ଦ କରୁନାହାନ୍ତି । ପରିବେଶ ଅନୁକୂଳ ଓ ବହୁ ଉପଯୋଗୀ ହୋଇ ମଧ୍ୟ ବାଉଁଶ ପ୍ରସ୍ତୁତ ସାମଗ୍ରୀ ପାଖକୁ ଗ୍ରାହକ ଆସୁନାହାନ୍ତି । ଏବେ କେବଳ କିଛି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ତିଆରି କରୁଛୁ । ପରମ୍ପରା ସହ ଜଡ଼ିତ କିଛି ସାମଗ୍ରୀ ଲୋକ ନେବାକୁ ବାଧ ହେଉଥିବାରୁ ପରିବାର ପେଟକୁ ଦାନା ମିଳୁଛି । ବ୍ୟବସାୟ ବଦଳାଇବାକୁ ପୁଞ୍ଜି ନାହିଁ କି ଜ୍ଞାନ କୌଶଳ ମଧ୍ୟ ନାହିଁ ବାଧ ହୋଇ ଜୀବନ ଜୀବିକାକୁ ନେଇ ସଂଗ୍ରାମ ଜାରି ରହିଛି । । ବିନା ପ୍ରଶିକ୍ଷଣରେ ବାଉଁଶକୁ ନିଆରା ରୂପ ଦେଉଥିବା ଏହି ହାତଗଣତି ପରିବାରର ନୂଆ ପିଢ଼ି ଏହି କାମ କରିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି । ବେଉସାର ଭବିଷ୍ୟତ ନଥିବାରୁ ସେମାନେ ଜୀବନ ବଂଚାଇବାକୁ ଅନ୍ୟ କାମ କରିବାକୁ ବାଧ ହେଉଛନ୍ତି । ନଚେତ୍ ବାହାର ରାଜ୍ୟକୁ ଚାଲି ଯାଉଛନ୍ତି । ସରକାରଙ୍କ ପକ୍ଷରୁ ରାସନ କାର୍ଡରେ ମାସିକ ଚାଉଳ ବ୍ୟତୀତ ଆଉ କୌଣସି ସହାୟତା କିମ୍ବା ପ୍ରୋତ୍ସାହନ ମିଳୁନାହିଁ । ଏହି କାର୍ଯ୍ୟ ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା ମଧ୍ୟ ନାହିଁ । କାରିଗର ମାନ୍ୟତା ଦେବା ସହ ଆଧୁନିକ ଡିଜାଇନର ପ୍ରଶିକ୍ଷଣ, ନମୁନା ବିକାଶ ଓ ବିଭିନ୍ନ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଗଲେ ହିଁ ଏହି କୌଳିକ ବୃତ୍ତି ବଂଚିପାରିବ ନଚେତ ଆଖିଆଗରେ ଏହି ନିଆରା କଳା ଲୋପ ପାଇଯିବ ବୋଲି ସୂଚନା ଦିଆଯାଇଛି ।

# ଓପିଜିସି ପକ୍ଷରୁ ୨୫୦୦ ଚାରାରୋପଣ

ଝାରସୁଗୁଡ଼ା,୨୧/୦୭ (ନି.ପ୍ର): ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ(ଓପିଜିସି) ପକ୍ଷରୁ ଇବ ଥର୍ମାଲ ପାୱାର ଷ୍ଟେସନ (ଆଇଟିପିଏସ୍) ହେଲିପ୍ୟାଡ୍ ପଡ଼ିଆରେ 'ବନ ମହୋତ୍ସବ' ଅବସରରେ ଦେଶବ୍ୟାପୀ 'ଏକ ପେଡ୍ ମା' କେ ନାମ' ଅଭିଯାନ ଅଧୀନରେ ଏକ ବ୍ୟାପକ ଚାରାରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ଓପିଜିସିର ନିର୍ଦ୍ଦେଶକ (ପରିଚାଳନା) ଅଞ୍ଜନା ରଞ୍ଜନ ଦାଶ ନେତୃତ୍ୱ ନେଇଥିବା ବେଳେ ଓପିଜିସିର ପରିବେଶ ବିଭାଗ ଏହାକୁ ପରିଚାଳନା କରିଥିଲା । ଓପିଜିସିର କର୍ମଚାରୀଙ୍କ ସହ ଇବ ଥର୍ମାଲ ଡିଏଭି ସ୍କୁଲର ଛାତ୍ରଛାତ୍ରୀ ଏବଂ ଆଇଟିପିଏସ୍ ଲେଡିଜ୍ କ୍ଲବର ସଦସ୍ୟମାନେ ଚାରା ରୋପଣ କରିଥିଲେ । ୨,୫୦୦ ଚାରା ରୋପଣ କରାଯାଇଥିଲା । ଏହି ଅବସରରେ ନିର୍ଦ୍ଦେଶକ ଏ. ଆର. ଦାଶ କହିଥିଲେ ଯେ, ଜଳବାୟୁ ପରିବର୍ତନର ମୁକାବିଲା ଏବଂ ପରିବେଶୀୟ ସନ୍ତୁଳନ ରକ୍ଷା ପାଇଁ ଚାରାରୋପଣ ଅତ୍ୟନ୍ତ ଆବଶ୍ୟକ ।

# ଲଖନପୁରଠାରେ ଯୁଗ୍ମ ଅଭିଯୋଗ ଶୁଣାଣି: ୪୯ଟି ଅଭିଯୋଗ ପତ୍ର ଗ୍ରହଣ, ୪ ଜଣଙ୍କୁ ୭୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ

ଝାରସୁଗୁଡ଼ା,୨୧/୦୭ (ନି.ପ୍ର): ଲଖନପୁର ବ୍ଲକ ମୁଖ୍ୟାଳୟ ପରିସରରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ସ୍ଥାନୀୟ ଜନସାଧାରଣଙ୍କ ବିଭିନ୍ନ ଆପତି ଓ ଅଭିଯୋଗର ଶୁଣାଣି କରାଯାଇ ସମାଧାନ ପାଇଁ ପଦକ୍ଷେପ ନିଆଯାଇଛି । ଏହି କାର୍ଯ୍ୟକ୍ରମରେ ସମୁଦାୟ ୪୯ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା ।

ଏହି ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଲଖନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମେତ ଜିଲ୍ଲା ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଗ୍ରହଣ କରାଯାଇଥିବା ମୋଟ ୪୯ଟି ଆବେଦନ ମଧ୍ୟରୁ ୩୬ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୧୩ଟି ସାମୂହିକ ବା ଗୋଷ୍ଠୀଗତ ଆବେଦନ ରହିଥିଲା । ଏହି ଅବସରରେ ଜରୁରୀ ଆର୍ଥିକ ସହାୟତା ପାଇଁ ଆସିଥିବା ଆବେଦନଗୁଡ଼ିକ ମଧ୍ୟରୁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୧ଟି ଏବଂ ରେଡକ୍ରସ ଫଣ୍ଡରୁ ୩ଟି ଆବେଦନକୁ ମଞ୍ଜୁର କରାଯାଇଥିଲା । ଶିବିରରେ ତତ୍କାଳ ସହାୟତା ସ୍ୱରୂପ ମୋଟ ୪ ଜଣ ହିତାଧିକାରୀଙ୍କୁ ୭୦ ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା । ଗ୍ରହଣ କରାଯାଇଥିବା ଅଭିଯୋଗଗୁଡ଼ିକ ମଧ୍ୟରେ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜମିଜମା ବିବାଦ, ଜମି ସୀମା ନିର୍ଦ୍ଧାରଣ, ଜମି ପଟ୍ଟା ବଂଟନ, ଧାନ କ୍ରୟ ଏବଂ ମଣ୍ଡି ସମସ୍ୟା, ବାର୍ଦ୍ଧକ୍ୟ ଭତା ଏବଂ ଗ୍ରାମୀଣ ରାସ୍ତାଘାଟ ନିର୍ମାଣ ଓ ମରାମତି ଭଳି ଜନସ୍ୱାର୍ଥ ସମ୍ବଳିତ ବିଷୟଗୁଡ଼ିକ ପ୍ରମୁଖ ଥିଲା । ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସମସ୍ତ ଅଭିଯୋଗର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିଷ୍ପତି ନେଇ ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ଲଗାଣ ବର୍ଷାରେ ଜଳମଗ୍ନ ଚାଷଜମି: ଫସଲ ନଷ୍ଟ ଆଶଙ୍କାରେ ଚିନ୍ତାରେ ଚାଷୀ

ନୂଆପଡ଼ା,୨୧/୦୭ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକର ବିଭିନ୍ନ ସ୍ଥାନରେ ଗତ ଦୁଇ ଦିନ ଧରି ଲଗାଣ ବର୍ଷା ଯୋଗୁଁ ବହୁ ଅଂଚଳ ବରଗାଁ, ସନାମହେସ୍ୱର, ବିରିଘାଟ, ଡୁଆଝର, ସରଧାପୁର, ତୁକଲା, ନେହେନା, କିରିକିଟା ଏପରି ଅନେକ ପଂଚାୟତର ଚାଷଜମି ଜଳମଗ୍ନ ହୋଇପଡ଼ିଛି । ଧାନ ସହ ବିଭିନ୍ନ ଫସଲ ପାଣିରେ ବୁଡ଼ି ରହିଥିବାରୁ ଚାଷୀ ମାନଙ୍କ ମଧ୍ୟରେ ଫସଲ ନଷ୍ଟ ହେବାର ଆଶଙ୍କା ରହିଛି । ଏପରି ଲଗାଣ ବର୍ଷା ଜାରି ରହିଲେ ଚାଷକାର୍ଯ୍ୟ ଅଧିକ ପ୍ରଭାବିତ ହେବା ସହ ଅମଳ ସମୟରେ ଉତ୍ପାଦନ କମିବାର ଭୟ ରହିଛି । କୃଷି ବିଭାଗ ପକ୍ଷରୁ ଚାଷ ଜମିରେ କ୍ଷୟକ୍ଷତିର ଆକଳନ କରି ପ୍ରଭାବିତ ଚାଷୀଙ୍କୁ ସହାୟତା ଯୋଗାଇବା ପାଇଁ ସରକାରୀ ପଦକ୍ଷେପ ନେବାକୁ ଚାଷି ମହଲରେ ଦାବି ହେଉଛି ।

# ୫ ବର୍ଷ ନପୂରୁଣୁ ଭାଙ୍ଗି ପଡ଼ିଲା ମାର୍କେଟ କମ୍ପ୍ଲେକ୍ସର ସୁରକ୍ଷା ବାଡ଼ ସ୍ଲାପ୍

ଚମ୍ପୁଆ,୨୧/୦୭ (ନି.ପ୍ର): ନିମ୍ନମାନର ନିର୍ମାଣ କାର୍ଯ୍ୟର ଆଉ ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଚମ୍ପୁଆ ସହରରେ । ସରକାରୀ ଅର୍ଥର ଶ୍ରାଦ୍ଧ କରାଯାଇ କିଭଳି କାମ କରାଯାଉଛି, ତାହା ପ୍ରମାଣିତ କରିଛି ଚମ୍ପୁଆ ଜେଲଖାନା ସମ୍ମୁଖରେ ଥିବା ନବନିର୍ମିତ ମାର୍କେଟ କମ୍ପ୍ଲେକ୍ସ । ନିର୍ମାଣର ମାତ୍ର ୫ ବର୍ଷ ନଯାଉଣୁ ଏହି କମ୍ପ୍ଲେକ୍ସର ସିଡ଼ି ଗୃହ ଉପରେ ଥିବା ସିମେଂଟ କଂକ୍ରିଟ ସୁରକ୍ଷା ବାଡ଼ ସ୍ଲାପ୍ ଟି ସମ୍ପୂର୍ଣ୍ଣ ଭାଙ୍ଗି ଝୁଲି ପଡ଼ିଛି । ତେବେ ସୌଭାଗ୍ୟବଶତଃ ଏକ ବଡ଼ ବିପତିରୁ ସ୍ଥାନୀୟ ଲୋକେ ଅଳ୍ପକେ ବର୍ତି ଯାଇଛନ୍ତି । ମିଳିଥିବା ସୂଚନା ମୁତାବକ, ପ୍ରାୟ ୫ ବର୍ଷ ପୂର୍ବେ ବହୁ ବ୍ୟୟରେ ଏହି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଥିଲା । କିନ୍ତୁ ଦୁଃଖର ବିଷୟ, ନିର୍ମାଣ ଶେଷ ହେବାର ଏତେ ବର୍ଷ ପରେ ମଧ୍ୟ ଏହାକୁ ଦୋକାନୀମାନଙ୍କୁ ହସ୍ତାନ୍ତର କରାଯାଇ ନାହିଁ । ଫଳରେ ସମ୍ପୂର୍ଣ୍ଣ କମ୍ପ୍ଲେକ୍ସଟି ବନ୍ଦ ପଡ଼ି ରହିଛି । ବ୍ୟବହାର ହେବା ପୂର୍ବରୁ ହିଁ କୋଠାର ସୁରକ୍ଷା ବାଡ଼ ଭାଙ୍ଗିବା ସ୍ଥାନୀୟ ଅଂଚଳରେ ନିର୍ମାଣର ସ୍ଥାୟିତ୍ୱ ଓ ଗୁଣବତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ସିଡ଼ି ଗୃହର ଠିକ୍ ପଛ ପଟେ ଏକ ଚାହା ଦୋକାନ ରହିଛି, ଯେଉଁଠାରେ ସବୁବେଳେ ଗ୍ରାହକମାନଙ୍କର ପ୍ରବଳ ଭିଡ଼ ଜମିଥାଏ । ଗତକାଲି ସନ୍ଧ୍ୟା ସମୟରେ ହଠାତ ଏହି ସୁରକ୍ଷା ବାଡ଼ ସ୍ଲାପ୍ ଟି ଭାଙ୍ଗି ଚାହା ଦୋକାନର ଟିଣ ଛାଉଣୀ ଉପରେ ପଡ଼ିଥିଲା । ପ୍ରବଳ ଶବ୍ଦ ଯୋଗୁଁ ଆଖପାଖ ଲୋକେ ଆତଙ୍କିତ ହୋଇପଡ଼ିଥିଲେ । ଏହି ଦୁର୍ଘଟଣାରେ ଦୋକାନର ଟିଣ ଛାଉଣୀଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ, ସେଠାରେ ଉପସ୍ଥିତ ଥିବା ଲୋକେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ଯଦି ଏହି ସ୍ଲାପ୍ ଟି ସେଠାରେ ଠିଆ ହୋଇଥିବା ଲୋକଙ୍କ ଉପରେ ପଡ଼ିଥାନ୍ତା, ତେବେ କୌଣସି ବଡ଼ ଧରଣର ଜୀବନହାନି ଘଟିଥାନ୍ତା ବୋଲି ଆଶଙ୍କା କରାଯାଉଛି । ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ତିଆରି ହୋଇଥିବା ମାର୍କେଟ କମ୍ପ୍ଲେକ୍ସର ଏଭଳି ଅବସ୍ଥାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ନିମ୍ନମାନର କାର୍ଯ୍ୟ ପାଇଁ ଦାୟୀ ଥିବା ଠିକାଦାର ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

# ଖଡ଼ିଆଳ ହିରାନଗରର ରାସ୍ତା ବିପର୍ଯ୍ୟସ୍ତ

ନୂଆପଡ଼ା,୨୧/୦୭ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରର ହିରାନଗର ଅଂଚଳକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଦୀର୍ଘଦିନ ଧରି ଶୋଚନୀୟ ଅବସ୍ଥାରେ ପଡ଼ିରହିଛି । ବର୍ଷା ଦିନରେ ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହେବା ସହ ପାଣି ଜମି ରହୁଥିବାରୁ ସାଧାରଣ ଲୋକଙ୍କ ଯାତାୟାତ ଅତ୍ୟନ୍ତ କଷ୍ଟସାଧ ହୋଇପଡ଼ିଛି । ପ୍ରତିଦିନ ଶତାଧିକ ଲୋକ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ବେଳେ ସେମାନେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତା ନିକଟରେ ଯୁକ୍ତ-୩ ମହିଳା ଡିଗ୍ରୀ କଲେଜ ରହିଥିବାରୁ ପ୍ରତିଦିନ ଅନେକ ଛାତ୍ରୀ ଏହି ପଥ ଦେଇ କଲେଜକୁ ଯାତାୟାତ କରୁଛନ୍ତି । ବର୍ଷା ସମୟରେ ରାସ୍ତା କାଦୁଅରେ ପରିଣତ ହେଉଥିବାରୁ ଛାତ୍ରୀମାନଙ୍କୁ ବହୁ ଅସୁବିଧା ଭୋଗିବାକୁ ପଡୁଛି । ଅନେକ ସମୟରେ କାଦୁଅରେ ପଡ଼ି ଦୁର୍ଘଟଣା ଘଟିବାର ଆଶଙ୍କା ମଧ୍ୟ ସୃଷ୍ଟି ହେଉଛି । ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ, ଦୀର୍ଘଦିନ ଧରି ରାସ୍ତା ମରାମତି ପାଇଁ ଦାବି କରାଯାଉଥିଲେ ମଧ୍ୟ ସମ୍ପୃକ୍ତ ବିଭାଗ ଏହାକୁ ଗୁରୁତ୍ୱ ଦେଉନାହାନ୍ତି । ଖାଲଖମାରେ ଭରିଥିବା ରାସ୍ତାରେ ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳ କରିବା ବିପଦଜନକ ହୋଇପଡ଼ିଛି । ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ସେବା ମଧ୍ୟ ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି ।

ସ୍ଥାନୀୟ ଲୋକ ଓ କଲେଜ ଛାତ୍ରୀ ରୁବିନା ସାହୁ, ବନ ସାହୁ, ସବିତ ସାହୁ, ବିନିତା ସାହୁ, ହୀନା ପରବିନ, ଜାହିରା ପରବିନ, ମାନିନୀ ସାହୁ, ମମତା ସାହୁ, ସବିତା ରଣା, ଲକ୍ଷ୍ମୀ ବାରିକ, ଝୁଲି ବାରିକ ପ୍ରମୁଖଙ୍କ ସହ ପଡ଼ାବାସୀ ପ୍ରଶାସନ ନିକଟରେ ହିରାନଗର ରାସ୍ତାର ତୁରନ୍ତ ମରାମତି ଓ ସ୍ଥାୟୀ ଉନ୍ନତି କାର୍ଯ୍ୟ କରିବାକୁ ଦାବି କରିଛନ୍ତି । ବର୍ଷା ଋତୁରେ ଲୋକଙ୍କ ଦୁର୍ଦ୍ଦଶାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ବିଭାଗ ଶୀଘ୍ର ପଦକ୍ଷେପ ନେବ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି । ଏବେ ଦେଖିବାକୁ ବାକି ରହିଲା, ଲୋକଙ୍କ ଏହି ଦୀର୍ଘଦିନର ସମସ୍ୟା ପ୍ରତି ପ୍ରଶାସନ କେବେ ଦୃଷ୍ଟି ଦେଉଛି ଏବଂ ହିରାନଗର ରାସ୍ତାର ଉନ୍ନତି କାର୍ଯ୍ୟ କେବେ ଆରମ୍ଭ ହେଉଛି ।

ଏନେଇ ଏନଏସି ଇଓ ସ୍ୱାଧୀନ କେତନ ମହାରଣାଙ୍କୁ ଯୋଗାଯୋଗ କରାଯିବାରୁ ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ପଟ୍ଟାଙ୍ଗିରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର

ଜୟପୁର,୨୧/୦୭ (ନି.ପ୍ର): କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ ସଭାଗୃହରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ପ୍ରତ୍ୟକ୍ଷ ଶୁଣାଣି କରିଥିଲେ । ସେମାନେ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ । ଶିବିରରେ ମୋଟ ୫୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୨ଟି ବ୍ୟକ୍ତିଗତ ଏବଂ ୩୯ଟି ସାମୂହିକ ଅଭିଯୋଗ ଥିଲା । ସେଥିମଧ୍ୟରୁ ୬ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ୍ ଏବଂ ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଭକ୍ତ ବଳରାମ ଦାସ

ହେମନ୍ତ କୁମାର ଗନ୍ତାୟତ



ମହାପ୍ରଭୁ ଜଗନ୍ନାଥ ଏବଂ ଏହାର ସଂସ୍କୃତି ଅତୀବ ରହସ୍ୟମୟ। ଏହି ସଂସ୍କୃତିରେ ବୈଦିକ ରୀତି - ନୀତି ଠାରୁ ଆରମ୍ଭ କରି ତନ୍ତ୍ର, ମନ୍ତ୍ର ଓ ଯନ୍ତ୍ରର ବିଧି - ବିଧାନାଦି ସହିତ ଅନେକ ତତ୍ତ୍ୱ ଭରି ରହିଛି। ଏହା ବ୍ୟତୀତ ଏକ ମୁଖ୍ୟ ବିଷୟ ଦେଖିବାକୁ ମିଳେ, ତାହା ହେଉଛି ଭକ୍ତର ଅନନ୍ୟ ଭକ୍ତି। ଯାହା ଉପରୋକ୍ତ ରୀତି - ନୀତି ଓ ବିଧି - ବିଧାନାଦି ଠାରୁ ସର୍ବ ଶ୍ରେଷ୍ଠ। ତେଣୁ ଏହାକୁ ଭକ୍ତ ଏବଂ ଭଗବାନଙ୍କ ମିଳନର ସଂସ୍କୃତି କୁହାଯାଏ। ଯାହାର ଅନେକ ଦୃଷ୍ଟାନ୍ତ ମଧ୍ୟ ରହିଛି, ସେଥି ମଧ୍ୟରୁ ଗୋଟିଏ ହେଉଛି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ଏହି ଯାତ୍ରାରେ ଦାରୁବ୍ରହ୍ମ ଭକ୍ତର ଭାବନାକୁ ନେଇ ସେ, ସେହି ପ୍ରକାରେ ଦର୍ଶନ ଦେଇଥାନ୍ତି । କାରଣ ମହାବାହୁ ଭକ୍ତର ଅଧୀନ। ତେଣୁ ସେ ନିଜର ସମସ୍ତ ଭକ୍ତଙ୍କ ଲାଗି ସବୁକିଛି କରି ପାରନ୍ତି। ତାହାର ନିଛକ ଦୃଷ୍ଟାନ୍ତ ହେଲେ ପଞ୍ଚସଖାଙ୍କ ମଧ୍ୟରେ ଜ୍ୟେଷ୍ଠ ଭକ୍ତକବି ବଳରାମ ଦାସ । ସେ ଥିଲେ ଜଣେ ଅସାଧାରଣ ପ୍ରତିଭାର ଅଧିକାରୀ ତଥା ପରମ ଭକ୍ତ। ଯାହାଙ୍କ ଭକ୍ତି କେବଳ ପୂଜା-ପଦ୍ଧତିରେ ସୀମିତ ନଥିଲା, ତାହା ଥିଲା ତାଙ୍କର ଏକ ଅଧିକାରପୂର୍ଣ୍ଣ ପ୍ରେମ ଓ ସଖ୍ୟ ଭାବ।

ଏହି ଭକ୍ତ ବଳରାମ ଦାସଙ୍କ ପିତା ଥିଲେ ସୋମନାଥ ମହାପାତ୍ର। ସୋମନାଥ ସେ ସମୟରେ ଗଜପତି ପ୍ରତାପରୁଦ୍ର ଦେବଙ୍କ ମନ୍ତ୍ରୀରୂପେ କାର୍ଯ୍ୟ କରୁଥିଲେ । ତେଣୁ ବଳରାମ ଦାସ ରାଜକୀୟ ବୈଭବ ଏବଂ ଉଚ୍ଚ ଶିକ୍ଷାର ଅଧିକାରୀ ହୋଇ ପାରିଥିଲେ। ତଥାପି ସେ ସାଂସାରିକ ବୈଭବକୁ ତ୍ୟାଗ କରି ଶ୍ରୀଜଗନ୍ନାଥଙ୍କ ଶରଣାପନ୍ନ ହେବାକୁ ଶ୍ରେୟ ମଣିଥିଲେ। ବଳରାମ ଦାସଙ୍କ ସାଧନା ଥିଲା ଜ୍ଞାନ-ମିଶ୍ରା ଭକ୍ତି। ସେ ପ୍ରଭୁଙ୍କୁ ନିଜର ପରମ ସଖା ବା ବନ୍ଧୁ ମନେ କରୁଥିଲେ। ତାଙ୍କର ଏ ଭାବ ଏତେ ନିବିଡ଼ ଥିଲା ଯେ ସେ ପ୍ରଭୁଙ୍କ ପ୍ରେମରେ ଉନ୍ମତ୍ତ ହୋଇ ବଡ଼ଦାଣ୍ଡର ଚାରିଆଡ଼େ ବୁଲୁଥିଲେ। ସେଥିପାଇଁ ସମସାମୟିକ ସମାଜ ତାଙ୍କୁ ‘ମତ୍ତ ବଳରାମ’ ବୋଲି ଆଖ୍ୟା ଦେଇଥିଲା।

ଜଗନ୍ନାଥ ସଂସ୍କୃତିରେ ଭକ୍ତ ବଳରାମ ଦାସଙ୍କୁ କେନ୍ଦ୍ର କରି ଅନେକ ଅଲୌକିକ କାହାଣୀ ପ୍ରଚଳିତ ରହିଛି । ସେଥି ମଧ୍ୟରୁ ଗୋଟିଏ ହେଉଛି ବାଲିରଥ । ଯାହା ପ୍ରମାଣିତ କରେ ଯେ, ଭଗବାନ କେବଳ ଭାବର ଗ୍ରାହକ। ତା ବ୍ୟତୀତ ସେ ଭକ୍ତର କୌଣସି ବିଧି - ବିଧାନକୁ ଗୁରୁତ୍ୱ ଦିଅନ୍ତି ନାହିଁ। ତେଣୁ କୁହାଯାଇଛି:

ଭାବର ଠାକୁର ଭକ୍ତିରେ ବିଭୋର
ଭକ୍ତ ଲାଗି ଭାବଗ୍ରାହୀ
ବିଧି ବିଧାନକୁ କିଛି ନ ଦେଖନ୍ତି
ଭକ୍ତର ଅଧୀନ ସେହି ।।

ଏହି ଭାବଗ୍ରାହୀଙ୍କ ନିକଟରେ ବିଧି ବିଧାନକୁ ନେଇ ଏକ ସୁନ୍ଦର କାହାଣୀ ରହିଛି :-

ପଞ୍ଚଦଶ ଶତାବ୍ଦୀର କଥା । ସେହି ଦିନଥିଲା ଆଷାଢ଼ମାସ ଶୁକ୍ଳପକ୍ଷର ଦ୍ୱିତୀୟା ତିଥି, ଯାହା ମହାପ୍ରଭୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ଘୋଷ ଯାତ୍ରା । ରଥାରୂଢ଼ ନିମନ୍ତେ ଠାକୁରମାନଙ୍କ ନୀତିକାନ୍ତି ଶ୍ରୀମନ୍ଦିରରେ ଚାଲିଥାଏ । ନୀତିରେ ସାମାନ୍ୟ ବିଳମ୍ବ ହେତୁ ପହଣ୍ଡି ବିଜେ କାର୍ଯ୍ୟାଦି ସମୟଠାରୁ କିଛି ବିଳମ୍ବ ହୋଇଯାଇଥାଏ । ଏହା ଜାଣିବା ପରେ ଭକ୍ତ ବଳରାମ ଦାସ ଚିନ୍ତା କଲେ ଯେ, ଚାରୁଲତାକୁ ଦେଖା କରିବା ପରେ ଶ୍ରୀମନ୍ଦିରକୁ ଯିବେ ବୋଲି । ଚାରୁଲତା



ଥିଲେ ଜଣେ ବୃତ୍ତିରେ ବାରଙ୍ଗନା। ତାଙ୍କରି ଆଳୟକୁ ଏହା ପୂର୍ବରୁ ବହୁବାର ଭକ୍ତ ବଳରାମ ଦାସ ଯାଉଥିଲେ। ସେହି ଦିନ ମଧ୍ୟ ଗଲେ ଏବଂ ସେଠାରେ ଆମୋଦ ପ୍ରମୋଦରେ ଲିପ୍ତରହି ରଥଯାତ୍ରା କଥା ସେ ଭୁଲିଗଲେ। ଇତି ମଧ୍ୟରେ ବଡ଼ଦାଣ୍ଡରେ ରଥଟଣା ଆରମ୍ଭ ହୋଇଯାଇଥାଏ। ରଥ ଚକର ଘର୍ଘର ଶବ୍ଦରେ ଭକ୍ତ ଦାସଙ୍କ ତନ୍ଦ୍ରା ଭାଙ୍ଗିଗଲା। ସେ ଶ୍ରୀଜଗନ୍ନାଥଙ୍କ ମନମୋହନ ରୂପ ଓ ପବିତ୍ର ଘୋଷଯାତ୍ରାରେ ଭକ୍ତଙ୍କ ସମାଗମ କଥାକୁ ସ୍ମରଣ କରି ଉନ୍ମତ୍ତହୋଇ ଉଠିଥିଲେ ଏବଂ ସୁଚି ଅଶୁଚି ବିଷୟକୁ ତିଳେ ମଧ୍ୟ ଚିନ୍ତା ନ କରି ବାରଙ୍ଗନା କବରିରେ ଗୁନ୍ଥା ଯାଇଥିବା ରଜନୀଗନ୍ଧାର ଫୁଲ ମାଳଟିକୁ ଛିଣ୍ଡାଇ ଆଣି ପ୍ରଭୁଙ୍କ ଦର୍ଶନ ଆଶାରେ ବଡଦାଣ୍ଡକୁ ଉଦଣ୍ଡ କୀର୍ତ୍ତନକରି ପ୍ରବେଶ କଲେ। ସେ ଏପରି ଦେହି ସଙ୍ଗେ ସଙ୍ଗ ହୋଇଥିଲେ ଯେ, ନିଜ ଦେହ ଜ୍ଞାନକୁ ସମ୍ପୂର୍ଣ୍ଣ ରୂପରେ ଭୁଲି ଯାଇଥିଲେ ଏବଂ ସେହି ଅବସ୍ଥାରେ ରଥ ଉପରକୁ ଚଢ଼ି ବେଶ୍ୟାଲାଗି ହୋଇଥିବା ଫୁଲ ମାଳଟିକୁ ପ୍ରଭୁଙ୍କୁ ଅର୍ପଣ କରିବା ପାଇଁ ହାତକୁ ବଢାଇଦେଲେ। ଏ ସମୟରେ ପଣ୍ଡାମାନେ ଦେଖିଲେ ଯେ, ଭକ୍ତ ଦସଙ୍କ ମୁହଁରେ ଏବଂ ବକ୍ଷସ୍ଥଳରେ ବେଶ୍ୟା ଦେହର କଜ୍ଜ୍ୱଳ, ହଳଦୀ ଓ କସ୍ତୁରୀ ଦାଗାଦି ଲାଗି ରହିଛି। ଏହି ସେବକମାନେ ବଳରାମ ଦାସଙ୍କ ଚରିତ୍ରକୁ ପୂର୍ବରୁ ଭଲଭାବେ ଜାଣନ୍ତି । ତେଣୁ ପଣ୍ଡାମାନେ ଏତାଦୃଶ କାର୍ଯ୍ୟ ସହ୍ୟ କରି ପାରିଲେ ନାହିଁ ଏବଂ ସେମାନେ ତତ୍ କ୍ଷଣ ବଳରାମ ଦାସଙ୍କୁ ଲଜ୍ଜିତ କରିବା ସହ ଗଳା ଧକ୍କା ଦେଇ ରଥ ଉପରୁ ବାହାର କରିଦେଲେ। ସେବକ ମାନେ କହିଥିଲେ....

‘ସ୍ନାନ ସୁଚି ତୋର ନାହିଁ
ଥିଲୁ ତୁ ବେଶ୍ୟା ଘରେ ଶୋଇ ।
କିମ୍ବା ଚଢ଼ିଲୁ ତୁ ରଥର
ଭକତ ପଣ ପୋଡୁ ତୋର ।।’

ବଳରାମ ଦାସ ସମସ୍ତଙ୍କ ଆଗରେ ନିନ୍ଦିତ ହେଲେ, ସେ ଅପମାନର ନିଆଁରେ ଜଳିବା ସହିତ ତାଙ୍କର ବେନି ନୟନରୁ ଧାର ଧାର ଲୁହ ଝରିବାକୁ ଲାଗିଲା । ସେ ପ୍ରଭୁଙ୍କ ଆଡ଼କୁ ଚାହିଁ କହିଲେ, ହେ ପ୍ରଭୁ ! ତୁ ମୋ ପ୍ରାଣବନ୍ଧୁ ବୋଲି ଭାବି ମୁଁ ତୁମର ପାଖକୁ ଆସିଥିଲି କିନ୍ତୁ ମତେ ଦଣ୍ଡ ଦିଆଗଲା । ମୁଁ ଆଜି ତୁମକୁ ଚିହ୍ନି ଗଲି ସଖା ! ଏବେ ଏହି ବଡ଼ଦାଣ୍ଡରୁ ବାହୁଡ଼ି ଯାଉଛି । ବର୍ତ୍ତମାନ ତୁମ ରଥ ଦଉଡ଼ିକୁ କିଏ ଟାଣିବ ଟାଣୁ , ଏହା କହି ବଳରାମ ଦାସ ବଡ଼ଦାଣ୍ଡରୁ ଫେରିଆସି ସମୁଦ୍ର କୂଳର ବାଙ୍କି ମୁହାଣ ନିକଟସ୍ଥ ଚକ୍ରତୀର୍ଥ ଠାରେ ବାଲିର ତିନୋଟି ରଥ ନିର୍ମାଣ କରି ଠାକୁର ମାନଙ୍କୁ ବସାଇଲେ । ସେଠାରେ ସେ ଚକ୍ଷୁ ନିମିଳିତ ମୁଦ୍ରାରେ ଧ୍ୟାନସ୍ଥ ହୋଇ ଭାବ ସମାଧିରେ ପ୍ରବେଶ କରି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଷୋଡ଼ଶ ଉପଚାରରେ ପୂଜା ଅର୍ଚ୍ଚନା କଲେ । ଏହି ସମୟରେ ହଠାତ୍ ଶୂନ୍ୟବାଣୀ ହେଲା - ଦାସେ ! ମୋର ଉତ୍ସ୍ୱ କ’ଣ ହେବ ? ମୂଳ ମୋର ଭକ୍ତ , ଅଶେଷ ସୁଖ ମୁଁ ମୋ ଭକ୍ତ କଥାମୃତରୁ ହିଁ ପାଉଛି । ତୋ ଏକନିଷ୍ଠ ଭାବ ସମାଧି ହିଁ ମୋତେ ଏଠାକୁ ଟାଣି ଆଣିଲା । ଏହା ଶୁଣି ବଳରାମ ଦାସ ନିଜ କୃତକର୍ମ ପାଇଁ ଅନୁତପ୍ତ ହୋଇ କାନ୍ଦି ଉଠି କହିଲେ, ହେ ପ୍ରଭୁ ! ମୁଁ ଯାହା କରିଛି ଓ କହିଛି ସେ ସବୁ ମୋ ଅଭିମାନର କଥା ମତେ କ୍ଷମା କରନ୍ତୁ । ସେତେ ପର୍ଯ୍ୟନ୍ତ ବଡ଼ଦାଣ୍ଡରେ ନନ୍ଦିଘୋଷ , ତାଳଧ୍ୱଜ ଓ ଦେବଦଳନ ରଥ ଗୁଡ଼ିକ ଆଗକୁ ସୂତାଏ ବି ଚଳିଲେ ନଥିଲେ। ସୈନ୍ୟ-ସାମନ୍ତ ଓ ଅଶ୍ୱ-ଗଜମାନେ ମଧ୍ୟ ବହୁ ଶକ୍ତି ପ୍ରୟୋଗ କରି ନିସ୍ତେଜ ହେବାକୁ ଲାଗିଲେ। ରାଜା ପ୍ରତାପରୁଦ୍ରଦେବ ସମସ୍ତ ଦୃଶ୍ୟ ଦେଖି ଧ୍ୟାନ ମୁଦ୍ରାରେ ପ୍ରଭୁଙ୍କୁ ସ୍ମରଣ କଲେ । ହେ ଜଗତର ନାଥ ମହାପ୍ରଭୁ ଜଗନ୍ନାଥ ! ସଦୟ ହୁଅନ୍ତୁ। ସେତିକି ବେଳେ ନୀଳାଧୀଶ ରାଜାଙ୍କୁ କହିଲେ ହେ ରାଜନ୍ ! ବଳରାମ ଦାସ ମୋର ପରମ ଭକ୍ତ । ସେ ଯେଉଁ ଅବସ୍ଥାରେ ଥିଲେବି ମୁଁ ତାକୁ ଭଲପାଏ । ମୋର ପରମ ଭକ୍ତକୁ ପଣ୍ଡା ସେବକମାନେ ବହୁ କଷ୍ଟ ଓ ଅପମାନିତ କରିଛନ୍ତି । ତେଣୁ ସେ ମତେ ଚକ୍ରତୀର୍ଥ ଠାରେ ବାଲିରଥ କରି ଅଟକାଇ ରଖିଛି । ଏବେ ଆମ୍ଭେ ଭାଇ ଭଉଣୀ ତାର ଭାବ ସମାଧିରେ ବନ୍ଧା ପଡିଛୁ । ଏହା ଶୁଣିବା ପରେ ରାଜା କାଳ ବିଳମ୍ବ ନ କରି ଅତ୍ୟନ୍ତ ସସମ୍ମାନରେ ଭକ୍ତ ବଳରାମ ଦାସଙ୍କୁ ପାଲିଙ୍କିରେ ପାଛୋଟି ଆଣି ବଡଦାଣ୍ଡର ରଥ ଉପରେ ବସାଇଲେ । ସମସ୍ତଙ୍କ ବିନୟ ପ୍ରାର୍ଥନା ଶୁଣି ଭକ୍ତ ବଳରାମ ଦାସ ପ୍ରସନ୍ନ ମୁଖରେ ଆଦେଶ ଦିଅନ୍ତେ , ତିନିରଥ ଘର୍ଘର ନାଦକରି ବଡ଼ଦାଣ୍ଡରେ ଗଡିବାକୁ ଲାଗିଲା । ଶେଷରେ ଭକ୍ତ ଦାସଙ୍କର ହିଁ ବିଜୟ ହେଲା ।


ଶ୍ରୀଜଗନ୍ନାଥ ଏବଂ ଭକ୍ତ ବଳରାମ ଦାସଙ୍କ ସମ୍ପର୍କ କେବଳ ଉପାସନା ଓ ଆରାଧନାର ସମ୍ପର୍କ ନୁହେଁ; ଏହା ହେଉଛି ଆତ୍ମାର ସହ ପରମାତ୍ମାର ସମ୍ପର୍କ। ବଳରାମ ଦାସ ତାଙ୍କ ଜୀବନ ଓ ସାହିତ୍ୟ ମାଧ୍ୟମରେ ପ୍ରମାଣିତ କରିଯାଇଛନ୍ତି ଯେ, ଜଗନ୍ନାଥ ହେଉଛନ୍ତି ଭାବର ଠାକୁର। ଯେଉଁଠି ନିଷ୍କପଟ ପ୍ରେମ ଓ ଆକୁଳତା ଥାଏ, ସେଠାରେ ଭଗବାନ ନିଜର ଆସନ ଛାଡ଼ି ଭକ୍ତ ପାଖକୁ ଧାଇଁ ଆସନ୍ତି। ଓଡ଼ିଆ ଜାତି ଓ ଜଗନ୍ନାଥ ସଂସ୍କୃତିର ଇତିହାସରେ ଭକ୍ତ ବଳରାମ ଦାସଙ୍କ ନାମ ସଦାସର୍ବଦା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ।

ବରିଷ୍ଠ ଦର୍ଶନ ଅଧ୍ୟାପକ
ଆସିକା, ଗଞ୍ଜାମ।
ମୋ: ୯୮୬୧୩୩୪୮୬୮

# ରାଜା ନୁହେଁ ସିଏ ରାଉତ



ଦିଲ୍ଲୀପ କୁମାର ସାହୁ



ଛୋଟପିଲାଟିଏ, ନାଁଆ ତାର କପିଳା। ଭାରି ଗରିବ। ଗାଆଁର ଜଣେ ବ୍ରାହ୍ମଣଙ୍କ ଗାଈ ଜଗେ ସିଏ। ବ୍ରାହ୍ମଣଙ୍କ ପୁଅ କାଶିଆ ତାହାରି ବୟସର। ତେଣୁ କାଶିଆ କପିଳା ଦୁହେଁ ଭାରି ଭଲ ସାଙ୍ଗ। ଦିହେଁ ମିତ ବସିଥିଲେ। ଦିନେ ଟାଇଁଟାଇଁ ଖରାବେଳେ କାଶିଆ ଦେଖିଲା ଗାଈମାନେ ଚରୁଛନ୍ତି । ଗୋଟିଏ ଗଛମୂଳରେ କପିଳା ଶୋଇଛି । ଆଉ ତା ମୁଣ୍ଡ ଉପରେ ନାଗ ସାପଟିଏ ଫଣାଟେକି ରହିଛି। କାଶିଆକୁ ଖୁବ୍ ଡରଲାଗିଲା। ଡରରେ ପାଖକୁ ନଯାଇ ଦୂରରୁ ଚାହିଁରହିଲା । କିଛି ସମୟପରେ ସାପଟା ଚାଲିଗଲା । କାଶିଆ ମିତ ପାଖକୁ ଯାଇ ତାକୁ ଉଠାଇଲା ଆଉ ତା ଆଗରେ ସାପ କଥା ବଖାଣିଗଲା। କପିଳାତ ନିଘୋଡ ନିଦରେ ଶୋଇଥିଲା। ତେଣୁ ତାକୁ ଏଗୁଡା କଛି ଜଣାନଥିଲା। କାଶିଆ ହସିହସି କହିଲା ‘ଜାଣିଛୁ ମିତ ମୁଁ ଶୁଣିଛି ଯାହା ମୁଣ୍ଡ ଉପରେ ସାପ ଫଣାଟେକି ରହେ ସିଏ ଦିନେ ରାଜା ହୁଏ’। କପିଳା ବି ହସିହସି ଉତ୍ତର ଦେଲା ‘ମୁଁ ଯଦି ରାଜା ହେବି ତୋତେ ନିଶ୍ଚେ ମନ୍ତ୍ରୀ କରିବି’। କପିଳା ସିନା ଗରିବ ଘରେ ଜନ୍ମହୋଇଥିଲା ହେଲେ ଦେଖିବାକୁ ରଜାପୁଅ ପରି ସୁନ୍ଦର ଆଉ ଭାରି ଚତୁର।

ଥରେ ସିଏ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସିଥିଲା। ସେଦିନ ଉତ୍କଳର ରାଜା ଚତୁର୍ଥ ନରସିଂହ ଦେବ ମଧ୍ୟ ବଡ ଦେଉଳକୁ ପୂଜା ଅର୍ଚ୍ଚନାପାଇଁ ଆସିଥାନ୍ତି। ସେହି ଶ୍ରୀମନ୍ଦିର ଭିତରେ ରାଜାଙ୍କ ଦୃଷ୍ଟିପଡିଲା କପିଳା ଉପରେ। କାହିଁକି କେଜାଣି ରାଜାଙ୍କୁ ପିଲାଟା ଖୁବ୍ ଭଲ ଲାଗିଲା। ରାଜା କପିଳାକୁ ପାଖକୁ ଡାକିଲେ । ସିଏ ନିର୍ଭୟରେ ତାଙ୍କ ପାଖକୁ ଯାଇ ପ୍ରଣାମ କଲା। ରାଜା ତାର ନୀର୍ଭିକତା ଦେଖି ଖୁସିହେଲେ ଏବଂ ତାକୁ ପଚାରି ବୁଝିଲେ ଯେ ସେ ଭାରି ଗରିବ ଓ ଗାଈ ଜଗେ। ରାଜା ମନ୍ଦିରରୁ କପିଳାକୁ ନେଇ ଉଆସରେ ରଖିଲେ।

କପିଳା ଉଆସରେ ରହି ଛୋଟମୋଟ କାମ କରୁଥିଲା।

ରାଜାଙ୍କର ପିଲାପିଲି ନଥିବାରୁ ସେ ଯୁଆଡେ ଯାଉଥିଲେ ସାଙ୍ଗରେ କପିଳାକୁ ନେଉଥିଲେ। ବେଳେବେଳେ କପିଳାର ବିଚକ୍ଷଣ ବୁଦ୍ଧି ଦେଖି ରାଜା ଖୁସି ହେଉଥିଲେ। ଏମିତିକି କପିଳାର ବୁଦ୍ଧି ଯୋଗୁ ରାଜା, ଛୋଟ ବଡ ବିପଦରୁ ମଧ୍ୟ ରକ୍ଷା ପାଇଥିଲେ। ରାଜ ଉଆସରେ କାମକରୁକରୁ କପିଳା ବଡ ହୋଇଗଲା। ତାର ବୁଦ୍ଧି ଓ ସାହସ ଯୋଗୁ ମନ୍ତ୍ରୀଙ୍କ ମୃତ୍ୟୁପରେ ରାଜା ତାକୁ ମନ୍ତ୍ରୀପଦରେ ଅଧିଷ୍ଠିତ କରାଇଲେ। ସେତେବେଳ କପିଳା ହୋଇଗଲା କପିଳେନ୍ଦ୍ର। କପିଳେନ୍ଦ୍ର ତାଙ୍କ କାର୍ଯ୍ୟକୁ ବେଶ୍ ସୂଚାରୁ ରୂପେ ତୁଲାଉଥିଲେ। ଏତେବଡ ପଦବୀରେ ରହିଲେ ମଧ୍ୟ ତାଙ୍କର ଗର୍ବକି ଅହଙ୍କାର ନଥିଲା । ସେହି ସ୍ୱଭାବ ଯୋଗୁ କପିଳେନ୍ଦ୍ର ସମସ୍ତଙ୍କର ପ୍ରିୟପାତ୍ର ହୋଇଥିଲେ ଓ ସବୁ କାମକୁ ସହଜରେ କରିପାରୁଥିଲେ।

କିଛିଦିନ ପରେ ଉତ୍କଳର ଉତ୍ତର ସୀମାନ୍ତରେ ଘମାଘୋଟ ଲଢେଇ ଲାଗିଲା। ସେହି ଯୁଦ୍ଧରେ ରାଜା ନରସିଂହ ଦେବ ପ୍ରାଣ ହରାଇଲେ । ରାଜା ନିସନ୍ତାନ ଥିବାରୁ ଅନେକ ଦିନଯାଏ ଉତ୍କଳର ସିଂହାସନ ଖାଲି ରହିଲା। ଫଳରେ ସାରାରାଜ୍ୟରେ ଅରାଜକତା ଓ ପ୍ରଜା ବିଦ୍ରୋହ ଦେଖାଦେଲା। ଏମିତି ଏକ ଘଡିସନ୍ଧି ଅବସ୍ଥାରେ ରାଜ୍ୟର ପଣ୍ଡିତମାନଙ୍କ ପରାମର୍ଶ କ୍ରମେ ଉତ୍କଳର ସିଂହାସନ ଆରୋହଣ କଲେ କପିଳେନ୍ଦ୍ର। ନିଜକୁ ଗଜପତି ବୋଲାଇ ୧୪୩୫ ମସିହା ଜୁନ ୨୯ ତାରିଖ, ଆଷାଢ ଶୁକ୍ଳ ଚତୁର୍ଥୀ ବୁଧବାର ଦିନ ସେ ରାଜ୍ୟଭାର ଗ୍ରହଣ କଲେ । ଏକାମ୍ରକ୍ଷେତ୍ରରେ ବିରାଜିତ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ନିକଟରେ ଥିବା ପାପନାସିନୀ ପୁଷ୍କରଣୀ ପାଖରେ ତାଙ୍କର ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସେହି ଉତ୍ସବରେ କପିଳେନ୍ଦ୍ରଙ୍କର ସମର୍ପଣ ଭାବ, ଉତ୍କଳର ଭାଗ୍ୟ ଉଦୟର ସୂଚନା ଦେଉଥିଲା ଯେପରି।

ପ୍ରଥମେ ବୁଦ୍ଧି ଓ କୌଶଳ ପ୍ରୟୋଗ କରି କପିଳେନ୍ଦ୍ର ରାଜ୍ୟରେ ସୃଷ୍ଟି ହୋଇଥିବା ଅରାଜକତାକୁ ଦୂରକରିଥିଲେ ଓ ପ୍ରଜା ବିଦ୍ରୋହକୁ ଦମନ କରିଥିଲେ। ଏହାପରେ ନିଜର ପାଇକ ବାହିନୀକୁ ସୁସଙ୍ଗଠିତ କରିଥିଲେ। ଫଳରେ ପାଇକମାନଙ୍କ ରଣ ହୁଙ୍କାରରେ ଚତୁର୍ଦ୍ଦିଗ ଥରହର ହୋଇଉଠୁଥିଲା। ସେହି ଦୁର୍ଦ୍ଧର୍ଷ ପାଇକ ବାହିନୀ ଯୋଗୁ କପିଳେନ୍ଦ୍ର ଦେବ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଜୟ କରିଥିଲେ। ସେଥିପାଇଁ ତାଙ୍କ ନାଆ ସହିତ ଯୋଡି ହୋଇଯାଇଥିଲା ଲମ୍ବା ଉପାଧୀ। “ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟୋତ୍କଳ କଳବର୍ଗେଶ୍ୱର ଅଭିରାଏ ଭୁତ ଭୈରବ ଦୁଃସହ ଦୁଃଶାସନ ଅନିକରଣେ ରାଉତରାୟ ଅତୁଳବଳ ପରାକ୍ରମ ସଂଗ୍ରାମେ ସହସ୍ରବାହୁ କ୍ଷତ୍ରିୟକୁଳ ଧୂମକେତୁ ବୀରାଧୀବୀରବର ପ୍ରବଳ ପ୍ରତାପୀ ମହାରାଜା ଶ୍ରୀ ଶ୍ରୀ ଶ୍ରୀ କପିଳେନ୍ଦ୍ର ଦେବ।”

ଆଜି ମଧ୍ୟ ଆମ ଠାକୁର ରାଜା, ପୁରୀର ଗଜପତିଙ୍କ ନାମ ପଛରେ ଏହି ଉପାଧୀ ଯୋଡାଯାଉଛି। ପ୍ରତି ଏକାଦଶୀରେ ଶ୍ରୀମନ୍ଦିର ଶିଖରକୁ ମହାଦୀପ ଉଠାଇ ଚୁନାରା ସେବକ

ବଡପାଟିରେ ଏହି ଉପାଧୀକୁ ଘୋଷଣାକରନ୍ତି ଓ ଗଜପତିଙ୍କ ପକ୍ଷରୁ ରାଜ୍ୟର ମଙ୍ଗଳ କାମନା କରନ୍ତି।

କପିଳେନ୍ଦ୍ର ଦେବଙ୍କ ବୀରତ୍ୱର ପ୍ରମାଣ ବହନ କରେ ମହାପ୍ରଭୁଙ୍କ ସୁନାବେଶ। ମହାପ୍ରଭୁ ରତ୍ନବେଦୀରେ, ଦଶହରା, କାର୍ତ୍ତିକ ପୂର୍ଣ୍ଣମୀ, ପୌଷ ପୂର୍ଣ୍ଣମୀ ଓ ଦୋଳ ପୂର୍ଣ୍ଣମୀରେ ସୁନାବେଶ ହୋଇଥାନ୍ତି। ରଥ ଉପରେ ବାହୁଡା ବାସିଦିନ ଏହି ସୁନାବେଶ ଅନୁଷ୍ଠିତ ହୋଇଥାଏ। ଶ୍ରୀମନ୍ଦିର ବେଢାମଧ୍ୟରେ ଥିବା ଏକ ଶିଳାଲେଖ ଅନୁଯାଇ କପିଳେନ୍ଦ୍ର ଦେବ ରାଜ୍ୟ ଜୟକରି ଷାଠିଏଟି ହାତୀ ପିଠିରେ ମହଣ ମହଣ ସୁନା ବୋହି ଆଣିଥିଲେ। ସେହି ସୁନାକୁ ସେ ମହାପ୍ରଭୁଙ୍କୁ ସମର୍ପଣ କରିଥିଲେ ଓ ନିଜକୁ ରାଜା ନୁହେଁ, ମହାପ୍ରଭୁଙ୍କ ରାଉତ ବା ସେବକ ଭାବରେ ଘୋଷଣା କରିଥିଲେ। ସେହି ସୁନାରେ ମହାପ୍ରଭୁଙ୍କ ନିମନ୍ତେ ବିଭିନ୍ନ ଅଳଙ୍କାର ତିଆରି କରାଯାଇଥିଲା। ସୁବର୍ଣ୍ଣ ଅଳଙ୍କାରରେ ଚତୁର୍ଦ୍ଧାମୂର୍ତ୍ତି ବେଶ ହୁଅନ୍ତି, ଯାହାକୁ ଦେଖି ଆମେ ଓଡ଼ିଆମାନେ ଆମ ଗୌରବମୟ ଅତୀତକୁ ମନେପକାଇ ଗର୍ବକରୁ।

କପିଳେନ୍ଦ୍ର ଦେବ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଉତ୍କଳର ରାଷ୍ଟ୍ରୀୟ ଦେବତା ଭାବରେ ଘୋଷଣା କରିଥିଲେ। ସେ ଶ୍ରୀମନ୍ଦିରର ନୀତିକ୍ରାନ୍ତିରେ ସଂସ୍କାର ଆଣିବା ସହିତ ମନ୍ଦିର ପରିଚାଳନା ପାଇଁ ଅନେକ ଜମି ଦାନ କରିଥିଲେ। ମହାଲକ୍ଷ୍ମୀଙ୍କର ସୁବର୍ଣ୍ଣ ଚଳନ୍ତି ପ୍ରତିମା ଗଢାଇ ହେରାପଞ୍ଚମୀ ଉତ୍ସବକୁ ନୂଆ ରୂପ ଦେଇଥିଲେ। ମହାପ୍ରଭୁଙ୍କ ଚନ୍ଦନଯାତ୍ରା ନିମନ୍ତେ ସେ ନରେନ୍ଦ୍ର ପୁଷ୍କରିଣୀ ଖୋଳାଇବା ସହିତ ଶ୍ରୀମନ୍ଦିରର ସୁରକ୍ଷା ପାଇଁ ମେଘନାଦ ପାଚେରୀ ନିର୍ମାଣ କରାଇଥିଲେ। ଭୁବନେଶ୍ୱରର କପିଳେଶ୍ୱର ମନ୍ଦିର ତାଙ୍କର ଅନନ୍ୟ କିର୍ତ୍ତୀ। ବିଭିନ୍ନ ସ୍ଥାନରେ ମଠ ମନ୍ଦିରମାନ ସ୍ଥାପନ କରିବା ସହ ଦେବନୀତି ପରିଚାଳନା ପାଇଁ, କପିଳେଶ୍ୱର ଶାସନ ପରି ଅନେକ ବ୍ରାହ୍ମଣ ଶାସନ ପ୍ରତିଷ୍ଠା କରିଥିଲେ ସେ।

କପିଳେନ୍ଦ୍ର ଦେବଙ୍କ ସମୟରେ ଓଡିଆ ଭାଷାକୁ ରାଜଭାଷା ଭାବରେ ଗ୍ରହଣ କରାଯାଇଥିଲା। ସେ ଓଡିଆ ଭାଷାର ବିକାଶ ଉପରେ ଖୁବ୍ ଗୁରୁତ୍ୱ ଦେଉଥିଲେ ଓ ପଣ୍ଡିତମାନଙ୍କୁ ସମ୍ମାନ କରୁଥିଲେ। ତାଙ୍କରି ସମୟରେ ସାରଳାଦାସ ଓଡ଼ିଆ ମହାଭାରତ ରଚନା କରିଥିଲେ, ଯାହାକି ଓଡ଼ିଆ ଭାଷାର ଅମୂଲ୍ୟ ସମ୍ପଦ। ସେ ନିଜେ ମଧ୍ୟ ‘ପରଶୁରାମ ବିଜୟ’ ନାମକ ଏକ ନାଟକ ରଚନା କରିଥିଲେ।

ରାଜ୍ୟ ଜୟ ସହିତ ପ୍ରଜାମାନଙ୍କ ମଙ୍ଗଳ ପାଇଁ ଖୁବ୍ ଧ୍ୟାନ ଦେଉଥିଲେ କପିଳେନ୍ଦ୍ର ଦେବ। ଅନ୍ୟାୟରେ ପ୍ରଜାମାନଙ୍କଠାରୁ ଆଦାୟ କରାଯାଉଥିବା ଅନେକ କରକୁ ସେ ଉଠାଇ ଦେଇଥିଲେ। ଫଳରେ ସେ ଜଣେ ପ୍ରଜାବତ୍ସଳ ରାଜା ଭାବରେ ଖ୍ୟାତି ଅର୍ଜନ କରିଥିଲେ । ଗର୍ବ ଅହଙ୍କାର ନଥିଲା ବୋଲି ଦେଇଥିବା କଥାରଖି ତାଙ୍କର ପିଲାଦିନର ମିତ କାଶିଆଙ୍କୁ ନିଜ ମନ୍ତ୍ରୀମଣ୍ଡଳରେ ସ୍ଥାନ ଦେଇଥିଲେ।

କପିଳେନ୍ଦ୍ର ଦେବଙ୍କ ରାଜତ୍ୱକାଳକୁ କୁହାଯାଉଥିଲା ଉତ୍କଳର ସୁବର୍ଣ୍ଣ ଯୁଗ । ସେହି ମହାନ ବୀରଓଡିଆ, ଓଡିଆ ଜାତିର ଗର୍ବ ଓ ଗୌରବ, ଓଡିଆ ଜାତି ଓ ଭାଷାକୁ ସ୍ୱତନ୍ତ୍ର ପରିଚୟ ଦେଇଥିବା ଗଜପତି କପିଳେନ୍ଦ୍ର ଦେବ ପ୍ରାଣ ହରାଇଥିଲେ ୧୪୬୬ ମସିହା ନଭେମ୍ବର ୨୫ ତାରିଖରେ । ଉତ୍କଳ ଜନନୀ ହରାଇ ବସିଥିଲା ତାର ଜଣେ ମାଆ, ମାଟି ଓ ମଣିଷଙ୍କୁ ଭଲପାଉଥିବା ସନ୍ତାନଙ୍କୁ।

॥ ଜୟ ଜଗନ୍ନାଥ ॥

+ ଶଙ୍କରପୁର, ଚାରବାଟିଆ, କଟକ
ମୋ: ୭୦୭୭୨୦୬୯୭୭

# ଶେଷ ହେଉଛି ଶସ୍ତା ପୁଞ୍ଜିର ଯୁଗ

ବିଶ୍ୱ ଅର୍ଥନୀତିରେ ଏକ ବୃହତ୍ ତଥା ଯୁଗାନ୍ତକାରୀ ପରିବର୍ତ୍ତନର ସୂତ୍ରପାତ ହୋଇଛି । ଗତ କିଛି ଦଶନ୍ଧି ଧରି ବିଶ୍ୱ ବଜାରରେ ଉପଲବ୍ଧ ଥିବା 'ଶସ୍ତା ପୁଞ୍ଜି' ବା ଅତି ନିମ୍ନ ସୁଧ ହାରର ଯୁଗ ଏବେ ସମ୍ପୂର୍ଣ୍ଣ ଭାବେ ଶେଷ ହେବାକୁ ବସିଛି । ଆମେରିକା, ବ୍ରିଟେନ୍ ଏବଂ ଜାପାନ ଭଳି ବିକଶିତ ଦେଶଗୁଡ଼ିକର କେନ୍ଦ୍ରୀୟ ବ୍ୟାଙ୍କମାନେ ଦୀର୍ଘ ଦିନ ଧରି ଅନୁସରଣ କରିଆସୁଥିବା 'କ୍ୱାଣ୍ଟିଟେଟିଭ୍ ଇଜିଂ' (**Quantitative Easing**) ବା ପରିମାଣାତ୍ମକ ସହଜୀକରଣ ନୀତିରୁ ଏବେ ଓହରି ଆସୁଛନ୍ତି । ଏହି ପରିବର୍ତ୍ତନର ପ୍ରଭାବ ସିଧାସଳଖ ଭାରତ ଭଳି ରାଷ୍ଟ୍ରଗୁଡ଼ିକ ଉପରେ ପଡ଼ିବା ଆରମ୍ଭ କରିଛି । ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ନିଜର ୨୦୨୫-୨୬ ଆର୍ଥିକ ବର୍ଷର ବାର୍ଷିକ ରିପୋର୍ଟରେ ବିଶ୍ୱ ସ୍ତରରେ ବୃଦ୍ଧି ପାଉଥିବା ସୋଭରେନ୍ ବଣ୍ଡ୍ ୟିଲ୍ଡ (**Sovereign bond yields**) ଏବଂ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ସୁଧ ହାର ବୃଦ୍ଧିକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛି । ପଶ୍ଚିମ ଏସିଆରେ ଦେଖାଦେଇଥିବା ସଙ୍କଟ ଯୋଗୁଁ ସୃଷ୍ଟି ହୋଇଥିବା ମୁଦ୍ରାସ୍ଫୀତିର ଚାପ ଏହି ପରିସ୍ଥିତିକୁ ଆହୁରି ଜଟିଳ କରିଦେଇଛି । ଏହା କେବଳ ଏକ ସାଧାରଣ ଆର୍ଥିକ ପରିବର୍ତ୍ତନ ନୁହେଁ, ବରଂ ଏହା ସମଗ୍ର ବିଶ୍ୱର ପୁଞ୍ଜି ପ୍ରବାହର ଦିଗକୁ ବଦଳାଇ ଦେବାର କ୍ଷମତା ରଖିଛି, ଯାହାର ସିଧାସଳଖ ପ୍ରଭାବ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଉପରେ ପଡ଼ିବ ।

ଏହି ବିଶ୍ୱସ୍ତରୀୟ ଆର୍ଥିକ ପରିବର୍ତ୍ତନକୁ ବୁଝିବାକୁ ହେଲେ ପ୍ରଥମେ ୧୦ ବର୍ଷିଆ ସରକାରୀ ବଣ୍ଡ୍‌ର ୟିଲ୍ଡ ବା ପ୍ରତିଫଳ ବିଷୟରେ ଜାଣିବା ଆବଶ୍ୟକ । ସରକାରୀ ବଣ୍ଡ୍ ହେଉଛି ଏକ ପ୍ରକାର ଋଣପତ୍ର, ଯାହା ମାଧ୍ୟମରେ ଏକ ସାର୍ବଭୌମ ସରକାର ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ବଜାରରୁ ଅର୍ଥ ଉଧାର ନେଇଥାଏ । ଏହା ବଦଳରେ ସରକାର ନିବେଶକମାନଙ୍କୁ ବାର୍ଷିକ ଏକ ନିର୍ଦ୍ଦିଷ୍ଟ ହାରରେ ସୁଧ ପ୍ରଦାନ କରିବା ସହ ଅବଧି ପୂରଣ ହେବା ପରେ ମୂଳଧନ ଫେରାଇବାର ପ୍ରତିଶ୍ରୁତି ଦେଇଥାନ୍ତି । ସରକାରୀ ବଣ୍ଡ୍‌କୁ ସବୁଠାରୁ ସୁରକ୍ଷିତ ବା ବିପଦମୁକ୍ତ ସମ୍ପତ୍ତି ଭାବରେ ବିବେଚନା କରାଯାଏ, କାରଣ ଏହା ପଛରେ ସରକାରଙ୍କ ଟିକସ ଆଦାୟ କରିବାର କ୍ଷମତା ଏବଂ ଆବଶ୍ୟକ ପଡ଼ିଲେ ନୂଆ ନୋଟ୍ ଛାପିବାର କ୍ଷମତା ରହିଥାଏ । ତେଣୁ, ସରକାରୀ ବଣ୍ଡ୍‌ର ୟିଲ୍ଡ ଅନ୍ୟ ସମସ୍ତ ସ୍ଥିର-ଆୟ (**Fixed-income**) ସିକ୍ୟୁରିଟି ପାଇଁ ସୁଧ ହାର ନିର୍ଦ୍ଧାରଣ କରିବାର ଏକ ମାନଦଣ୍ଡ ଭାବରେ କାର୍ଯ୍ୟ କରିଥାଏ । ଏହା ଦର୍ଶାଏ ଯେ ନିବେଶକମାନେ ସେମାନଙ୍କ ଅର୍ଥ ନିବେଶ ପାଇଁ ସର୍ବନିମ୍ନ କେତେ ରିଟର୍ଣ୍ଣ ଆଶା କରୁଛନ୍ତି । ଐତିହାସିକ ତଥ୍ୟକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ ୧୯୯୮-୯୯ ମସିହା ଠାରୁ ଆମେରିକା, ବ୍ରିଟେନ୍ ଏବଂ ଜାପାନ ଭଳି ଦେଶଗୁଡ଼ିକର ବଣ୍ଡ୍ ୟିଲ୍ଡରେ ବ୍ୟାପକ ପରିବର୍ତ୍ତନ ଆସିଛି । ୧୯୯୯-୨୦୦୦ ଆର୍ଥିକ ବର୍ଷରେ ଆମେରିକାରେ ହାରାହାରି ବଣ୍ଡ୍ ୟିଲ୍ଡ ୬ ପ୍ରତିଶତରୁ ଅଧିକ ଥିବାବେଳେ ବ୍ରିଟେନ୍‌ରେ ଏହା ୫.୪ ପ୍ରତିଶତ ଏବଂ ଜାପାନରେ ୧.୭ ପ୍ରତିଶତ ଥିଲା । ପରବର୍ତ୍ତୀ ଦଶନ୍ଧିଗୁଡ଼ିକରେ ଏହି ହାର କ୍ରମାଗତ ଭାବେ ହ୍ରାସ ପାଇବାକୁ ଲାଗିଲା । ୨୦୨୦-୨୧ ମସିହାର କୋଭିଡ୍-୧୯ ମହାମାରୀ ସମୟରେ ଆମେରିକାରେ ଏହା ୦.୯ ପ୍ରତିଶତ, ବ୍ରିଟେନ୍ ?ରେ ୦.୪ ପ୍ରତିଶତ ଏବଂ ଜାପାନରେ ପ୍ରାୟ ଶୂନ୍ୟକୁ ଖସିଆସିଥିଲା । ଆଶ୍ଚର୍ଯ୍ୟଜନକ ଭାବେ ୨୦୧୬-୧୭ ଏବଂ ୨୦୧୯-୨୦ରେ ଜାପାନର ବଣ୍ଡ୍ ୟିଲ୍ଡ ନକାରାତ୍ମକ (**Negative**) ସ୍ତରରେ ପହଞ୍ଚିଥିଲା । ଏହାର ଅର୍ଥ ହେଲା, ନିବେଶକମାନେ ନିଜର ଅର୍ଥ ସୁରକ୍ଷିତ ରଖିବା ପାଇଁ ସରକାରଙ୍କୁ ଓଲଟା ଅର୍ଥ ପ୍ରଦାନ କରିବାକୁ ପ୍ରସ୍ତୁତ ଥିଲେ । ଅର୍ଥନୈତିକ ଅନିଶ୍ଚିତତା ଏବଂ ମୁଦ୍ରାସଂକୋଚନ (**Deflation**) ସମୟରେ ହିଁ ଏଭଳି ନକାରାତ୍ମକ ୟିଲ୍ଡ ଦେଖିବାକୁ ମିଳିଥାଏ । ସେହି ସମୟରେ ନିବେଶକମାନେ ରିଟର୍ଣ୍ଣ ଅପେକ୍ଷା ନିଜ ପୁଞ୍ଜିର ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେଉଥିଲେ ।

କିନ୍ତୁ ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳିଯାଇଛି । ୨୦୨୫-୨୬ ଆର୍ଥିକ ବର୍ଷ ସୁଦ୍ଧା ୧୦ ବର୍ଷିଆ ବଣ୍ଡ୍ ୟିଲ୍ଡ ଜାପାନରେ ୧.୮ ପ୍ରତିଶତ, ଆମେରିକାରେ ୪.୨ ପ୍ରତିଶତ ଏବଂ ବ୍ରିଟେନ୍‌ରେ ୪.୬ ପ୍ରତିଶତକୁ ବୃଦ୍ଧି ପାଇଛି । ଚଳିତ ଆର୍ଥିକ ବର୍ଷରେ ଏହା ଆହୁରି ବୃଦ୍ଧି ପାଇ ମେ ମାସ ସୁଦ୍ଧା ଯଥାକ୍ରମେ ୨.୮%, ୪.୭% ଏବଂ ୫.୨% ଛୁଇଁଛି । ବିଶ୍ୱ ବଜାରରେ ଏହି ଶସ୍ତା ଟଙ୍କାର ଯୁଗ ଶେଷ ହେବାର ମୁଖ୍ୟତଃ ଦୁଇଟି ବଡ଼ କାରଣ ରହିଛି । ପ୍ରଥମ କାରଣଟି ହେଉଛି ବିଶ୍ୱବ୍ୟାପୀ ମୁଦ୍ରାସ୍ଫୀତିର ପ୍ରତ୍ୟାବର୍ତ୍ତନ । ୨୦୨୦ ଏବଂ ୨୦୨୧ରେ ମହାମାରୀ କାରଣରୁ ବିଶ୍ୱ ଯୋଗାଣ ଶୃଙ୍ଖଳାରେ ବ୍ୟାପକ ବାଧା ସୃଷ୍ଟି ହୋଇଥିଲା । ଏହା ପରେ ୨୦୨୨ରେ ଋଷିଆ-ୟୁକ୍ରେନ୍ ଯୁଦ୍ଧ, ୨୦୨୫ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଲାଗୁ କରାଯାଇଥିବା ଏକତରଫା ବାଣିଜ୍ୟିକ ଶୁଳ୍କ (ଟାରିଫ୍) ଏବଂ ବର୍ତ୍ତମାନ ଆମେରିକା-ଇସ୍ରାଏଲ୍ ବନାମ ଇରାନ ମଧ୍ୟରେ ଲାଗି ରହିଥିବା ଅସମାହିତ ସଂଘର୍ଷ ମୁଦ୍ରାସ୍ଫୀତିକୁ ଆକାଶଛୁଆଁ କରିଦେଇଛି । ଜାପାନ ଭଳି ଦେଶ, ଯେଉଁଠାରେ ଦଶନ୍ଧି ଦଶନ୍ଧି ଧରି ଦରଦାମ୍ ବୃଦ୍ଧି ପ୍ରାୟ ନଥିଲା, ସେଠାରେ ୨୦୨୩ ଜାନୁଆରୀ ବେଳକୁ ଖାଉଟି ଦରଦାମ୍ ସୂଚକାଙ୍କ ୪.୩ ପ୍ରତିଶତରେ ପହଞ୍ଚିଥିଲା ଏବଂ ୨୦୨୬ ଏପ୍ରିଲ୍ ସୁଦ୍ଧା ମଧ୍ୟ ଏହା ୧.୪ ପ୍ରତିଶତ ରହିଛି ଯାହାକି ଏହାର ପୂର୍ବ ତିନି ଦଶନ୍ଧିର ଇତିହାସ ତୁଳନାରେ ଯଥେଷ୍ଟ ଅଧିକ । ବ୍ରିଟେନ୍‌ର ଅବସ୍ଥା ଆହୁରି ଶୋଚନୀୟ ଥିଲା, ଯେଉଁଠାରେ ୨୦୨୨ ରୁ ୨୦୨୩ ମଧ୍ୟରେ ବାର୍ଷିକ ମୁଦ୍ରାସ୍ଫୀତି ୯ ରୁ ୧୧ ପ୍ରତିଶତ ମଧ୍ୟରେ ରହିଥିଲା । ଆମେରିକାରେ ମଧ୍ୟ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ବାହାରକୁ ଯାଇଥିଲା । ପଶ୍ଚିମ ଏସିଆର ଅସ୍ଥିରତା କାରଣରୁ ତୈଳ, ସାର ଏବଂ ଖାଦ୍ୟପଦାର୍ଥର ମୂଲ୍ୟ ବୃଦ୍ଧି ପାଇବା ଫଳରେ ୨୦୨୦-୨୧ ପର୍ଯ୍ୟନ୍ତ ପ୍ରଚଳିତ ଥିବା ଅତି ନିମ୍ନ ସୁଧ ହାର ଏବଂ ବଣ୍ଡ୍ ୟିଲ୍ଡକୁ ବଜାୟ ରଖିବା କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପାଇଁ ଅସମ୍ଭବ ହୋଇପଡ଼ିଲା । ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ପାଇଁ ବଜାରରୁ ଲିକ୍ୟୁଡିଟି କମାଇବା ଜରୁରୀ ହୋଇପଡ଼ିଲା, ଯାହା ଫଳରେ ସୁଧ ହାର ବଢ଼ାଇବା ଛଡ଼ା ଅନ୍ୟ କୌଣସି ବିକଳ୍ପ ନଥିଲା ।

ଦ୍ୱିତୀୟ ମୁଖ୍ୟ କାରଣ ହେଉଛି କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ଅନୁସୃତ 'କ୍ୱାଣ୍ଟିଟେଟିଭ୍ ଇଜିଂ' (**QE**) ନୀତିର ଅବସାନ । ୨୦୦୮ ମସିହାର ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ଏବଂ ପରେ ମହାମାରୀ ସମୟରେ ଅର୍ଥନୈତିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ପାଇଁ ଆମେରିକାର ଫେଡେରାଲ୍ ରିଜର୍ଭ ଭଳି କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଏହି ଅସ୍ତ୍ରର ବ୍ୟବହାର କରିଥିଲେ । ସେମାନେ ବ୍ୟାବସାୟିକ ବ୍ୟାଙ୍କଗୁଡ଼ିକ ଠାରୁ ବିପୁଳ ପରିମାଣରେ ସରକାରୀ ବଣ୍ଡ୍ ଏବଂ ଅନ୍ୟାନ୍ୟ ଦୀର୍ଘମିଆଦୀ ସମ୍ପତ୍ତି କ୍ରୟ କରି ନୂତନ ମୁଦ୍ରା ସୃଷ୍ଟି କରିଥିଲେ । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଆର୍ଥିକ ବ୍ୟବସ୍ଥାରେ ପର୍ଯ୍ୟାପ୍ତ ଲିକ୍ୟୁଡିଟି ସୃଷ୍ଟି କରିବା, ଦୀର୍ଘମିଆଦୀ ସୁଧ ହାର ହ୍ରାସ କରିବା ଏବଂ ବ୍ୟବସାୟୀ ତଥା ଗ୍ରାହକମାନଙ୍କୁ ଅଧିକ ଋଣ ପ୍ରଦାନ କରିବାକୁ ବ୍ୟାଙ୍କଗୁଡ଼ିକୁ ଉତ୍ସାହିତ କରିବା । ମାତ୍ର, ସାମଗ୍ରୀ ଏବଂ ସେବାର ବାସ୍ତବ ଉତ୍ପାଦନ ତୁଳନାରେ ନୂତନ ମୁଦ୍ରାର ଯୋଗାଣ ଦ୍ରୁତ ଗତିରେ ବୃଦ୍ଧି ପାଇବା କାରଣରୁ ଏହା ମୁଦ୍ରାସ୍ଫୀତିର ଆଶଙ୍କାକୁ ବଢ଼ାଇ ଦେଇଥିଲା । ଏହା ବ୍ୟତୀତ, ବଜାର ଚାହିଦା ଠାରୁ କମ୍ ସୁଧ ହାରରେ ସରକାରୀ ଋଣ ଉପଲବ୍ଧ ହେବା ଫଳରେ ସରକାରମାନେ ନିଜର ପରିଶୋଧ କ୍ଷମତା ଠାରୁ ଅଧିକ ଋଣ ଗ୍ରହଣ କରିବାକୁ ଲାଗିଲେ । ଉଚ୍ଚ ମୁଦ୍ରାସ୍ଫୀତି ଏବଂ ଅତ୍ୟଧିକ ସରକାରୀ ଋଣର ଏହି ମିଳିତ ପ୍ରଭାବ ଆଜି ବୃଦ୍ଧି ପାଉଥିବା ସୋଭରେନ୍ ବଣ୍ଡ୍ ୟିଲ୍ଡ ଆକାରରେ ପ୍ରତିଫଳିତ ହେଉଛି । ଯେତେବେଳେ କେନ୍ଦ୍ରୀୟ ବ୍ୟାଙ୍କ ବଣ୍ଡ୍ କିଣିବା ବନ୍ଦ କରିଦିଏ କିମ୍ବା ପୂର୍ବରୁ କିଣିଥିବା ବଣ୍ଡ୍ ବିକ୍ରି କରିବା ଆରମ୍ଭ କରେ, ସେତେବେଳେ ବଜାରରେ ବଣ୍ଡ୍ ?ର ଯୋଗାଣ ବଢ଼ିଯାଏ ଏବଂ ଏହାର ମୂଲ୍ୟ କମିଯାଏ । ବଣ୍ଡ୍‌ର ମୂଲ୍ୟ ଏବଂ ୟିଲ୍ଡ ମଧ୍ୟରେ ବିପରୀତ ସମ୍ପର୍କ ଥିବାରୁ, ମୂଲ୍ୟ କମିଲେ ୟିଲ୍ଡ ଆପେ ଆପେ ବୃଦ୍ଧି ପାଇଥାଏ ।

ଏହି ବିଶ୍ୱସ୍ତରୀୟ ପରିବର୍ତ୍ତନ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯେତେବେଳେ ବିଶ୍ୱ ବଜାରରେ ଶସ୍ତା ଟଙ୍କା ଉପଲବ୍ଧ ଥିଲା, ଭାରତ ଭଳି ଉଦୀୟମାନ ବଜାରଗୁଡ଼ିକ ଏହାର ବହୁଳ ଫାଇଦା ଉଠାଇଥିଲେ । ଅଧିକ ରିଟର୍ଣ୍ଣ ଆଶାରେ ବିଦେଶୀ ନିବେଶକମାନେ ଭାରତୀୟ ବଜାରରେ ବିପୁଳ ପୁଞ୍ଜି ନିବେଶ କରିଥିଲେ । ୧୯୯୮-୯୯ ମସିହାରେ ଭାରତକୁ ମାତ୍ର ୮.୩ ବିଲିୟନ ଡଲାରର ପୁଞ୍ଜି ପ୍ରବାହ ହୋଇଥିବା ବେଳେ ୨୦୦୭-୦୮ ସୁଦ୍ଧା ଏହା ରେକର୍ଡ ୧୦୭.୯ ବିଲିୟନ ଡଲାରରେ ପହଞ୍ଚିଥିଲା । ୨୦୦୮-୦୯ ଆର୍ଥିକ ସଙ୍କଟ ସମୟରେ ଏହା ଖସିଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ (୨୦୦୯ ରୁ ୨୦୨୪ ମଧ୍ୟରେ) ବାର୍ଷିକ ହାରାହାରି ୬୭.୩ ବିଲିୟନ ଡଲାରର ପୁଞ୍ଜି ପ୍ରବାହ ହୋଇଥିଲା । କିନ୍ତୁ ୨୦୨୪-୨୫ ଆର୍ଥିକ ବର୍ଷ ବେଳକୁ ପରିସ୍ଥିତି ବଦଳିଗଲା ଏବଂ ପୁଞ୍ଜି ପ୍ରବାହ ମାତ୍ର ୧୮ ବିଲିୟନ ଡଲାରକୁ ଖସିଆସିଲା । ଆହୁରି ଚିନ୍ତାଜନକ ବିଷୟ ହେଉଛି, ୨୦୨୫-୨୬ ର ପ୍ରଥମ ନଅ ମାସ ମଧ୍ୟରେ ଭାରତରୁ ୫୮୦ ନିୟୁତ ଡଲାରର ପୁଞ୍ଜି ପ୍ରତ୍ୟାହାର ହୋଇଛି । ଭାରତୀୟ ସେୟାର ବଜାରରେ ବିଦେଶୀ ପୋର୍ଟଫୋଲିଓ ନିବେଶକ (**FPI**) ମାନଙ୍କର ଗତିବିଧିକୁ ଲକ୍ଷ୍ୟ କଲେ ଏହି ଧାରା ଅଧିକ ସ୍ପଷ୍ଟ ହୁଏ । ୧୯୯୮ ରୁ ୨୦୨୧ ମଧ୍ୟରେ କେବଳ ଦୁଇଟି ବର୍ଷକୁ ଛାଡ଼ିଦେଲେ ବିଦେଶୀ ନିବେଶକମାନେ କ୍ରମାଗତ ଭାବେ ଭାରତରେ ଅର୍ଥ ଖଟାଉଥିଲେ । କିନ୍ତୁ ୨୦୨୦-୨୧ ପରଠାରୁ ଗତ ଛଅ ବର୍ଷ ମଧ୍ୟରୁ ପାଞ୍ଚ ବର୍ଷ ରଚଓ ମାନେ ଭାରତୀୟ ବଜାରରେ ନିବେଶ କରିବା ଅପେକ୍ଷା ଅଧିକ ଅର୍ଥ ଉଠାଇ ନେଇଛନ୍ତି । ଯେତେବେଳେ ଆମେରିକା ଭଳି ବିକଶିତ ଦେଶରେ ସୁଧ ହାର ବୃଦ୍ଧି ପାଏ, ସେତେବେଳେ ବିଦେଶୀ ନିବେଶକମାନେ ଉଦୀୟମାନ ବଜାରରୁ ନିଜର ବିପଦପୂର୍ଣ୍ଣ ନିବେଶ ପ୍ରତ୍ୟାହାର କରି ଆମେରିକୀୟ ବଣ୍ଡ୍‌ରେ ନିବେଶ କରିବାକୁ ଶ୍ରେୟ ମଣନ୍ତି, କାରଣ ସେଠାରେ ସେମାନଙ୍କୁ ବିନା ବିପଦରେ ଆକର୍ଷଣୀୟ ରିଟର୍ଣ୍ଣ ମିଳିଯାଏ ।

ବର୍ତ୍ତମାନ ଭାରତରେ ୧୦ ବର୍ଷିଆ ସରକାରୀ ବଣ୍ଡ୍ ୟିଲ୍ଡ ପ୍ରାୟ ୭ ପ୍ରତିଶତ ରହିଛି । ଅନ୍ୟପକ୍ଷରେ ଆମେରିକାର ୧୦ ବର୍ଷିଆ ଟ୍ରେଜେରୀ ନୋଟ୍ ୟିଲ୍ଡ ୪.୫ ପ୍ରତିଶତରେ ପହଞ୍ଚିଛି । ଏହାର ଅର୍ଥ ହେଲା ଉଭୟ ଦେଶ ମଧ୍ୟରେ ୟିଲ୍ଡର ବ୍ୟବଧାନ ମାତ୍ର ୨.୫ ପ୍ରତିଶତକୁ ଖସିଆସିଛି, ଯାହାକି ଗତ ଏକ ଦଶନ୍ଧିର ହାରାହାରି ୪ ପ୍ରତିଶତ ବ୍ୟବଧାନ ଠାରୁ ଯଥେଷ୍ଟ କମ୍ । ଯଦି ଆମେ ଟଙ୍କାର ମୂଲ୍ୟ ହ୍ରାସ ଏବଂ ଆମେରିକୀୟ ଟ୍ରେଜେରୀର ଅଧିକ ସୁରକ୍ଷିତ ମୂଲ୍ୟକୁ ହିସାବକୁ ନେବା, ତେବେ ଏହି ବ୍ୟବଧାନ ଆହୁରି କମ୍ ହୋଇଯିବ । ଫଳସ୍ୱରୂପ, କେବଳ ସୁଧ ହାରର ପାର୍ଥକ୍ୟକୁ ଦେଖି ବିଦେଶୀ ପୁଞ୍ଜି ଭାରତକୁ ଆସିବାର ସମ୍ଭାବନା କ୍ଷୀଣ ହୋଇଯାଇଛି । ଏହାର ପ୍ରଭାବ କେବଳ ପୁଞ୍ଜି ବଜାର ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଭାରତୀୟ ମୁଦ୍ରା (ଟଙ୍କା) ଉପରେ ମଧ୍ୟ ପ୍ରବଳ ଚାପ ସୃଷ୍ଟି କରୁଛି । ବିଦେଶୀ ପୁଞ୍ଜି ପ୍ରତ୍ୟାହାର ଯୋଗୁଁ ଡଲାର ତୁଳନାରେ ଟଙ୍କାର ମୂଲ୍ୟ କ୍ରମାଗତ ଭାବେ ହ୍ରାସ ପାଉଛି । ଟଙ୍କାର ମୂଲ୍ୟ ହ୍ରାସ ପାଇବା ଫଳରେ ଭାରତର ଆମଦାନୀ ଖର୍ଚ୍ଚ, ବିଶେଷ କରି ଅଶୋଧିତ ତୈଳ ଏବଂ ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ଆମଦାନୀ ବ୍ୟୟ ବୃଦ୍ଧି ପାଉଛି, ଯାହା ପରୋକ୍ଷରେ ଦେଶ ଭିତରେ ମୁଦ୍ରାସ୍ଫୀତିକୁ ଆହୁରି ବଢ଼ାଉଛି । ଏହା ବ୍ୟତୀତ ଭାରତୀୟ କର୍ପୋରେଟ୍ ସେକ୍ଟର ପାଇଁ ମଧ୍ୟ ଅସୁବିଧା ବଢ଼ିଛି । ଯେଉଁ ଭାରତୀୟ କମ୍ପାନୀମାନେ ବାହ୍ୟ ବାଣିଜ୍ୟିକ ଋଣ (**External Commercial Borrowings** ବା **ECB**) ମାଧ୍ୟମରେ ବିଦେଶୀ ବଜାରରୁ ଶସ୍ତାରେ ଋଣ ଆଣୁଥିଲେ, ଏବେ ବିଶ୍ୱ ସ୍ତରରେ ସୁଧ ହାର ବୃଦ୍ଧି ପାଇବା କାରଣରୁ ସେମାନଙ୍କର ଋଣ ପରିଶୋଧ ବୋଝ ବହୁଗୁଣିତ ହୋଇଛି । ଏହା କମ୍ପାନୀଗୁଡ଼ିକର ଲାଭାଂଶ କମାଇବା ସହ ନୂତନ ନିବେଶ ଓ ନିଯୁକ୍ତି ସୃଷ୍ଟି ପ୍ରକ୍ରିୟାକୁ ମଧ୍ୟ ମନ୍ଥର କରିଦେବାର ଆଶଙ୍କା ରହିଛି । ଏହା ୨୦୧୩ ମସିହାର 'ଟେପର୍ ଟ୍ୟାଣ୍ଟ୍ରମ୍' (**Taper Tantrum**) ପରିସ୍ଥିତିକୁ ମନେ ପକାଇଦେଉଛି, ଯେତେବେଳେ ଆମେରିକୀୟ ଫେଡେରାଲ୍ ରିଜର୍ଭ କେବଳ ବଣ୍ଡ୍ କ୍ରୟ କମାଇବାର ସୂଚନା ଦେବା ମାତ୍ରେ ଭାରତୀୟ ଟଙ୍କାର ମୂଲ୍ୟ ଐତିହାସିକ ସ୍ତରକୁ ଖସିଯାଇଥିଲା ।

ପରିଶେଷରେ ଏହା କୁହାଯାଇପାରେ ଯେ, ବିଶ୍ୱବ୍ୟାପୀ ଶସ୍ତା ପୁଞ୍ଜିର ପ୍ରାଚୁର୍ଯ୍ୟ (**Push factor**) ଯୋଗୁଁ ଭାରତକୁ ଯେଉଁ ସହଜ ପୁଞ୍ଜି ପ୍ରବାହ ହେଉଥିଲା, ସେହି ଅଧ୍ୟାୟର ଏବେ ପରିସମାପ୍ତି ଘଟିଛି । ଆଗାମୀ ଦିନରେ ବିଦେଶୀ ପୁଞ୍ଜି ଭାରତକୁ ଫେରିପାରେ, କିନ୍ତୁ ଏଥିପାଇଁ କେବଳ ବିଶ୍ୱସ୍ତରୀୟ ଲିକ୍ୟୁଡିଟି ଉପରେ ନିର୍ଭର କଲେ ଚଳିବ ନାହିଁ । ଭାରତକୁ ନିଜର ଆଭ୍ୟନ୍ତରୀଣ ଅର୍ଥନୈତିକ ଦୃଢ଼ତା ବା ଏକ ଶକ୍ତିଶାଳୀ ଆକର୍ଷଣ ବା 'ପୁଲ୍' (**Pull**) ଫ୍ୟାକ୍ଟର ପ୍ରଦର୍ଶନ କରିବାକୁ ପଡ଼ିବ । ଏହାର ଅର୍ଥ ହେଉଛି ଭାରତକୁ ଉଚ୍ଚ ଜିଡିପି (**GDP**) ଅଭିବୃଦ୍ଧି, କର୍ପୋରେଟ୍ କ୍ଷେତ୍ରରେ ଉତ୍ତମ ଆୟ, ନୀତିଗତ ସ୍ଥିରତା ଏବଂ ବ୍ୟାପକ ଭିତ୍ତିଭୂମି ବିକାଶର ପ୍ରମାଣ ଦେବାକୁ ହେବ । ସରକାରଙ୍କୁ ନିଜର ଆର୍ଥିକ ନିଅଣ୍ଟ (**Fiscal Deficit**) କୁ କଠୋର ଭାବେ ନିୟନ୍ତ୍ରଣରେ ରଖିବାକୁ ପଡ଼ିବ ଏବଂ ଆରବିଆଇକୁ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ସହ ଆର୍ଥିକ ଅଭିବୃଦ୍ଧି ମଧ୍ୟରେ ଏକ ସୂକ୍ଷ୍ମ ସନ୍ତୁଳନ ବଜାୟ ରଖିବାକୁ ହେବ । ବିଦେଶୀ ପୁଞ୍ଜି ଉପରେ ଅତ୍ୟଧିକ ନିର୍ଭରଶୀଳତା କମାଇ ଦେଶ ଭିତରେ ପୁଞ୍ଜି ଗଠନ (**Domestic Capital Formation**) ଉପରେ ଅଧିକ ଗୁରୁତ୍ୱ ଦେବାର ସମୟ ଆସିଯାଇଛି ।

ଧ୍ୱନି ପ୍ରତିଧ୍ୱନି

# ସ୍ୱର ପରିବର୍ତ୍ତନର-୪

## କୁମାର ତ୍ରିପାଠୀ

(ପୂର୍ବ ପ୍ରକାଶିତ ଉତ୍ତାରୁ...)

**No advise force com prevail against the constant action of the grece, one day the victory is cartain.**

ଦିବ୍ୟ କୃପାରୁ ନୀରବ ଛିନ୍ନ କ୍ରିୟା ସମ୍ମୁଖରେ କୌଣସି ଅଦିବ୍ୟ ବିରୋଧୀ ଶକ୍ତି ପ୍ରଭାବଶାଳୀ ହୋଇ ରହି ପାରିବ ନାହିଁ । ଦିନେ ମରମ ବିଜୟ ସ୍ୱ ବର୍ଣ୍ଣିତା- ଶ୍ରୀମା

ଅନେକ କଥା ଭିତରୁ କିଛି କଥା କେହି କେହି ସଂଗ୍ରହ କରୁଥିଲେ । ନିଜର ଛୋଟ ଖାତାରେ ଲେଖି ନେଉଥିଲେ । ପୁଣି ଆସନ୍ତା ପାଠଚକ୍ରରେ ସେଇଠୁ ପ୍ରଶ୍ନ ଆସି ଯାଉଥିଲା । ଯଥା ସମ୍ଭବ ଉତ୍ତର ମଧ ରଖାଯାଉଥିଲା ।

ଶ୍ରୀ ଅରବିନ୍ଦଙ୍କ ଯୋଗ- ପୂର୍ଣ୍ଣଯୋଗ, ରୂପାନ୍ତର ଯୋଗ । ଏହାକୁ ଗ୍ରହଣ କରିଥିବା ସାଧକର ଅଗ୍ରଗତି ପାଇଁ ସହଜ ସରଳ ପଦ୍ଧତି ହେଉଛି ନାମ ଜପ । ଏହି ଯୋଗରେ ଦୁର୍ଲଙ୍ଘନୀୟ ବାଧାବିଘ୍ନ, ବିରୋଧୀ ଶକ୍ତି ରାଜିର କୌଶଳ ପୂର୍ଣ୍ଣ ଆକ୍ରମଣରୁ ନିର୍ଦ୍ଦ୍ୱନ୍ଦରେ ରକ୍ଷାପାଇଁ ଲକ୍ଷ୍ୟରେ ପହଞ୍ଚିବାର ଅବ୍ୟର୍ଥ ପଥ ହେଲା ମା'ଙ୍କ ପାଖରେ ନିଜକୁ ସମର୍ପଣ ଏବଂ ନାମ ଜପ । ଏହି ଯୋଗର ଲକ୍ଷ୍ୟ ହେଉଛି ରୂପାନ୍ତରିତ ମନ ପ୍ରାଣ ଶରୀରରେ ଭଗବତ ପ୍ରାପ୍ତି । ମା'- ଏହିନାମ ମହାନ ଶକ୍ତିଶାଳୀ ହେବା ସତ୍ତ୍ୱେ ଅତ୍ୟନ୍ତ ସହଜ । ମା'ଙ୍କଠାରୁ ତାଙ୍କ ନାମ ପୃଥକ ନଥିବାରୁ ମା'ଙ୍କ ଉପସ୍ଥିତି ରହେ । ମା' ସ୍ୱୟଂ ଆଦ୍ୟା- ଭାଗବତୀ ଶକ୍ତି, ଅବତାର ହୋଇ ରୂପାନ୍ତର ସକାଶେ ମର୍ତ୍ତ ଆଗମନ । ମା'ଙ୍କ ନାମ ଜପ କଲେ ମାତୃଶକ୍ତି ଅବତରଣ କରି ସାଧକ ମଧ୍ୟରେ ରୂପାନ୍ତର କ୍ରିୟା କରନ୍ତି । ବାଧାବିଘ୍ନରୁ ରକ୍ଷା କରିଥାନ୍ତି । 'ମ' ଅକ୍ଷର ବା 'ମ'କାର ହେଉଛି ଚନ୍ଦ୍ରବୀଜ । ଚନ୍ଦ୍ରମା ଅମୃତ ଧାରଣ କରିଥାନ୍ତି । ସେ ଶୀତଳ ଶାନ୍ତ ଆନନ୍ଦ ସ୍ୱରୂପ । 'ମ'ରେ ଯେଉଁ ଆକାର ତାହା ଅଗ୍ନିବୀଜ । ଅ'କାର ଅଗ୍ନି ବୀଜ ହୋଇଥିବାରୁ 'ମା' ଏହି ନାମଜ ପରେ ସାଧକର ସଂଚିତ କ୍ରିୟମାଣ, ପ୍ରାରବ୍ଧ, ପ୍ରତିକୂଳ ବସ୍ତୁ ସବୁ ଭସ୍ମ ହୋଇଯାଏ । ସାଧକ ଠାରୁ ଅଜ୍ଞାନ, ମୋହ ମାୟାର ଆବରଣ ହଟିଯାଏ । ବୁଦ୍ଧି ଶୁଦ୍ଧି ଓ ପବିତ୍ର ହୁଏ । ମା' କହିଛନ୍ତି ଯଦି କେତେବେଳେ କିଛି ଅଡୁଆ ଆସେ ତେବେ ମୋ ନାମ- ମା-ମା-ମା ନିରନ୍ତର ଜପକର ।' ଅନ୍ୟ ସମୟ, ସବୁ ସମୟରେ ବି ।

ଶ୍ରୀ ରାମକୃଷ୍ଣ ଦାସ, ବାବାଜୀ ମହାରାଜଙ୍କ ରୂପାନ୍ତର ଯୋଗରେ ନାମଜପ ବହିଟି ଆମ ପାଠଚକ୍ରରେ ଦୈତାରୀ ଶିଅଳ ପ୍ରାୟ ପଢ଼ନ୍ତି, ତାହାର ତର୍ଜମା କରାଯାଏ । କପ୍ତିପଦାର ତ୍ରିଲୋଚନ ମିଶ୍ର ମା' ନାମ ଜପ ସମ୍ବନ୍ଧରେ ଅନେକ କଥା କହନ୍ତି । ଯୋଗ ସମନ୍ୱୟରେ କୁହାଯାଇଛି ଅନ୍ତରରେ ଚୈତ୍ୟ ଅଗ୍ନିକୁ- ପ୍ରଜ୍ୱଳିତ କରିବାକୁ ହେବ ଯାହା ମଧ୍ୟକୁ ଭଗବତ ନାମ ସ୍ମରଣ ସହ ସବୁ କିଛିର ଆହୁତି ହେବ । ଶରୀର ରୂପାନ୍ତର ସକାଶେ ଜପ ଅନିବାର୍ଯ୍ୟ ।

ମା' ବାଲ୍ୟାବସ୍ଥାରେ ନାମ ଜପ କରୁଥିଲେ- ଶରୀର ରୂପାନ୍ତର ସକାଶେ ଜପ ଅର୍ନିବାର୍ଯ୍ୟ, ତଥା ଜପର ସିଧାସଳଖ କ୍ରିୟା ଶରୀରରେ ହୁଏ । ବହୁତ ବର୍ଷର ସାଧନା ଅଳ୍ପ ମାସ ମଧ୍ୟରେ ହୋଇପାରେ । ଶ୍ରୀଅରବିନ୍ଦ କହନ୍ତି ମା'ଙ୍କୁ ସମର୍ପଣର କଥା ଓ ମା' ନାମ ଜପ କଥା । ଭଗବାନଙ୍କ କ୍ରିୟାତ୍ମିକା ଶକ୍ତି ହେଉଛନ୍ତି ମା' । ମାତୃଶକ୍ତି ଏବଂ ଭଗବାନ ତତ୍ତ୍ୱତ ଏକ ଓ ଅଭିନ୍ନ ।

ବିରୋଧୀ ଶକ୍ତିର ଆକ୍ରମଣରୁ ରକ୍ଷା ପାଇବାର ଅମୋଘ ଅଛି ମା' ନାମଜୀ । ଏହା ନିଷ୍ଠାର ସହ ହେଲେ ବିଶ୍ୱାସ ଓ ସମର୍ପଣ ଭାବ ଅଧିକ ଆସେ, ସାଧକର ବିଷାଦ ଦୂର ହୁଏ । ସେ ମା'ଙ୍କର ଉପସ୍ଥିତି, ଶାନ୍ତି, ଆନନ୍ଦ ଅନୁଭବ କରିପାରେ ।

ବୁଢ଼ା ମାଷ୍ଟ୍ରେ, ଅନନ୍ତ ପାତ୍ର ଅତ୍ୟନ୍ତ ଉତ୍ସାହର ସହ ପଚାରିଲେ ମା'ଙ୍କ ସ୍ୱରୂପ ସମ୍ବନ୍ଧରେ । ଚନ୍ଦନ କହିଲେ ମା' ବହିରେ ଶ୍ରୀ ଅରବିନ୍ଦ ମା'ଙ୍କ ସମ୍ବନ୍ଧରେ ଆଲୋଚନା କରିଥାନ୍ତି । ଜଗତ୍‌ମାତାଙ୍କର ମୋଟା ମୋଟି ଚାରୋଟି ଅଭିବ୍ୟକ୍ତ ସ୍ୱରୂପ । ଅଭିବ୍ୟକ୍ତିର ବିଭିନ୍ନ ପ୍ରକାଶ ଅନୁସାରେ କେଉଁଠି ବା ସେ ମାହେଶ୍ୱରୀ, କେଉଁଠି ବା ସେ ମହାକାଳୀ, କେଉଁଠି ମହାଲକ୍ଷ୍ମୀ, କେଉଁଠି ମହାସରସ୍ୱତୀ । ମୋଟାମୋଟି ଏହି ଚାରି ପ୍ରକାରର ଭାବରେ ହିଁ ଜଗନ୍ମାତା ତାଙ୍କର ନାନା ବିଧ ଶକ୍ତିରୂପର ପ୍ରକାଶ କରନ୍ତି । ଏହା ମଧ୍ୟରେ ଯେ ମାହେଶ୍ୱରୀ ସେ ହେଲେ ଜ୍ଞାନ ଓ କରୁଣାମୟୀ, ମହାକାଳୀ ବଳ ବୀର୍ଯ୍ୟ ସ୍ୱରୂପ, ମହାସରସ୍ୱତୀ- ଶୃଙ୍ଖଳା ଓ ପୂର୍ଣ୍ଣସିଦ୍ଧି ସ୍ୱରୂପା । ଜଗନ୍ମାତାଙ୍କର ଆହୁରି ଅନେକ ଶକ୍ତି ରୂପ ବି ଅଛି ।

ମା' ଅଜନ୍ମରୁ ଶକ୍ତି ସ୍ୱରୂପା । ବାଲ୍ୟ ଜୀବନରୁ ଆପଣାଛାଏଁ ତାଙ୍କର ଯୋଗ ଜୀବନ ଆରମ୍ଭ । ତାଙ୍କର ସାଧନା ଜାଗରଣରେ ଯେତେ, ସ୍ୱପ୍ନରେ ବା ନିଦ୍ରା କାଳରେ ଅଧିକ, ଅଧ୍ୟାପକ ଚିତ୍ତସ୍ୱାଇଁ 'କିଏ ଏଇ ମା' ପୁସ୍ତକ ପଢ଼ି କହିଲେ ସ୍ୱପ୍ନରେ ମା' ତାଙ୍କ ଗୁରୁଙ୍କର ସାକ୍ଷାତ ପାଇଥିଲେ, ଯାହାଙ୍କୁ ପୂର୍ବରୁ କେବେହେଲେ ଜାଣି ନାହାନ୍ତି କି ଦେଖି ନାହାନ୍ତି । ସେ ଏଗାରରୁ ତେର ବର୍ଷ ବୟସ ଭିତରେ ଅନେକ ଆଧ୍ୟାତ୍ମିକ ଅନୁଭୂତି ପ୍ରାପ୍ତ ହୋଇଛନ୍ତି । ଅନେକ ଗୁରୁଙ୍କୁ ଭେଟିଛନ୍ତି । ସେମାନଙ୍କ ମଧ୍ୟରୁ ଜଣକ ସଂଗେ ଘନିଷ୍ଠ ଥିଲେ । ତାଙ୍କୁ 'କୃଷ୍ଣ' ସମ୍ବୋଧନ କରୁଥିଲେ । ସେ ବୁଝିଥିଲେ ତାଙ୍କ ସହ ମିଳିତ ହୋଇ ତାଙ୍କର ଆଦିଷ୍ଟ ଦିବ୍ୟ କର୍ମ ସମ୍ପାଦନ କରିବାକୁ ହେବ । ଭାରତ ବର୍ଷ ସମ୍ବନ୍ଧରେ ଓ ତାର ଧର୍ମ ଶାସ୍ତ୍ର, ଦର୍ଶନ ସମ୍ବନ୍ଧରେ ସେ ବିଶେଷ ଜାଣି ନଥିଲେ ବି ଭାରତ ଭୂମିକୁ ତାଙ୍କର ମାତୃଭୂମି ବୁଝିଥିଲେ । ସନ ୧୯୧୪ ସାଲରେ ସେ ଭାରତରେ ଆସି ପହଞ୍ଚନ୍ତି ଓ ଶ୍ରୀ ଅରବିନ୍ଦଙ୍କ ଦର୍ଶନ, ସଂଗେ ସଂଗେ ଚିହ୍ନନ୍ତି ସ୍ୱପ୍ନରେ ଯାହାଙ୍କୁ ଦେଖିଛନ୍ତି- 'କୃଷ୍ଣ' । ତାହା ଥିଲା ମାର୍ଚ୍ଚ ମାସ ୨୯ ତାରିଖ ଅପରାହ୍ନ ୩ଟା ୩୦ । ସଂଗରେ ଥାନ୍ତି ପଲ ରିସାର । 'ଇଏ' ହେଉଛନ୍ତି ତାଙ୍କର ସାଧନାର ଗୁରୁ ମୀରା ବୁଝିଗଲେ । ଇହାଙ୍କୁ ଜାଣିବା ପାଇଁ ଅଙ୍କନ କରିଥିଲେ ରେଖାଚିତ୍ର । ହୃଦୟ ତାଙ୍କର ନଇଁ ଗଲା, ମନ ନୀରବ ହୋଇଗଲା ଏବଂ ଏହି ନୀରବତା ଭିତରେ କେତେ କଥା, କେତେ କାହାଣୀ, ଜନ୍ମ ଜନ୍ମାନ୍ତରର । **In peace and lilence the Eternal manifest,** ଅର୍ଥାତ୍ ଶାନ୍ତି ଓ ନୀରବତା ମଧ୍ୟରେ ଅନଗ୍ର ପ୍ରକଟିତ ହୁଅନ୍ତି । ମୀରା ନିଜକୁ ଲୋଟାଇ ଦେଲେ ଶ୍ରୀ ଅରବିନ୍ଦଙ୍କ ଶ୍ରୀ ପାଦ ପଦ୍ମରେ । ନା ଥିଲା ଅତୀତ ନା ଅଛି ବର୍ତ୍ତମାନ, ନା ରହିବ ଭବିଷ୍ୟତ- ଏକ ସଦ୍ୟଜାତ ଶିଶୁ ପକ୍ଷେ ସେ ସବୁର ବିଚାର ବା ସମ୍ଭବ କେଉଁଠି । ସମଗ୍ର ଅନ୍ତର ପାଲଟିଛି ଖଣ୍ଡିଏ ଅଲେଖା ଧଳା କାଗଜ ।

ଶ୍ରୀ ଅରବିନ୍ଦଙ୍କୁ ଭେଟିବା ପୂର୍ବରୁ ମୀରା ବହୁ ଅଭିଜ୍ଞତା ଓ ସିଦ୍ଧି ପ୍ରାପ୍ତ କରିଥିଲେ । ସେ ସେଗୁଡ଼ିକୁ ପ୍ରଦୀପ୍ତ ମାନସ ସହକାରେ ଜୀବନ କର୍ମ ପାଇଁ ଏକ ଛାଞ୍ଚ ରୂପେ ନେଉଥିଲେ । ଜଗତର ଉନ୍ନତି ପାଇଁ ସବୁ ପ୍ରକାର ଶକ୍ତିଶାଳୀ ଧାରଣାବଳୀ ଆସୁଥାଏ କଳା, ସମାଜ ଓ ଧର୍ମ ସମ୍ବନ୍ଧୀୟ ଧାରଣା । ଶ୍ରୀ ଅରବିନ୍ଦଙ୍କୁ ଦେଖିବା ମାତ୍ରେ ମୀରା ସମସ୍ତ ମାନସିକ ଛାଞ୍ଚର ସଂପୂର୍ଣ୍ଣ ନିବୃତ୍ତି ନିମିତ୍ତ ଅଭୀପ୍ସିତ ହେଲେ । ଗୋଟିଏ ବି ଶବ୍ଦ ନାହିଁ, ଶ୍ରୀ ଅରବିନ୍ଦ ମଧ । ମୀରା ପ୍ରଭୁଙ୍କ ପାଦ ନିକଟରେ ବସିଲେ ଏବଂ ତାଙ୍କ ଚକ୍ଷୁ ବନ୍ଦ କଲେ ମନକୁ ଶ୍ରୀ ଅରବିନ୍ଦଙ୍କ ଆଡ଼େ ଖୋଲି ଧରି । ଅଳ୍ପ କ୍ଷଣ ମଧ୍ୟରେ ଉପରୁ ଏକ ଅନନ୍ତ ନୀରବତା ଆସି ତାଙ୍କ ମନରେ ଅବଧାରିତ ହେଲା । ସବୁ କିଛି ଚାଲିଗଲା, ସେସବୁ ସୁନ୍ଦର, ବିରାଟ ଧାରଣା ବଳି ଉଭେଇ ଗଲା ଏବଂ ମନର ଅତୀତରେ କଣ ଅଛି ସେଥିପାଇଁ ଥିଲା କେବଳ ଏକ ଶୂନ୍ୟ ଅବ୍ୟାକୁଳ ପ୍ରତୀକ୍ଷା । ଦିନ ପରେ ଦିନ ସେ ତାଙ୍କର ଏହି ଅବି ମିଶ୍ର ନୀରବତା ରକ୍ଷା କରିଥିଲେ ଏବଂ ଧୀରେ ଧୀରେ ସତ୍ୟ ଉର୍ଦ୍ଧ୍ୱରୁ ନିମ୍ନକୁ ଅବତରଣ କଲା । ସେହି ସତ୍ୟ ହିଁ ଚେତନାର ସାମଗ୍ରୀ ହୋଇ ବୃଦ୍ଧି ପ୍ରାପ୍ତ ହେଲା । କିଛି ମାନସିକ କ୍ରିୟା ଆଉ ରହିଲା ନାହିଁ ।

ଠିକ ଇମିତି ସନ ୧୯୦୮ ମସିହାରେ ଏକ ସମ୍ପୂର୍ଣ୍ଣ ନିର୍ବାଣ ମଧ୍ୟରେ ଶ୍ରୀ ଅରବିନ୍ଦଙ୍କର ସମସ୍ତ ମାନସିକ କ୍ରିୟାବଳୀ ନିବୃତ୍ତ ହୋଇ ଥିଲା ଏବଂ ତାଙ୍କର ଭିତ୍ତି କରି ତାଙ୍କ ଯୋଗର ଗତି ଧର୍ମୀ ଓ ସୃଜନଶୀଳ ଦିଗଟି ଆଗେଇ ଚାଲିଲା । ଉଭେୟ ମା' ଓ ଶ୍ରୀ ଅରବିନ୍ଦ ତୁଳନାତ୍ମକ ସ୍ମୃତି ସହାୟରେ ଜାଣି ପାରିଲେ ଯେ ଉଭୟେ ସମନ୍ୱୟ ମୂଳକ ବିକାଶର ପଥରେ ହିଁ କାର୍ଯ୍ୟ କରିଛନ୍ତି । ଅନ୍ୱେଷଣ କରିଛନ୍ତି ଆଧ୍ୟାତିତ ଜୀବନର ସମସ୍ତ ଗତି ବୃତ୍ତିକୁ ଏକତ୍ରିତ କରିବା ପାଇଁ ଏବଂ ସେଗୁଡ଼ିକୁ ଏକ ନୂତନ ଲକ୍ଷ୍ୟ ଦିଗରେ ବହନ କରିନେବା ପାଇଁ । କେବଳ ମାନବ ଜାତିର ଅତୀତର ଏକ ପ୍ରଶ୍ନ ଯାହାକି ତାଙ୍କ ମନକୁ ନିୟତ ଆସିଛି ଏ ବଂ ଯାହା ଶ୍ରୀ ଅରବିନ୍ଦଙ୍କୁ ସାକ୍ଷାତ କରିବା ପର୍ଯ୍ୟନ୍ତ ଅପ୍ରତ୍ୟୁତ୍ତରିତ ଥିଲା ତାହା ହେଲା : ପୃଥିବୀ ଉପରେ ସ୍ୱର୍ଗ ରାଜ୍ୟର ପ୍ରତିଷ୍ଠା ନିମିତ୍ତ ପ୍ରୟାସ ସର୍ବଦା ବିଷାଦ ଜନକ ରୂପେ କଣ ନିଷ୍ଫଳ ହେଉଥିବ ? ମା' ଯେତେବେଳେ ପ୍ରଶ୍ନଟି ଶ୍ରୀ ଅରବିନ୍ଦଙ୍କୁ ପଚାରିଲେ ସେ ତାଙ୍କୁ ଶାନ୍ତ ଭାବରେ ଅନେଇ ରହିଲେ- ଏଥର ସେଭଳି ହେବ ନାହିଁ ।

ଶ୍ରୀ ଅରବିନ୍ଦଙ୍କୁ ଦର୍ଶନ ପରେ ମା'ନିଜର ହୃଦୟରୁ ଅନ୍ତରରୁ ସମର୍ପିତ ହୋଇଗଲେ । ତାହା ଏକ ଅନବଦ୍ୟ ସମର୍ପଣ, ଯାହାର ପଟାନ୍ତର ନାହିଁ । ସେ ତାହା ଲିପିବଦ୍ଧ କରିଛନ୍ତି ନାମ ଦେଇଛନ୍ତି **' Radha's Prayag'. I'o Thou whom at first sight I knew for the lord of my bring and my god, receive my offering ....**

ସାବିତ୍ରୀରେ ପଦଟିଏ - **"He ve first she met on the unurtainearth/ the one for when her heart had come so far.** (କ୍ରମଶଃ)

# ବିପ୍ଳବୀ ସାହିତ୍ୟର ଗୁରୁତ୍ୱ

## ଅଧ୍ୟାପକ ଗୋପବନ୍ଧୁ



ବିଶ୍ୱ ସାମାଜିକ ସଂଗ୍ରାମର ଇତିହାସରେ ଯେ କୌଣସି ବିପ୍ଳବର ସଫଳତା ପଛରେ ମୁଖ୍ୟ ଭୂମିକା ଗ୍ରହଣ କରିଆସିଛି ସାହିତ୍ୟ । ଇଉରୋପରେ ଅନୁଷ୍ଠିତ ରେନାଁସା ଠାରୁ ଆରମ୍ଭ କରି ଫରାସି ବିପ୍ଳବ ପର୍ଯ୍ୟନ୍ତ, ଯୁକ୍ତରାଷ୍ଟ୍ର ଆମେରିକାର ଦାସତ୍ୱ ପ୍ରଥା ବିରୋଧୀ ଆନ୍ଦୋଳନ ଠାରୁ ଆରମ୍ଭ କରି ଦକ୍ଷିଣ ଆଫ୍ରିକାର ବର୍ଣ୍ଣବୈଷମ୍ୟବାଦ ବିରୋଧି ଆନ୍ଦୋଳନ ପର୍ଯ୍ୟନ୍ତ, ବୋଲଶେଭିକ୍ ଆନ୍ଦୋଳନ ଠାରୁ ଆରମ୍ଭ କରି ଚିନର କୃଷକ ଆନ୍ଦୋଳନ ପର୍ଯ୍ୟନ୍ତ, ସମସ୍ତ କ୍ଷେତ୍ରରେ ସାହିତ୍ୟର ଭୂମିକା ସର୍ବାପେକ୍ଷା ଅଧିକ । କାରଣ ସାହିତ୍ୟ ହିଁ ବିପ୍ଳବର ବାର୍ତ୍ତାକୁ ପୂରପଲ୍ଲୀରେ ପହଞ୍ଚାଇବାକୁ ସବୁଠାରୁ ସହଜ ଓ ପ୍ରଭାବଶାଳୀ ମାଧ୍ୟମ । ଏହାହିଁ ସୃଷ୍ଟିକରେ କୌଣସି ବିପ୍ଳବର ସାମାଜିକ ପୃଷ୍ଠଭୂମି । ବର୍ତ୍ତମାନର ପରିପ୍ରେକ୍ଷୀରେ ସମାଜିକ ଗଣମାଧ୍ୟମର ବହୁଳ ପ୍ରସାର ସାହିତ୍ୟର ଗତିକୁ ଆହୁରି ତୀବ୍ରତର କରିଛି । ପୁସ୍ତକ ରୂପରେ ମୁଦ୍ରଣ ସଙ୍କୁଚିତ ହୋଇଥିଲେ ବି ଗଣମାଧ୍ୟମ ଏହାର ଅଭାବକୁ ଅନେକ ମାତ୍ରାରେ ପୂରଣ କରୁଛି ।

ଭାରତବର୍ଷରେ ଏକ ସଫଳ ସାମାଜିକ ବିପ୍ଳବ ଜରିଆରେ ଜାତିବାଦ ଓ ଧାର୍ମିକ ମୌଳବାଦର ଧ୍ୱଂସସାଧନ କରି ସମାନତା ଓ ଯୁକ୍ତିଯୁକ୍ତତା ଉପରେ ପ୍ରତିଷ୍ଠିତ ଏକ ନୂତନ ସମାଜର ସଂସ୍ଥାପନ ପାଇଁ ପ୍ରଗତିଶୀଳ ଓ ସଂସ୍କାରବାଦୀ ସାହିତ୍ୟ ସୃଷ୍ଟିର ଆବଶ୍ୟକତା ରହିଛି । ଯେଉଁ ସାହିତ୍ୟ ଜାତିବାଦର ମୂଳତତ୍ତ୍ୱ ଉଚ୍ଚନୀଚ ଭେଦଭାବ, ଘୃଣାଦ୍ୱେଷଭାବ, ପାତରଅନ୍ତରଭାବ ବିରୁଦ୍ଧରେ ଜନଜାଗରଣ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ ହୋଇଥିବ । ଏହା ସହିତ ନିର୍ଭୀକଭାବେ ଧାର୍ମିକ ପାଖଣ୍ଡବାଦର ମୁଖା ଖୋଲି ପାରୁଥିବ । ଯେଉଁ ସାହିତ୍ୟ ଜନସାଧାରଣଙ୍କୁ ଅନ୍ଧବିଶ୍ୱାସ ଓ କୁସଂସ୍କାରରୁ ମୁକ୍ତି ହେବାପାଇଁ ବୌଦ୍ଧିକ ଖୋରାକ ଯୋଗାଉଥିବ । ମାନସିକ ଦାସତ୍ୱରୁ ମୁକୁଳିବାର ମାର୍ଗ ଦର୍ଶନ କରୁଥିବ । ବୈଜ୍ଞାନିକ ଚେତନାର ବିକାଶ ସହିତ ମାନବିକତା ଓ ନୈତିକତା ଉପରେ ପ୍ରତିଷ୍ଠିତ ଏକ ନୂତନ ଉତ୍କର୍ଷ ସମାଜର ସମ୍ଭାବନାକୁ ଅଙ୍କୁରିତ କରୁଥିବ ।

ଦୁଃଖର କଥା ଭାରତବର୍ଷ ତଥା ଓଡ଼ିଶାରେ ଏପରି ପ୍ରଗତିଶୀଳ ଓ ବିପ୍ଳବୀ ସାହିତ୍ୟର ପ୍ରସାର ଆଶାନୁରୂପେ ହୋଇପାରି ନାହିଁ । ବିଭିନ୍ନ ସମୟରେ ବିଭିନ୍ନ କ୍ଷେତ୍ରରେ କାଁଭାଁ ଭାବେ ବିକ୍ଷିପ୍ତ ବିପ୍ଳବୀ ସାହିତ୍ୟ ସୃଷ୍ଟି ହୋଇଛି ସତ୍ୟ, କିନ୍ତୁ ଏଗୁଡ଼ିକ ସୁଦୂର ପ୍ରସାରୀ ପ୍ରଭାବ ପକାଇ ପାରି ନାହିଁ । ଏହା ପୂର୍ବ ସାମାଜିକ ଓ ଏହାକୁ ନେଇ ଗଢି ଉଠିଥିବା ବୌଦ୍ଧିକ ଭିତ୍ତିଭୂମିକୁ ଦୋହଲାଇ ପାରିନାହିଁ । ଫଳରେ ଏପରି ସାହିତ୍ୟ ଗୋଟିଏ ସଫଳ ଗଣବିପ୍ଳବ ତିଆରି କରିବାରେ ସଫଳ ହୋଇପାରି ନାହିଁ । ବିପ୍ଳବୀ ସାହିତ୍ୟ ସୃଷ୍ଟିର ଯେଉଁ ଟିକକ ବି ପ୍ରୟାସ ହୋଇଛି ତାହା ଜାତିବାଦୀ ଓ ପାଖଣ୍ଡବାଦୀ ସାହିତ୍ୟର ଦୃଢ଼ ବେଷ୍ଟନୀ ମଧ୍ୟରେ ହଜିଯାଇଛି । ତେଣୁ ଏହା ଅଦ୍ୟାବଧି ସାମାଜିକ ବିପ୍ଳବର ଭିତ୍ତିଭୂମି ତିଆରି କରିବାକୁ ସକ୍ଷମ ହୋଇପାରି ନାହିଁ । ଏଯାଏଁ ଯେତେ ସାହିତ୍ୟ ସୃଜନ ହୋଇଛି, ତା ମଧ୍ୟରୁ ସଂଖ୍ୟାଧିକ ଜାତିଗତ ଓ ଏହାକୁ ସମର୍ଥନ କରୁଥିବା ସାଂସ୍କୃତିକ ଚେତନାକୁ ବଳ ଦେଇଆସିଛି । ଜାତିଗତ ଅସମାନତା ଓ ବିଭେଦକୁ ଯଥାର୍ଥ ବୋଲି ସ୍ଥାପନ କରିବାର ପ୍ରୟାସ କରିଛି । ପ୍ରସାରିତ ହେଉଥିବା ଗଣମାଧ୍ୟମ ଓ ପତ୍ରପତ୍ରିକା ଗୁଡିକ ମଧ ଏଥିରୁ ବାଦ ନୁହଁନ୍ତି । ଅତୀତରେ ବହୁ ମହାମନିଷୀ ସଂସ୍କାରବାଦୀ ଓ ପ୍ରଗତିଶୀଳ ସାହିତ୍ୟ ସୃଷ୍ଟି କରିବାକୁ ପ୍ରୟାସ କରିଛନ୍ତି । କିନ୍ତୁ ଏମାନେ ଜାତିବାଦ ଓ ପାଖଣ୍ଡବାଦର କବଚକୁ ଛିଦ୍ର କରିପାରି ନାହାଁନ୍ତି । ଏହାର କାରଣ ହେଉଛି ଏବେବି ସାହିତ୍ୟିକମାନେ ଜାତିବାଦୀ ଓ ମୌଳବାଦୀ ବିଚାରଧାରାରୁ ମୁକୁଳି ପାରି ନାହାଁନ୍ତି । ତେଣୁ ସ୍ଥାଣୁ ସାହିତ୍ୟ ପ୍ରାଧାନ୍ୟ ବିସ୍ତାର କରି ରହିଛି । ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ଲେଖନୀ ଚାଳନା ହେଉନାହିଁ । ବିଭେଦଭରା ସମାଜର ସ୍ଥିତାବସ୍ଥାକୁ ବଜାଇ ରଖିବାକୁ ସାହିତ୍ୟିକଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି । ସଂଖ୍ୟାଧିକ ଲେଖନୀ ପୋଥିପୁରାଣର ପ୍ରାଚୀନ ବିଚାରକୁ ପରିବ୍ୟାପ୍ତ କରିବା ପାଇଁ ଉଦ୍ଦିଷ୍ଟ । ଏଥିରେ ନୂତନତାର ଛାପ ନଥାଏ । ସାହିତ୍ୟିକମାନେ ବିଭିନ୍ନ ଧର୍ମଗ୍ରନ୍ଥରେ ଯାହା ବର୍ଣ୍ଣନା କରାଯାଇଛି ତାକୁ ହିଁ ଫେଣେଇବାରେ ବ୍ୟସ୍ତ । ସମାଜରେ ପ୍ରଗତିଶୀଳ ଚେତନା ଆଣିବା ଦିଗରେ ଏମାନେ ଅକ୍ଷମ । ତଥାପି ଏମାନେ ସାହିତ୍ୟିକ । କାହିଁ କେତେ ପୁରସ୍କାର ଓ ସମ୍ମାନ ଏମାନଙ୍କ ଉପରେ ଅଜାଡ଼ା ଯାଏ । ଯେହେତୁ ଏମାନେ ସାହିତ୍ୟ ମାଧ୍ୟମରେ ପ୍ରଗତିଶୀଳ ଚେତନାର ପ୍ରସାରକୁ ପ୍ରତିରୋଧ କରନ୍ତି । ସାମାଜିକ ବିପ୍ଳବକୁ ଅଟକାନ୍ତି ଓ ସ୍ଥିତାବସ୍ଥାକୁ ବଜାଇ ରଖିବାରେ ସହାୟକ ହୁଅନ୍ତି ।

ସମାଜର ବ୍ୟବସ୍ଥାଗତ ତ୍ରୁଟି ଜଣେ ସାହିତ୍ୟିକ ଯଦି ଦେଖିପାରିବ ନାହିଁ, ତେବେ ଆଉ କାହା ପାଖରୁ ଏହା ଆଶା କରାଯାଇ ପାରେ । ସାହିତ୍ୟକୁ ସମାଜର ଦର୍ପଣ ବୋଲି କୁହଯାଏ । ଏହା କେବଳ ସମସାମୟିକ ସାମାଜିକ ସ୍ଥିତିକୁ ଉଦ୍ଭାସିତ କରେ ତାହା ନୁହେଁ, ଏହା ସହିତ ଯେଉଁ ଅଭାବ ଅସୁବିଧା ରହିଛି ତାହାର ମଧ୍ୟ ସମାଧାନର ମାର୍ଗ ଦର୍ଶନ କରେ । ଜଣେ ସାହିତ୍ୟିକର ଗଭୀର ଚିନ୍ତନ ଏପରି ଦିଗଦର୍ଶନ ଦେବାରେ ସହାୟକ ହୁଏ । ଗୋଟିଏ ସମ୍ବେଦନଶୀଳ ହୃଦୟ ଭିତରୁ ଏପରି ସାହିତ୍ୟ ନିସୃତ ହେବା ସ୍ୱାଭାବିକ । ସାହିତ୍ୟ ହେଉଛି ମୁକ୍ତ ଚିନ୍ତନର ପରିପ୍ରକାଶ । ଯେତେବେଳେ ଗୋଟିଏ ଭ୍ରାନ୍ତ ବ୍ୟବସ୍ଥାର ସପକ୍ଷରେ ସାହିତ୍ୟ ସୃଷ୍ଟି କରାଯାଏ, ତାହା ଆଉ ମୁକ୍ତ ଚିନ୍ତନର ପରିଭାଷା ହୁଏ ନାହିଁ । ତାହା ଭ୍ରଷ୍ଟ ବ୍ୟବସ୍ଥା ସହିତ ବୁଝାମଣା ବୋଲି ଧରିବାକୁ ହେବ । ବର୍ତ୍ତମାନର ପରିପ୍ରେକ୍ଷୀରେ ପୂର୍ବବ୍ୟବସ୍ଥା ସହିତ ବୁଝାମଣା ଭିତ୍ତିରେ ସାହିତ୍ୟର ସୃଜନ ହେଉଛି ।

ଜଣେ ସାହିତ୍ୟିକର ସଫଳତା ସେ କେତେ ପୁରସ୍କାର ପାଇଛି ଓ କେତେ ସମ୍ମାନିତ ହୋଇଛି ତା ଉପରେ ନିର୍ଭର କରେ ନାହିଁ । ତାହାର ସଫଳତା ସେ କେତେ ଲୋକଙ୍କ ହୃଦୟକୁ ଛୁଇଁ ପାରିଛି ଓ ଲୋକଙ୍କ ହୃଦୟରେ କେତେ ସମ୍ବେଦନଶୀଳତାକୁ ଜାଗ୍ରତ କରିପାରିଛି । ସେମାନେ ହେଉଛନ୍ତି ସଫଳ ସାହିତ୍ୟ ସ୍ରଷ୍ଟା ଯେଉଁମାନେ ନିଜର କଲମ ମୁନରେ ବିପ୍ଳବ ସୃଷ୍ଟି କରିପାରିଛନ୍ତି । ଏଠାରେ ହ୍ୟାରିଏଟ୍ ଷ୍ଟୋଙ୍କ 'ଅଙ୍କଲ ଟମସ୍ କ୍ୟାବିନ' ବହିଟି ଉଲ୍ଲେଖ ଯୋଗ୍ୟ । ଯାହା ଯୁକ୍ତରାଷ୍ଟ୍ର ଆମେରିକାରେ ଦାସତ୍ୱ ପ୍ରଥାର ଉଚ୍ଛେଦ ବିରୁଦ୍ଧରେ ହୋଇଥିବା ଆନ୍ଦୋଳନକୁ ମଜଭୁତ କରିବାରେ ସହାୟକ ହୋଇଥିଲା । ଏହାର ଓଡ଼ିଆ ଅନୁବାଦ ହୋଇଛି 'ଟମ୍ କକାଙ୍କ କୁଟୀର' । ଇୟୁରୋପରେ ରୁଷୋ, ଭୋଲଟିୟର, ମଣ୍ଟେସ୍କୁ ପରି ଦାର୍ଶନିକମାନଙ୍କ ବିପ୍ଳବୀ ଲେଖନୀ ଇଉରୋପର ନବଜାଗରଣ ଆନ୍ଦୋଳନକୁ ମଜଭୁତ କରିଥିଲା । ମ୍ୟାକ୍ସିମ୍ ଗୋର୍କିଙ୍କ କାଳଜୟୀ ଲେଖନୀ 'ମଦର' ସେ ସମୟରେ ରୁଷିଆରେ ଚାଲିଥିବା ସାମ୍ୟବାଦୀ ଆନ୍ଦୋଳନକୁ ଖୋରାକ୍ ଯୋଗାଇଥିଲା । ଏହାର ଓଡ଼ିଆ ଅନୁବାଦ ହୋଇଛି 'ମାଁ' । ସେହିପରି ସୁପ୍ରସିଦ୍ଧ ବେଙ୍ଗଲୀ ଲେଖିକା ତସଲିମା ନସରୀନଙ୍କ ବହୁ ଚର୍ଚ୍ଚିତ ବେଙ୍ଗଲୀ ପୁସ୍ତକ 'ଲଜ୍ଜା' ବିପ୍ଳବୀ ସାହିତ୍ୟର ଅନ୍ୟ ଏକ ଦୃଷ୍ଟାନ୍ତ । ଏହାର ମଧ ଓଡ଼ିଆ ଅନୁବାଦ ରହିଛି । ଏହିପରି ଅନେକ ଲେଖକ ଓ ଲେଖିକାଙ୍କ ପ୍ରଗତିଶୀଳ ସୃଷ୍ଟି ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛି ଏବଂ ବୈପ୍ଳବିକ ପ୍ରେରଣାକୁ ବଞ୍ଚାଇ ରଖିଛି । ଭାରତବର୍ଷରେ ମଧ୍ୟ ଏପରି କିଛି କାଳଜୟୀ ସାହିତ୍ୟ ସୃଷ୍ଟି ହୋଇଛି । ଯାହାର ଲୋକପ୍ରିୟତା ଜାତିବାଦୀ ଲେଖନୀ ଓ ଜାତିବାଦୀ ଲେଖକଙ୍କ ମନ୍ଦ ଦୃଷ୍ଟିତଳେ ଚାପିହୋଇ ଯାଇଛି । ଏବେ କାଳକ୍ରମେ ଏଗୁଡିକର ମହତ୍ତ୍ୱ ପ୍ରସ୍ଫୁଟିତ ହେଉଥିବା ପରି ଅନୁଭୂତ ହେଉଛି । ଏଗୁଡିକ ମଧ୍ୟରୁ ମହାତ୍ମା ଫୁଲେଙ୍କ ପୁସ୍ତକ 'ଗୋଲାମଗିରୀ' ଅନ୍ୟତମ । ଯେଉଁଥିରେ ସେ ଜାତିବ୍ୟବସ୍ଥାର ଅନୈତିକତା ଓ ସମାଜର ତଳ ସ୍ତରର ଲୋକମାନେ କିପରି ଦାସତ୍ୱର ଜୀବନ ଯାପନ କରନ୍ତି ତାହାର ନିଖୁଣ ଚିତ୍ର ଉପସ୍ଥାପନ କରିଛନ୍ତି । ରାମସ୍ୱାମୀ ପେରିୟାରଙ୍କ 'ସତ୍ୟ ରାମାୟଣ' ଏବଂ 'ଜାତିସତ୍ତା ଓ ପିତୃପୁରୁଷ' ପରି ତାମିଲ ପୁସ୍ତକ ଜାତିବାଦ ଓ ଧାର୍ମିକ ପାଖଣ୍ଡାବାଦକୁ ଶକ୍ତ ପ୍ରହାର କରେ । ସେହିପରି ଡ ଆମ୍ବେଦକରଙ୍କ ରଚିତ 'ଏନିହିଲେଶନ୍ ଅଫ କାଷ୍ଟ' ବା ଜାତିପ୍ରଥାର ବିଲୋପ ବହିଟି ସାମାଜିକ ସଂସ୍କାରର ପ୍ରଭାବଶାଳୀ ସୃଷ୍ଟି । ଯାହା ଜାତିପ୍ରଥା ବିଲୋପର ଯୋଜନାବଦ୍ଧ ମାର୍ଗଦର୍ଶନ କରେ । ସେହିପରି ଓଡିଶାରେ ସନ୍ଥକବି ଭୀମଭୋଇଙ୍କ କବିତାଗୁଡିକ ପ୍ରାୟତଃ ପ୍ରଚଳିତ ବ୍ୟବସ୍ଥାର କଟୁ ସମାଲୋଚନା ଏବଂ ନୂତନ ଉତ୍କୃଷ୍ଟତାର ବାର୍ତ୍ତାବହ । ହେଲେ ତାଙ୍କ ଲେଖନୀ ଯଥା ସମ୍ମାନ ପ୍ରାପ୍ତ ହୋଇନାହିଁ । ସେହିପରି ବ୍ୟାସକବି ଫକିରମୋହନ ସେନାପତିଙ୍କ ଅଧିକାଂଶ ଲେଖନୀରେ ପରିବର୍ତ୍ତନର ବାର୍ତ୍ତା ସ୍ପଷ୍ଟ ବାରିହୁଏ, କିନ୍ତୁ ତାଙ୍କ ଅନୁଗାମୀ ସାହିତ୍ୟିକମାନେ ଏଦିଗଟିକୁ ଅନାଲୋଚିତ ରଖନ୍ତି । ଏହାବାଦେ ବି ଆହୁରି କିଛି ବିପ୍ଳବୀ ସାହିତ୍ୟ ଓଡ଼ିଆରେ ସୃଷ୍ଟି ହୋଇଛି, ଯାହା ପାଠକଙ୍କ ନିକଟରେ ପହଞ୍ଚିବାକୁ ଦିଆଯାଇ ନାହିଁ ।

ଏହା ସ୍ୱୀକାର୍ଯ୍ୟ ଯେ ଭାରତବର୍ଷ ତଥା ଓଡିଶାରେ ପ୍ରଗତିଶୀଳ ଲେଖନୀର ପ୍ରଚୁର ଅଭାବ ରହିଛି । ଏଦିଗରେ ସାହିତ୍ୟିକ ଓ ସାହିତ୍ୟ ଜଗତ ଅନୁଶୀଳନ କରିବା ବିଧେୟ । ଆମ ସମାଜକୁ ଏକ ଉଚ୍ଚତର ସୋପାନକୁ ନେଇଯିବାକୁ ହେଲେ ଏଦିଗରେ ମନନ ଜରୁରୀ । ଯେଉଁମାନେ ବି ଲେଖନୀ ଚାଳନା କରିଛନ୍ତି ସେମାନେ ଏ ଉତ୍ତରଦାୟିତ୍ୱକୁ ଅଣଦେଖା କରିବା ଅନୁଚିତ ।

+ବାରିପଦା,
ମୟୂରଭଞ୍ଜ- ୭୫୭୦୦୨




## ବଦଳି ଯାଇଛ ଏବେ

### ନିରଞ୍ଜନ ସାହୁ

ପାଣିପାଗ ବଦଳିବା ପରି ତୁମେ
ବଦଳି ଯାଇଛ ଏବେ
କଥା ଦେଇଥିଲ ବଦଳିବ ନାହିଁ
ତୁମ ମନୋଭାବ କେବେ ।

ସମୟର ଚକ୍ର ଘୁରେ ଅବିରାମ
ଦିନ ଯାଇ ଆସେ ରାତି
ପକ୍ଷ, ମାସ, ବର୍ଷ ବଦଳି ଯାଆଇ
ସମୟ ସହିତ ମାତି
ତୁମେ ବି ସେମିତି ବଦଳି ଯାଇଛ
ମୋ କଥା ଭୁଲିଲ ଯେବେ ।

ଏହି ଦୁନିଆରେ କିଏ କାହାର ଯେ
ସବୁ ଅଟେ ମିଛ ମାୟା
କାଲି କହୁଥିଲ ତୁମେ କାୟା ହେଲେ
ମୁଁ ହେବି ତୁମରି ଛାୟା

ଆଜି ସେହି ପ୍ରଶ୍ନ ଯଦି ମୁଁ ପଚାରେ
କି ଉତ୍ତର ଦେବ ତେବେ ?

ଆପଣାର କରି ପର କରିଦେଇ
ପରକୁ ଆପଣା କର
ଠକିବା କାମରେ ତୁମେ ପାରିବାର
ତୁମେ ବଡ଼ ଧୁରନ୍ଧର
ଏମିତି କରିକି କି ଯଶ ଅର୍ଜିଛ
ଲୋକେ ଜାଣି ଖୁସି ହେବେ ?

କଥା ଦେଇ ଯିଏ କଥା ରଖେନାହିଁ
କି ଲୋକରେ ସିଏ ଗଣା
ଅନ୍ୟକୁ ଠକିବା ସହିତରେ ସିଏ
ଆପେଆପେ ବାଟବଣା
ଭୁଲ କରିଥିବା ଲୋକଙ୍କୁ ସରବେ
କାହିଁକି କୋଳେଇ ନେବେ ?

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩

## ବନ୍ଧନ

### ଅର୍ଜୁନ ଘଡେଇ

ଏ ଭବ ବନ୍ଧନ, ନ ଛାଡିଲା ମୋତେ
ତୋ ପ୍ରେମ ବନ୍ଧନ ପାଇଁ,
ଜନ୍ମରୁ ମରଣ, କର୍ମ ବନ୍ଧନ ରେ
ବାଂଧିଲୁ ମାୟାରେ ତୁହି,

ଏଥିରେ ମୋର କି ଦୋଷ ?
ତୁମେ ହୋଇଲ ସନ୍ତୋଷ
ଏମାୟା ବନ୍ଧନ, ସଂସାର କଷଣ
ସହି ବାକୁ ଯେବେ ଅଛି,

ଶକ୍ତି ଦିଅ ତୁମେ, ତୁମ ଭକ୍ତି, ପ୍ରେମେ
ବନ୍ଧନୁ ହେବାକୁ ମୁକ୍ତି,
ସେବା, ସମର୍ପଣ ଭାବ
ହୃଦେ ସଂଚାର କରିବ ।

ଗର୍ବ, ଅହଂକାର ମନୁ ଦୂରେଇବ
ସମଦରଶୀ ଭାବରେ
ସ୍ନେହ, ଶ୍ରଦ୍ଧା ରଜୁ ସୃଷ୍ଟି କରାଇବ
ବାନ୍ଧି ଦେବି ପ୍ରେମ ଡୋରେ
ସେ ବନ୍ଧନ ହେବ ଦୃଢ
ସମ୍ପର୍କ ହେବ ନିବିଡ ।

ଏ ସଂସାର ରଥ, ଚାଲିବ ଆଗକୁ
ଶରୀର ରଥ କୁ ଧରି,
ଭାବର ରଜୁରେ ମନ ଟାଣିନେବ
ତୋ ନାମ ସଂକଳ୍ପ କରି,

ସରବେ ହୁଅନ୍ତୁ ସୁଖୀ
ଭବ ବନ୍ଧନୁରୁ ପାଇ ମୁକ୍ତି ।

+ଦାଣ୍ଡମୁକୁନ୍ଦପୁର, ପିପିଲି, ପୁରୀ
ମୋ: ୯୪୩୮୦୪୮୬୧୫

# ବୟସ ବଢିଲେ ବି କମିବନି ସ୍ମୃତି ଶକ୍ତି : ପ୍ରତିଦିନ ଖାଆନ୍ତୁ ଏହି ୬ଟି ସୁପରଫୁଡ୍ ...

ଆଜିର ବ୍ୟସ୍ତବହୁଳ ଜୀବନଶୈଳୀରେ ଲୋକମାନେ ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଯେତେ ଧ୍ୟାନ ଦେଉଛନ୍ତି, ମସ୍ତିଷ୍କର ସ୍ୱାସ୍ଥ୍ୟ ପ୍ରତି ସେତେଟା ସଚେତନ ନୁହନ୍ତି । କିନ୍ତୁ ବୟସ ବଢ଼ିବା ସହିତ ସ୍ମୃତିଶକ୍ତି ହ୍ରାସ, ଏକାଗ୍ରତା କମିବା ଓ ମାନସିକ ଅବସାଦ ଭଳି ସମସ୍ୟା ବଢ଼ିବାର ଆଶଙ୍କା ରହିଥାଏ । ବିଶେଷଜ୍ଞଙ୍କ ମତରେ, ନିୟମିତ ବ୍ୟାୟାମ, ପର୍ଯ୍ୟାପ୍ତ ନିଦ୍ରା ଓ ସାମାଜିକ ଭାବେ ସକ୍ରିୟ ରହିବା ସହିତ ସଠିକ୍ ଖାଦ୍ୟାଭ୍ୟାସ ମସ୍ତିଷ୍କକୁ ଦୀର୍ଘଦିନ ଧରି ସୁସ୍ଥ ରଖିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ବିଭିନ୍ନ ଗବେଷଣାରୁ ଜଣାପଡ଼ିଛି ଯେ କିଛି ନିର୍ଦ୍ଦିଷ୍ଟ ଖାଦ୍ୟ ସ୍ମୃତିଶକ୍ତି ବୃଦ୍ଧି କରିବା ସହ ଡିମେନ୍ସିଆ ଓ ଅନ୍ୟାନ୍ୟ ମସ୍ତିଷ୍କ ଜନିତ ସମସ୍ୟାର ଆଶଙ୍କାକୁ କମାଇପାରେ । ଖାସ୍ କରି 'ମାଇଣ୍ଡ ଡାଏଟ୍' ନାମକ ଖାଦ୍ୟ ପଦ୍ଧତିକୁ ମସ୍ତିଷ୍କ ସ୍ୱାସ୍ଥ୍ୟ ପାଇଁ ବେଶ୍ ପ୍ରଭାବଶାଳୀ ବୋଲି ଧରାଯାଉଛି । ଏହି ଡାଏଟ୍‌ରେ ସବୁଜ ପନିପରିବା, ଫଳ, ମାଛ, ବାଦାମ ଓ ଅଲିଭ୍ ତେଲ ଭଳି ପୌଷ୍ଟିକ ଖାଦ୍ୟକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ ।

**୧. ସବୁଜ ପନିପରିବା**

ପାଳଙ୍ଗ ଶାଗ, ବନ୍ଧାକୋବି ଓ ଅନ୍ୟାନ୍ୟ ଗାଢ଼ ସବୁଜ ପନିପରିବା ମସ୍ତିଷ୍କ ପାଇଁ ଅତ୍ୟନ୍ତ ଉପକାରୀ। ଏଥିରେ ଭିଟାମିନ୍-କେ, ଫୋଲେଟ୍ ଓ ଲ୍ୟୁଟିନ୍ ଭଳି ପୋଷକ ତତ୍ତ୍ୱ ରହିଥାଏ, ଯାହା ମସ୍ତିଷ୍କର କୋଷଗୁଡ଼ିକୁ ସୁରକ୍ଷା ଦେଇଥାଏ । ଗବେଷଣା ଅନୁସାରେ, ଯେଉଁମାନେ ନିୟମିତ ଭାବେ ଏହି ପ୍ରକାର ପନିପରିବା ଖାଆନ୍ତି ସେମାନଙ୍କର ଜ୍ଞାନଗତ କ୍ଷମତା ଅନ୍ୟମାନଙ୍କ ତୁଳନାରେ ଅଧିକ ସମୟ ପର୍ଯ୍ୟନ୍ତ ସକ୍ରିୟ ରହିଥାଏ ।

**୨. କୋଳି ଜାତୀୟ ଫଳ**

ଜାମୁକୋଳି, ଷ୍ଟ୍ରବେରୀ, କଣ୍ଟେଇ କୋଳି ଭଳି ଫଳରେ ଫ୍ଲାଭୋନଏଡ୍ ନାମକ ଶକ୍ତିଶାଳୀ ଆଣ୍ଟିଅକ୍ସିଡେଣ୍ଟ ରହିଥାଏ । ଏହା ମସ୍ତିଷ୍କରେ ଅକ୍ସିଡେଟିଭ୍ କ୍ଷତିକୁ କମାଇବା ସହ ସ୍ମୃତିଶକ୍ତିକୁ ସୁଦୃଢ଼ କରିଥାଏ । ବିଶେଷଜ୍ଞମାନଙ୍କ ମତରେ, ସପ୍ତାହରେ ଅତିକମରେ ଦୁଇଥର କୋଳି ଜାତୀୟ ଫଳ ଖାଇଲେ ବୟସ ଜନିତ ସ୍ମୃତିହ୍ରାସର ଆଶଙ୍କା କମାଇ ଯାଇପାରେ ।

**୩. ତେଲିଆ ମାଛ**

ଶେଉଳ, ଚୂନା ମାଛ, ଲୁଣି ମାଛ, ଓ ମରୁଆ ଭଳି ମାଛରେ ଓମେଗା-୩ ଫ୍ୟାଟି ଏସିଡ୍ ଭରପୂର ରହିଥାଏ । ଏହି ପୋଷକ ତତ୍ତ୍ୱ ମସ୍ତିଷ୍କ କୋଷର ଗଠନ ଓ କାର୍ଯ୍ୟକୁ ସୁଦୃଢ଼ କରିଥାଏ । ଅନେକ ଗବେଷଣାରୁ ଜଣାପଡ଼ିଛି ଯେ ନିୟମିତ ଭାବେ ମାଛ ଖାଇବା ଦ୍ୱାରା ଡିମେନ୍ସିଆ ଓ ଅନ୍ୟାନ୍ୟ ମସ୍ତିଷ୍କ ସମ୍ବନ୍ଧୀୟ ରୋଗର ଆଶଙ୍କା ହ୍ରାସ ପାଇପାରେ ।

**୪. ବାଦାମ ଓ ବିଭିନ୍ନ ପ୍ରକାର ମଞ୍ଜି**

ଅଖରୋଟ, ଚିଆ ସିଡ୍ସ, ଫ୍ଲାକ୍ସ ସିଡ୍ସ ଓ କଖାରୁ ମଞ୍ଜିରେ ଓମେଗା-୩ ଫ୍ୟାଟି ଏସିଡ୍ ଓ ଆଣ୍ଟିଅକ୍ସିଡେଣ୍ଟ ରହିଥାଏ । ବିଶେଷକରି ଅଖରୋଟକୁ ମସ୍ତିଷ୍କର ଆକୃତି ସହ ତୁଳନା କରାଯାଏ ଏବଂ ଏହାକୁ 'ବ୍ରେନ୍ ଫୁଡ୍' ଭାବେ ମଧ୍ୟ ଲୋକେ ଜାଣନ୍ତି । ଏହା ମାନସିକ ସତର୍କତା ବଢ଼ାଇବା ସହ ସ୍ମୃତିଶକ୍ତିରେ ଉନ୍ନତି ଆଣିପାରେ ।

**୫. ଅଲିଭ୍ ତେଲ**


ଅଲିଭ୍ ତେଲ ମସ୍ତିଷ୍କ ପାଇଁ ଅନେକ ଲାଭଦାୟକ ହୋଇପାରେ । ଏଥିରେ ଥିବା ସ୍ୱାସ୍ଥ୍ୟକର ଚର୍ବି ଓ ଆଣ୍ଟିଅକ୍ସିଡେଣ୍ଟ ମସ୍ତିଷ୍କ କୋଷକୁ ସୁରକ୍ଷିତ ରଖିଥାଏ । କିଛି ଗବେଷଣାରେ ଦେଖାଯାଇଛି ଯେ ନିୟମିତ ଅଲିଭ୍ ତେଲ ବ୍ୟବହାର କରୁଥିବା ଲୋକଙ୍କ ମଧ୍ୟରେ ଡିମେନ୍ସିଆ ଜନିତ ମୃତ୍ୟୁର ଆଶଙ୍କା ତୁଳନାତ୍ମକ ଭାବେ କମ୍ ଥାଏ।

**୬. ଅଣ୍ଡା**

ଅଣ୍ଡାରେ ଥିବା କୋଲିନ୍, ଭିଟାମିନ୍-ଡି ଓ ଓମେଗା-୩ ମସ୍ତିଷ୍କର ସ୍ୱାସ୍ଥ୍ୟ ପାଇଁ ଖୁବ ଜରୁରୀ । କୋଲିନ୍, ସ୍ମୃତିଶକ୍ତି ବଢ଼ିଥାଏ ବୋଲି ବିଶେଷଜ୍ଞମାନଙ୍କ ମତ ରହିଛି । ଅଣ୍ଡାର ହଳଦିଆ ଅଂଶରେ ଅଧିକାଂଶ ପୋଷକ ତତ୍ତ୍ୱ ରହିଥାଏ ତେଣୁ ମସ୍ତିଷ୍କ ସ୍ୱାସ୍ଥ୍ୟ ପାଇଁ ସମ୍ପୂର୍ଣ୍ଣ ଅଣ୍ଡା ଖାଇବା ଉପକାରୀ ହୋଇଥାଏ .

**କେଉଁ ଖାଦ୍ୟକୁ ସୀମିତ କରିବେ ?**

ବିଶେଷଜ୍ଞମାନଙ୍କ ମତରେ, ଅତ୍ୟଧିକ ତେଲରେ ଛଣା ଜିନିଷ, ଅଧିକ ଚର୍ବିଯୁକ୍ତ ମାଂସ, ଲହୁଣୀ, ଚିଜ୍ ଏବଂ ଅତ୍ୟଧିକ ମିଠା ଖାଦ୍ୟ ମସ୍ତିଷ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ । ତେବେ ଏହି ଖାଦ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ ଛାଡ଼ିବା ଦରକାର ନାହିଁ ନଚେତ୍ ଏକ ସୀମିତ ପରିମାଣରେ ଖାଇବା ଉଚିତ । ତେବେ ସୁସ୍ଥ ମସ୍ତିଷ୍କ ହିଁ ସୁସ୍ଥ ଜୀବନର ଆଧାର । ତେଣୁ ଦୈନିକ ଖାଦ୍ୟରେ ସବୁଜ ପନିପରିବା, ଫଳ, ମାଛ, ବାଦାମ, ଅଲିଭ୍ ତେଲ ଓ ଅଣ୍ଡା ଭଳି ପୌଷ୍ଟିକ ଖାଦ୍ୟକୁ ସାମିଲ କରନ୍ତୁ । ଏହା ସହିତ ନିୟମିତ ବ୍ୟାୟାମ, ପର୍ଯ୍ୟାପ୍ତ ନିଦ୍ରା ଓ ସକ୍ରିୟ ଜୀବନଶୈଳୀ ଅନୁସରଣ କଲେ ମସ୍ତିଷ୍କ ଦୀର୍ଘଦିନ ପର୍ଯ୍ୟନ୍ତ ସୁସ୍ଥ, ସକ୍ରିୟ ଓ ତୀକ୍ଷ୍ଣ ରହିପାରିବ ।



ଛୋଟପିଲାଙ୍କ ଡାଏଟକୁ ନେଇ ବାପା, ମା' ସବୁବେଳେ ଦ୍ୱନ୍ଦ୍ୱରେ ରହିଥା'ନ୍ତି । ଖାସ୍ କରି ସେତେବେଳେ ଯେତେବେଳେ ପ୍ରଥମ ଥର ପାଇଁ ସନ୍ତାନ ଜନ୍ମ କରିଥା'ନ୍ତି ବାପା,ମା' । ଛୋଟ ଛୁଆ ତ ଶୀଘ୍ର ଖାଇବେନି , ବୁଲାଇ ବୁଲାଇ ଖୁଆଇଲା ବେଳକୁ ଘଣ୍ଟା ଘଣ୍ଟା ସମୟ ଲାଗିଯାଏ । ପିଲା କେମିତି ସଅଳ ଖାଇବ ଏହା ଚିନ୍ତା କରି ବାପା,ମା' ଖାଦ୍ୟରେ ଅଳ୍ପ ଲୁଣ ଏବଂ ଚିନିର ବ୍ୟବହାର କରନ୍ତି । କିଛି ଲୋକ ୬ ମାସ ପରେ ସେମାନଙ୍କ ଶିଶୁକୁ ଲୁଣ ଏବଂ ଚିନି ଖାଇବାକୁ ଦେବା ଆରମ୍ଭ କରିଦିଅନ୍ତି । କିନ୍ତୁ ଶିଶୁ ବିଶେଷଜ୍ଞମାନେ ଏପରି କରିବାକୁ ମନା କରନ୍ତି । ଶିଶୁରୋଗ ବିଶେଷଜ୍ଞ ଏବଂ ସ୍ତ୍ରୀରୋଗ ବିଶେଷଜ୍ଞଙ୍କ ଅନୁସାରେ, ୧ ବର୍ଷ ବୟସ ପୂର୍ବରୁ





ପିଲାମାନଙ୍କୁ ଲୁଣ ଏବଂ ଚିନି ଖାଇବାକୁ ଦେବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ । କାରଣ ଜନ୍ମ ପରେ ପିଲାଙ୍କ ଶରୀର ଏବଂ କିଡନି ଧୀରେ ଧୀରେ ବିକଶିତ ହୁଏ । ଏପରି ପରିସ୍ଥିତିରେ ଅଧିକ ସୋଡିୟମ୍ ସେମାନଙ୍କ ଶରୀର ଉପରେ ଚାପ ପକାଇପାରେ ଏବଂ କ୍ଷତି ପହଞ୍ଚାଇପାରେ । ତେବେ ଆସନ୍ତୁ ଜାଣିବା ବର୍ଷେ ପୂର୍ବରୁ ପିଲାମାନଙ୍କୁ କାହିଁକି ଲୁଣ ଦିଆଯିବା ଉଚିତ୍ ନୁହେଁ ଏବଂ ଏହା ଶିଶୁର ଶରୀରରେ କ'ଣ କ୍ଷତି କରିପାରେ ?

ଛୋଟ ପିଲାମାନଙ୍କର ବୃକକ୍ ସମ୍ପୂର୍ଣ୍ଣ ବିକଶିତ ହୋଇନଥାଏ । ଯଦି ପିଲାଟି ଲୁଣ ଖାଏ ତେବେ ବୃକକ୍ ଉପରେ ଅଧିକ ଚାପ ପଡ଼େ । କମ୍ ବୟସରୁ ଅଧିକ ଲୁଣ ଖାଇବା ଅଭ୍ୟାସ ଭବିଷ୍ୟତରେ ଉଚ୍ଚ ରକ୍ତଚାପର ସମ୍ଭାବନାକୁ ବୃଦ୍ଧି କରିପାରେ । ଗବେଷଣାରୁ ଜଣାପଡ଼ିଛି ଯେ ପିଲାଦିନର ଖାଦ୍ୟପେୟ ବଡ଼ ହେଲେ ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଏ । ଛୋଟ ପିଲାମାନଙ୍କର ଶରୀରରେ ଜଳ ସନ୍ତୁଳନ ଶୀଘ୍ର ବିଗିଡ଼ିପାରେ । ଅଧିକ ଲୁଣ ଖାଇବାକୁ ଦେବା ଦ୍ୱାରା ଶରୀରରେ ପାଣିର ଆବଶ୍ୟକତା ବଢ଼ିଯାଏ ଏବଂ ଡିହାଇଡ୍ରେସନ୍ ହେବାର ଆଶଙ୍କା ରହିପାରେ । ଯଦି ପିଲାଟି ଆରମ୍ଭରୁ ଲୁଣିଆ ଖାଦ୍ୟ ଖାଇବାରେ ଅଭ୍ୟସ୍ତ ହୋଇଯାଏ ଭବିଷ୍ୟତରେ ମଧ୍ୟ ଲୁଣିଆ ଖାଦ୍ୟ ଖାଇବାକୁ ହିଁ ପସନ୍ଦ କରେ । ବିଶେଷଜ୍ଞମାନେ କୁହନ୍ତି ଯେ ୧ ବର୍ଷ ପର୍ଯ୍ୟନ୍ତ ଆପଣଙ୍କ ଶିଶୁକୁ ଲୁଣ ଦେବାର ଆବଶ୍ୟକତା ନାହିଁ । ତଥାପି ୬ ମାସ ପରେ ବିନା ଲୁଣରେ ଖାଦ୍ୟ ଖାଇବା ଆରମ୍ଭ କରିପାରିବେ । ଆପଣ ଦଲିଆ, ଖେଚୁଡ଼ି, କିମ୍ବା ଚକଟା ପନିପରିବା ଶିଶୁଙ୍କୁ ଖାଇବାକୁ ଦେଇପାରିବେ । ଏହି ବୟସରେ ଯେତେ ଫିକା ଖାଦ୍ୟ ଖାଇବ ଶରୀରକୁ ସେତେ ଭଲ ।

ଏହାଛଡ଼ା ପିଲାଙ୍କ ଖାଦ୍ୟରେ ଚିନି ମିଶାଇବା ମଧ୍ୟ କ୍ଷତିକାରକ ହୋଇପାରେ । ଖାସ୍ କରି ସେତେବେଳେ ଯେତେବେଳେ ଶିଶୁ ମା'କ୍ଷୀର ସେବନ ବନ୍ଦ କରିଥାଏ । ଶିଶୁ ଅବସ୍ଥା ବହୁତ ଗୁରୁତ୍ୱପୂର୍ଣ୍ଣ କାରଣ ଏହି ସମୟ ଭବିଷ୍ୟତର ଖାଦ୍ୟ,ପାନୀୟ ଉପରେ ନିର୍ଭର କରେ । ଶିଶୁଙ୍କ ଆହାରରେ ଚିନି ମିଶାଇବା ଦ୍ୱାରା ଦାନ୍ତ ଖରାପ ହେବାର ସମସ୍ୟା ବଢ଼େ । ଭବିଷ୍ୟତରେ ମଧୁମେହର ସମସ୍ୟା ସୃଷ୍ଟି ହୁଏ । ବର୍ଷେରୁ ଦେଢ଼ବର୍ଷ ଭିତରେ ଶିଶୁଙ୍କୁ ଖାଦ୍ୟରେ ଲୁଣ ଏବଂ ଚିନି ଦେବା ଆଦୌ ଠିକ୍ ନୁହେଁ ।

# କ୍ୟାନସର ପାଇଁ କେମୋ-ଥେରାପିର ବିକଳ୍ପ




ବୈଜ୍ଞାନିକଙ୍କୁ ଏକ ବଡ଼ ଉପଲବ୍ଧି ହାସଲ ହୋଇଛି । କ୍ୟାନସର୍ ଚିକିତ୍ସାରେ କେମୋଥେରାପିର ବିକଳ୍ପ ସନ୍ଧାନ କରିଛନ୍ତି ବୈଜ୍ଞାନିକ । ପ୍ରଥମେ ମୂଷାଙ୍କ ଉପରେ ଏହାର ସଫଳତା ପ୍ରୟୋଗ କରାଯାଇଛି । ତେବେ ମାନବ ଶରୀରରେ ଏହାର ପ୍ରୟୋଗ ପାଇଁ ଆଉ କିଛି ବର୍ଷ ସମୟ ଲାଗିବ । ୧୧ଜଣ ବୈଜ୍ଞାନିକଙ୍କ ଦଳ ଆମେରିକାର କ୍ଲେଭଲ୍ୟାଣ୍ଡ କ୍ଲିନିକରେ ଏହି ସଫଳତା ହାସଲ କରିଛନ୍ତି । ଗବେଷଣା ଦଳର ମୁଖ୍ୟ ବୈଜ୍ଞାନିକ ଡ. ୟଙ୍ଗ ଲି କହିଛନ୍ତି କ୍ୟାନସର୍ ସେଲ୍ ଦୀର୍ଘଦିନ ଶରୀରରେ ରହିବା ପରେ ଟ୍ୟୁମର୍ ରୂପ ଧାରଣ କରିଥାଏ । ଶରୀରରୁ ଟ୍ୟୁମର୍ ନଷ୍ଟ କରିବା ପାଇଁ କେମୋଥେରାପି ବ୍ୟବହାର କରାଯାଏ । କିନ୍ତୁ ଏ ସମୟରେ କ୍ୟାନସର୍ ସେଲ୍ ସାଂଗକୁ ପାଖରେ ଥିବା ଭଲ ସେଲ୍ ଉପରେ ମଧ୍ୟ ଏହାର ନକରାତ୍ମକ ପ୍ରଭାବ ପଡ଼ିଥାଏ ଏବଂ ରୋଗୀକୁ ପ୍ରବଳ ଯନ୍ତ୍ରଣା ହୋଇଥାଏ । ତେବେ ଗବେଷଣା ମାଧ୍ୟମରେ ଜଣାପଡ଼ିଛି ମାଇକ୍ରୋ ଆରଏନଏ ଅର୍ଥାତ ଏମଆଇଆର -୨୧ ନର୍ମାଲ ସେଲ୍କୁ ନଷ୍ଟ କରିଦେଇଥାଏ । ଯଦ୍ୱାରା କ୍ୟାନସର୍ ସେଲ ଗୁଡ଼ିକ ଆହୁରି ପ୍ରଭାବଶାଳୀ ହୋଇଥାଏ । ତେଣୁ ଏମ୍ଆଇଆର- ୨୧କୁ ପ୍ରଭାବହୀନ କରିବାକୁ ଏକ ଆଣ୍ଟି ସେଲ୍ ତିଆରି କରି ତାକୁ ମୂଷାଂକ ଉପରେ ପ୍ରୟୋଗ କରାଯାଇଥିଲା । ଦେଖିବାକୁ ମିଳିଲା ମୂଷାଂକ ଶରୀରରୁ ଟ୍ୟୁମର ଧୀରେଧୀରେ ଛୋଟ ଆକାର ହେବା ସହ ସଂପୂର୍ଣ୍ଣ ଭାବେ ଭଲ ହୋଇଯାଇଥିଲା । ଦୀର୍ଘ ବର୍ଷ ଧରି ଏହି ଗବେଷଣା କ୍ଲେଭଲ୍ୟାଣ୍ଡ କ୍ଲିନିକରେ ଚାଲିଥିଲା । ମାନବ ଶରୀରରେ ଏହାର ପ୍ରୟୋଗ ପାଇଁ ଆଉ ଦଶବର୍ଷ ସମୟ ଲାଗିବ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି ।

# ଖାଲି ପେଟରେ ଲାଉ ଜୁସ୍ ପିଉଛନ୍ତି କି ? ସ୍ୱାସ୍ଥ୍ୟ ପାଇଁ ବରଦାନ ନା ଜହର ?

ଓଜନ କମାଇବାକୁ ହେଉ ବା ଶରୀରକୁ ଡିଟକ୍ସ କରିବାକୁ ବା ଦେହକୁ ଥଣ୍ଡା ରଖିବାକୁ ହେଉ ଅନେକ ଲୋକ ସକାଳୁ ଖାଲିପେଟରେ ଲାଉ ଜୁସ୍ ପିଇବା ଅଭ୍ୟାସରେ ଥାଆନ୍ତି । ଆଜିକାଲି ଫିଟନେସ୍ ପାଇଁ ଲାଉ ଜୁସ୍ ପିଇବା ଗୋଟେ ଟ୍ରେଣ୍ଡରେ ରହିଆସିଛି । ହେଲେ ନିକଟରେ ହୋଇଥିବା କିଛି ରିସର୍ଚ୍ଚ ଏନେଇ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରୁଛି । ନ୍ୟୁଟ୍ରିସନ୍ ୱେବସାଇଟ୍ ମୁତାବକ, ଲାଉ ଜୁସ୍ ଯଦି ସଠିକ୍ ଭାବେ ପ୍ରସ୍ତୁତ ହୋଇଥାଏ ତେବେ ତାହା ହଜମ ଶକ୍ତି ବଢ଼ାଇବା ସହ, ବ୍ଲଡ ପ୍ରେସରକୁ ନିୟନ୍ତ୍ରଣ କରେ ।

କିନ୍ତୁ ଏହା କଡ଼ା ହୋଇଥିଲେ, ଶରୀର ଉପରେ ଓଲଟା ପ୍ରଭାବ ପକାଏ । ଏଭଳି ସ୍ଥିତିରେ ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ , ସକାଳୁ ଖାଲିପେଟରେ ଲାଉ ଜୁସ୍ ପିଇବା ଠିକ୍ କି ନାହିଁ । ଯଦି ଲାଉ ଜୁସ୍ ପିଉ ତାହେଲେ କେଉଁ କେଉଁ ସତର୍କତା ରଖିବାକୁ ପଡ଼ିବ। ହେଲଥ୍ ଆଣ୍ଡ ନ୍ୟୁଟ୍ରିସନ୍ ପୋର୍ଟାଲ ଅନୁସାରେ, ଜୁସ୍ ବନାଇବାକୁ ଆଣିଥିବା ଲାଉ ତାଜା, ସବୁଜ, ବିନା ଦାଗର ହୋଇଥିବା ଦରକାର । ଲାଉର ସ୍ୱାଦ ବି



ମଧୁର ହୋଇଥିବା ଦରକାର । ଏଭଳି ଲାଉର ଜୁସ୍ ଖାଲିପେଟରେ ପିଇଲେ ହଜମ କ୍ରିୟା ତ୍ୱରାନ୍ୱିତ ହୁଏ ।

ସ୍ନାପକ୍ୟାଲୋରି ଓ ଅନ୍ୟ ନ୍ୟୁଟ୍ରିସନ୍ ସାଇଟ୍ସ ଡାଟା ଅନୁସାରେ, ୧୦୦ ଗ୍ରାମ ଲାଉ ଜୁସରେ ପାଖାପାଖି ୧୫ ପ୍ରତିଶତ କ୍ୟାଲୋରି , ଖୁବ୍ କମ୍ ଫ୍ୟାଟ୍, ହାଲକା ଫାଇବର, ପୋଟାସିୟମ୍ ,ଭିଟାମିନ୍ ସି, ପରି ପୋଷଣ ମିଳେ , ଯାହାସବୁ ଦିନର ଆରମ୍ଭରୁ ଶରୀରକୁ ହାଲକା ରଖିବାରେ ସାହାର୍ଯ୍ୟ କରେ । ସଠିକ ଉପାୟରେ ପ୍ରସ୍ତୁତ ଲାଉ ଜୁସ୍ କୁ ନିୟମିତ ଭାବେ ପିଇଲେ ଏସିଡିଟି, ହାର୍ଟବର୍ଣ୍ଣ ପରି ସମସ୍ୟା ଦୂରେଇଯାଏ । ଇଣ୍ଡିଆନ୍ ଜର୍ଣ୍ଣାଲ ଅଫ୍ ମେଡିକାଲ ରିସର୍ଚ୍ଚରେ ପ୍ରକାଶିତ ରିପୋର୍ଟ ଅନୁସାରେ, କଡ଼ା ଲାଗୁଥିବା ଲାଉ ଜୁସ୍ ଯୋଗୁଁ ଫୁଡ୍ ପଏଜନିଙ୍ଗ ଭଳି ସମସ୍ୟା ହୋଇପାରେ । ଯେମିତିକି ବାନ୍ତି ହେବା, ପେଟରେ ଯନ୍ତ୍ରଣା ହେବା, ଲୋ ବ୍ଲଡ ପ୍ରେସର, ଓ ମଲ୍ଟି ଅର୍ଗାନ୍ ଡ୍ୟାମେଜ୍ ଭଳି ସମସ୍ୟା ବି ସୃଷ୍ଟି ହୋଇପାରେ ।

ତେବେ ଲାଉ ଜୁସର ସବୁଠୁ ବଡ଼ ବଡ଼ ଉପକାର ହେଉଛି , ଏଥିରେ ଥିବା ଲୋ କ୍ୟାଲୋରି ଓ ହାଇ ଭଲ୍ୟୁମ୍ ନେଚର ଏହାକୁ ଓଜନ କମାଇବା ପାଇଁ ସବୁଠୁ ଭଲ ମାଧ୍ୟମ କରିଥାଏ । ଏହାକୁ ପିଇବା ପରେ ପେଟ ପୁରିଯିବା ପରି ଲାଗେ । ଏକଥା ବି କୁହାଯାଇଛି, ଏଥିରେ ପୋଟାସିୟମ ଓ ଫାଇବର ଥିବାରୁ ଏହା ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ସହ କୋଲେଷ୍ଟ୍ରଲକୁ ବି ନିୟନ୍ତ୍ରଣ କରେ । । କହିବାକୁ ଗଲେ ଲାଉ ଜୁସ୍ ପିଇବା ଦ୍ୱାରା ନିଦ ବି ଭଲ ହୁଏ ।

କିନ୍ତୁ ହଁ ଆରମ୍ଭରୁ ଲାଉ ଜୁସକୁ ୫୦ ଗ୍ରାମରୁ ୧୦୦ଗ୍ରାମ ଭିତରେ ପିଅନ୍ତୁ । ଏହା ଡାଏବେଟିସ୍, କିଡନି ସମସ୍ୟା , ହାର୍ଟ ସମସ୍ୟା ଥିବା ଲୋକଙ୍କ ପାଇଁ ଭଲ । କିନ୍ତୁ ଯଦି ଅନ୍ୟ କିଛି ଶାରୀରିକ ସମସ୍ୟା ଥାଏ ତାହେଲେ ଲାଉ ଜୁସ୍ ପିଇବା ଆଗରୁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ ।

# ଦୀର୍ଘାୟୁ ହେବାର ସହଜ ମନ୍ତ୍ର : ସପ୍ତାହକୁ ମାତ୍ର ୧୫୦ ମିନିଟ୍ ବ୍ୟାୟାମ ବଦଳାଇ ଦେବ ଆପଣଙ୍କ ଜୀବନ !

ଗବେଷଣାରୁ ଏକ ଆଶାଜନକ ତଥ୍ୟ ମିଳିଛି ଯେ ସୁସ୍ଥ ଜୀବନ ପାଇଁ ସପ୍ତାହକୁ ମାତ୍ର ୧୫୦ ମିନିଟର ବ୍ୟାୟାମ ଯଥେଷ୍ଟ , ଲମ୍ବା ଜୀବନ ପାଇଁ କଠିନ ପରିଶ୍ରମ ନୁହେଁ ବରଂ ନିୟମିତ ଅଳ୍ପ ସମୟର ବ୍ୟାୟାମ ଦରକାର । ଆମେରିକାନ୍ ମେଡିକାଲ ଆସେସିଏସନ୍ ଦ୍ୱରା ପ୍ରକାଶିତ ଏକ ବୃହତ ଅଧ୍ୟୟନରୁ ଜଣାପଡ଼ିଛି ଯେ ଯଦି କେହି ବ୍ୟକ୍ତି ୧୫୦ ମିନିଟ ବ୍ୟାୟାମ କିମ୍ବା ସେହି ଧରଣର କିଛି ଶାରୀରିକ ପରିଶ୍ରମ କରନ୍ତି ତେବେ ଅକାଳ ମୃତ୍ୟୁର ଆଶଙ୍କା କମିଯାଏ । ବିଷେଷକରି ଯେଉଁମାନେ ଆଦୌ ବ୍ୟାୟାମ କରୁନାହାନ୍ତି, ସେମାନଙ୍କ ତୁଳନାରେ ବ୍ୟାୟାମ କରୁଥିବା ବ୍ୟକ୍ତି ଅଧିକ ସୁସ୍ଥ ରହୁଥିବାର



ଜଣାପଡିଛି । ଆସନ୍ତୁ ଜାଣିବା କେତେ ସମୟର ବ୍ୟାୟାମ ଆବଶ୍ୟକ ଏବଂ କଣ ? ଏବଂ କଣ କଣ କରିପାରିବା ? ଏକ ଅଧ୍ୟୟନ ଅନୁଯାୟୀ, ଦୈନିକ ପ୍ରାୟ ୩୦ ମିନିଟ୍ କରି ସପ୍ତାହକୁ ୫ ଦିନ ବ୍ୟାୟାମ କରିବା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ଏଥିପାଇଁ ଆପଣ ଏହି ଚାରୋଟି ସହଜ ଉପାୟ ଆପଣାଇ ପାରିବେ । ଦ୍ରୁତ ଗତିରେ ଚାଲିବାଏମିତି ଚାଲନ୍ତୁ ଯେପରି ଆପଣଙ୍କ ହୃଦସ୍ପନ୍ଦନ ବଢ଼ିବ ଏବଂ ଝାଳ ବାହାରିବ, କିନ୍ତୁ ଆପଣ କଥା ହୋଇପାରୁଥିବେ । ଘଣ୍ଟାକୁ ପ୍ରାୟ ୫-୬ କିଲୋମିଟର ବେଗରେ ଚାଲିବା ଉଚିତ୍ । ଆଉମଧ୍ୟ ଆପଣ ସାଇକେଲ ଚଲାଇ ପାରିବେ ବାହାରେ କିମ୍ବା ଘରେ ଷ୍ଟେସନାରୀ ସାଇକେଲ୍ ସାହାଯ୍ୟରେ ସ୍ଥିର ଗତିରେ ସାଇକେଲ ଚଲାନ୍ତୁ ଏହା ମଧ୍ୟ ଆପଣଙ୍କୁ ସୁସ୍ଥ ରଖିବ। ପହଁରିବା ପାଣିରେ କମସେ କମ୍ ୨୦-୩୦ ମିନିଟ୍ ପହଁରିବା ଦ୍ୱାରା ଶରୀରର ସମସ୍ତ ମାଂସପେଶୀ ସକ୍ରିୟ ରହେ । ଏବଂ ଅନ୍ୟତମ ଉପାୟ ହେଉଛି ନୃତ୍ୟ ଜୁମ୍ବା, ସାଲସା କିମ୍ବା ମନପସନ୍ଦର ସଙ୍ଗୀତରେ ୩୦ ମିନିଟ୍ ନୃତ୍ୟ କରି ମଧ୍ୟ ନିଜକୁ ଫିଟ୍ ରଖିହେବ ।ଅଧିକ ପରିଶ୍ରମ, ଅଧିକ ଫାଇଦା ଦେଇଥାଏ ।ଗବେଷଣାରୁ ଏହା ମଧ୍ୟ ଜଣାପଡିଛି ଯେ, ଯେଉଁମାନେ ସପ୍ତାହକୁ ୩୦୦ ରୁ ୬୦୦ ମିନିଟ୍ ବ୍ୟାୟାମ କରୁଛନ୍ତି, ସେମାନଙ୍କ କ୍ଷେତ୍ରରେ ମୃତ୍ୟୁ ଆଶଙ୍କା ୨୬-୩୧% ପର୍ଯ୍ୟନ୍ତ କମ୍ ରହୁଛି। ପୂର୍ବରୁ ବ୍ୟାୟାମ କରୁନଥିବା ବ୍ୟକ୍ତି ଯଦି ଏବେ ମଧ୍ୟ ନିଜ ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତି, ତେବେ ସେମାନେ ମଧ୍ୟ ଏହାର ସୁଫଳ ପାଇପାରିବେ ।

# ୮୦ ତମ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ: ସକାଳ ୯:୧୫ରେ ପତାକା ଉତ୍ତୋଳନ

ଝାରସୁଗୁଡ଼ା,୨୧/୦୭ (ନି.ପ୍ର): ଆଗାମୀ ଜିଲ୍ଲାସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଜିଲ୍ଲା ଖଣିଜ ପାଣ୍ଠି ଅଡିଟରିୟମ ଠାରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ସ୍ୱାଧୀନତା ଦିବସ ପାଳନ ଉତ୍ସବ ମନମୋହନ ସ୍କୁଲ ପଡ଼ିଆଠାରେ ଆୟୋଜନ କରାଯିବ। ଉକ୍ତ ଦିନ ପ୍ରତ୍ୟୁଷରେ ରାମଧୁନ ଗାନ କରାଯାଇ ସହର ପରିକ୍ରମା କରାଯିବ। ବିଭିନ୍ନ ଶିକ୍ଷାଅନୁଷ୍ଠାନ ତଥା ସରକାରୀ କାର୍ଯ୍ୟାଳୟରେ ସକାଳ ୮ଟା ରୁ ୮:୩୦ ମଧ୍ୟରେ ଅନୁଷ୍ଠାନର ମୁଖ୍ୟଙ୍କ ଦ୍ୱାରା ଜାତୀୟ ପତାକା ଉତୋଳନ କରାଯିବାକୁ ଥିବାବେଳେ ସକାଳ ୯ଟା ୧୫ ସମୟରେ ମନମୋହନ ସ୍କୁଲ ପଡ଼ିଆଠାରେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ମୁଖ୍ୟ ଅତିଥି ଜାତୀୟ ପତାକା ଉତୋଳନ କରିବା ସହ ପ୍ୟାରେଡ ଅଭିବାଦନ ଗ୍ରହଣ କରିବେ। ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିସହ ସେହିଦିନ ସନ୍ଧ୍ୟାରେ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଏମସିଏଲ ଅଡିଟରୀୟମ ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜିଲ୍ଲା କାରାଗାର ଏବଂ ଅନ୍ୟାନ୍ୟ ସ୍ଥାନରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ମଧ ସ୍ଥିର ହୋଇଛି। ଏହି ବୈଠକରେ ବିଶ୍ୱ ରଞ୍ଜନ ନାୟକ, ଜିଲ୍ଲା ପରିଷଦ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଅଧିକାରୀ ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଲଳିତ କୁମାର ସୋରେଙ୍ଗ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଏବଂ ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମର ପରିଚାଳନା ଝାରସୁଗୁଡ଼ା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ରିତାକାନ୍ତି ବଳିୟାରସିଂହଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ଏବଂ ସଭା ଶେଷରେ ସୁଶ୍ରୀ କୃଷ୍ଣାକେଶୀ ବଳିୟାରସିଂହ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏଥିସହ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ କର୍ମଚାରୀ ଭୁବନାନନ୍ଦ ବାଗ, ନିହାଲ୍ ଭୋଇ, ରବିନ୍ଦ୍ର ନିଆଳ ଏବଂ ରାଜସ୍ୱ ବିଭାଗ ଆସିଷ୍ଟାଣ୍ଟ ଜଗନ୍ନାଥ ରାଉତ ସହଯୋଗ କରିଥିଲେ। ଏହି ବୈଠକରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ପୋଲିସ ପ୍ରଶାସନ, ଶିକ୍ଷାନୁଷ୍ଠାନର ଶିକ୍ଷକ, ବହୁ ସଂଖ୍ୟାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ।

# ଧର୍ମେନ୍ଦ୍ର ପ୍ରଧାନ ଓ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ବିକ୍ଷୋଭ

ପୁରୀ,୨୧/୦୭ (ନି.ପ୍ର): କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା, ଏନଟିଏ କୁ ବିଲୋପ, ଜାତୀୟ ଶିକ୍ଷା ନୀତି ୨୦୨୦ ବାତିଲ୍, ଓଡ଼ିଶା ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା, ପିଲାମାନଙ୍କ ପାଇଁ ତୁରନ୍ତ ନୂଆ ଛପା ବହି ଯୋଗାଇ ଦେବାକୁ ଓ ସୋନମ ୱାଂଚୁକ୍ ଙ୍କ ଗିରଫ ପ୍ରତିବାଦରେ ସୋମବାର ପୂର୍ବାହ୍ନ ୧୧ଟାରେ ପିକେଡିଏ ଛକରୁ ଶୋଭାଯାତ୍ରା ବାହାରି ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଥିଲା। ଦେଶର ଶିକ୍ଷା ବିଭାଗ ନିଟ ପରୀକ୍ଷାକୁ ଏନଟିଏ ହାତରେ ଟେକି ଦେଇ ବ୍ୟବସାୟୀକରଣ ଉଦ୍ଦେଶ୍ୟରେ କୋଚିଂ ସେଂଟର୍ ଓ ଘରୋଇ ମେଡିକାଲ କଲେଜ ମାନଙ୍କ ବ୍ୟବସାୟିକ ସ୍ୱାର୍ଥରେ ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳିଲେ ପ୍ରଶ୍ନପତ୍ର ପ୍ରଘଟ ଓ ପରୀକ୍ଷା ବାତିଲ ଓ ୨୭ ମେଧାବୀ ବିଦ୍ୟାର୍ଥୀ ଆତ୍ମହତ୍ୟା କରିବା ପ୍ରସଙ୍ଗକୁ ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଥିଲେ । ଦେଶରେ ଚାରିଆଡେ ପ୍ରତିବାଦ ହେଉଛି । ଏନଟିଏ ଭଳି ଏକ ଆଉଟସୋର୍ସିଂ ସଂସ୍ଥା ହାତରେ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭାଗ୍ୟ ଟେକିଦେବା ଓ ସଂସ୍ଥା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବା ଶିକ୍ଷାମନ୍ତ୍ରୀଙ୍କ ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଜନ୍ତର ମନ୍ତରରେ ସୋନମ ୱାଙ୍ଗଚୁକ୍ ଙ୍କ ସହ ଛାତ୍ର ସଂଗଠନମାନେ ଅନଶନ ୨୧ ଦିନରେ ପହଂଚିଲା ପରେ ମଧ କେନ୍ଦ୍ର ମୋଦି ସରକାର ନୀରବ ରହିଛନ୍ତି । କୌଣସି ଆଲୋଚନା ନ କରି ୱାଙ୍ଗଚୁକ୍ ଙ୍କୁ ଗିରଫ କରିବା ଓ ଗଣତାନ୍ତ୍ରିକ ଆନ୍ଦୋଳନକୁ ପୋଲିସ ଲାଠି ମାଡ଼ କରି ଭଣ୍ଡୁର କରିବା ପ୍ରତିବାଦରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା, ଓଡ଼ିଶାର ଶିକ୍ଷା ବିଭାଗ ତ୍ରୁଟିପୂର୍ଣ୍ଣ ବହି ଛାପିବା ଓ ସେଥିରେ ପାଠ୍ୟ ପୁସ୍ତକରେ ଅବୈଜ୍ଞାନିକ, ଅଣଐତିହାସିକ, ସାମ୍ପ୍ରଦାୟିକ ତଥ୍ୟକୁ ଅନ୍ତର୍ଭୁକ୍ତ କରିଥିବା ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ସହ ତୁରନ୍ତ ଲକ୍ଷ ଲକ୍ଷ ପିଲାଙ୍କ ପାଇଁ ନୂଆ ପୁସ୍ତକ ଛାପି ସ୍କୁଲ୍ ରେ ଯୋଗାଇବାକୁ ଦାବୀ କରିଥିଲେ। ଉକ୍ତ ପ୍ରତିବାଦ ସଭାରେ ସିଟୁ ଜିଲ୍ଲା ସମ୍ପାଦକ ଶରତ କୁମାର ରାୟଗୁରୁ ସଭାପତିତ୍ୱ କରିଥିଲେ। ଏଥିରେ କଂଗ୍ରେସ ଦଳ ଜିଲ୍ଲା ସଭାପତି ଇଂ. ରାଜେଶ କୁମାର ମିଶ୍ର, ସିପିଏମର ଜିଲ୍ଲା ସମ୍ପାଦକ ଜଗନ୍ନାଥ ଦେଓ, ସୁରେନ୍ଦ୍ର ଜେନା, ସିପିଆଇର ବ୍ରଜବନ୍ଧୁ ପ୍ରଧାନ, ପ୍ରଦୀପ୍ତ ମହାନ୍ତି, ହରିହର ସେନାପତି, ସିପିଆଇ ଏମ ଏଲ୍ ଲିବରେସନ ର କିଷାନ୍ ପଟ୍ଟନାୟକ, ଓଡ଼ିଶା କୃଷକ ସଭାର ଭୀମସେନ୍ ସ୍ୱାଇଁ, ସିପିଆଇ ଏମ ଏଲ ର ମୋହନ ନାଇଡୁ, ଆମ୍ବେଦକର ଲୋହିଆ ମଂଚର ଅକ୍ଷୟ ବେହେରା, ଅନାମ ବେହେରା, ଗୋପାଳ ପ୍ରଧାନ, ବିଭୂତି ରାଉତରାୟ, ସୁରେନ୍ଦ୍ର ତପସୁ ପ୍ରମୁଖ ଯୋଗ ଦେଇଥିଲେ।

# ବିଜେପି ଅକ୍ତିଆରରେ ଖଡ଼ିଆଳ ଏନଏସି

ନୂଆପଡ଼ା,୨୧/୦୭ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଏନ୍ଏସିକୁ ଅକ୍ତିଆର କଲା ପରେ ଆଜି ବିଜୟ ଉତ୍ସବ ପାଳନ କରିଛି ବିଜେପି। ପୂର୍ବରୁ ଏହି ଏନ୍ ଏ ସି କଂଗ୍ରେସ କବଜାରେ ଥିଲା କିନ୍ତୁ ଗତ ୧୭ ତାରିଖ ଦିନ ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା ଓ ବିଜେଡ଼ି କଂଗ୍ରେସ ଦଳର ଆଠ ଜଣ କାଉନସିଲର ବିଜେପିରେ ଯୋଗ ଦେଲା ପରେ ବିଜେପି ଅକ୍ତିଆରକୁ ଆସି ଯାଇଛି ଖଡ଼ିଆଳ ଏନ୍ଏସି। ଗତ ନିର୍ବାଚନରେ କଂଗ୍ରେସ ଦଳର ପ୍ରାର୍ଥୀ ଭାବରେ ଉଜ୍ଜଳ ଗୁପ୍ତା ନିର୍ବାଚିତ ହୋଇଥିବା ବେଳେ ବିଜେପିର ଦୁଇ ଜଣ, ବିଜେଡ଼ିର ପାଂଚ ଜଣ ଓ କଂଗ୍ରେସର ଛଅ ଜଣ କାଉନସିଲର ନିର୍ବାଚିତ ହୋଇଥିଲେ। ଏବେ ତାଙ୍କ ସହ କଂଗ୍ରେସ ଦଳର ପାଂଚଜଣ ଓ ବିଜେଡ଼ିର ତିନିଜଣ ବିଜେପିରେ ମିଶିଲା ପରେ ବିଜେପି କାଉନସିଲର ସଂଖ୍ୟା ଦଶରେ ପହଂଚିଛି। ଆଜି ନଗରପାଳଙ୍କ ସହ ବିଜେପିରେ ମିଶୁଥିବା କାଉନସିଲ ମାନେ ଖଡ଼ିଆଳ ପହଂଚିବା ପରେ ସେମାନଙ୍କୁ ସ୍ୱାଗତ କରିବା ସହ ବିଜୟ ଉତ୍ସବ ପାଳନ କରାଯାଇଛି। ଖଡ଼ିଆଳ ସହରର ଆମ୍ବେଦକର ଛକ ଠାରେ ଆମ୍ବେଦକରଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପରେ ସମଲେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରା ପହଂଚିଥିଲା। ସେଠାରେ ସମଲେଶ୍ୱରୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ସାମ୍ବାଦିକଙ୍କୁ ପ୍ରତିକ୍ରିୟା ଦେଇ ଆଗାମୀ ଦିନରେ ଖଡ଼ିଆଳର ଉନ୍ନତି ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯିବ ବୋଲି ନଗରପାଳ କହିଛନ୍ତି।

# କନ୍ଧମାଳରେ 'ଟିଚ୍ କନ୍ଧମାଳ' ଅଭିଯାନ : ତୁମୁଡ଼ିବନ୍ଧ ବ୍ଲକର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କଲେ ଜିଲ୍ଲାସ୍ତରୀୟ ଅଧିକାରୀ

କନ୍ଧମାଳ,୨୧/୦୭ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଏବଂ ପ୍ରତ୍ୟେକ ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ନିକଟରେ ପହଂଚିବା ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ତରଫରୁ 'ଟିଚ୍ କନ୍ଧମାଳ' ନାମକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ୨୦୨୬-୨୭ ଶିକ୍ଷାବର୍ଷରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଅଧୀନରେ ଜିଲ୍ଲାର ଶୀର୍ଷ ଅଧିକାରୀମାନେ ପ୍ରତ୍ୟକ୍ଷ ଭାବେ ସ୍କୁଲଗୁଡ଼ିକୁ ଯାଇ ଶିକ୍ଷାଦାନ, ପରିବେଶ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାର ତଦାରଖ କରୁଛନ୍ତି। ଏହି କ୍ରମରେ ଆଜି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ପ୍ରମୁଖ ଅଧିକାରୀମାନେ ତୁମୁଡ଼ିବନ୍ଧ ବ୍ଲକର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି।

ଏହି ଅବସରରେ ଜିଲ୍ଲାପାଳ ବେଦଭୂଷଣ ସିର୍ଲା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ସହ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ସକାଳ ପ୍ରାର୍ଥନା ସଭା, ଶ୍ରେଣୀଗୃହରେ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟା, ସ୍କୁଲ ପରିସର, ଶୌଚାଳୟର ସ୍ୱଚ୍ଛତା ଓ ସାନିଟେସନ୍, ଛାତ୍ରଛାତ୍ରୀ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ନିୟମିତ ଉପସ୍ଥାନ, ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ଓ ତା'ର ମାନ ତଦାରଖ କରିଥିଲେ । ଆରକ୍ଷୀ ଅଧୀକ୍ଷକ ରମେନ୍ଦ୍ର ପ୍ରସାଦ ଜଲେଶପଟ୍ଟା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ବାଲିଗୁଡ଼ା ଉପ-ଜିଲ୍ଲାପାଳ ଶ୍ରୀମତୀ ପ୍ରଣିତା ଦାଶ ମୁଣ୍ଡିଗଡ଼ା ସ୍ଥିତ ମା' ଭୈରବୀ ହାଇସ୍କୁଲ ପରିଦର୍ଶନ କରିଥିଲେ । ଏହା ବ୍ୟତୀତ ଖଣ୍ଡୀୟ ବନାଧିକାରୀ, ବାଲିଗୁଡା ବନଖଣ୍ଡ, ମୁଖ୍ୟ ଉନ୍ନୟନ ଅଧିକାରି ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ତୁମୁଡ଼ିବନ୍ଧ ବ୍ଲକର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନଙ୍କ ସହ ସିଧାସଳଖ ଆଲୋଚନା କରିଛନ୍ତି। ଜିଲ୍ଲାରେ ଶିକ୍ଷାର ମାହୋଲକୁ ଆହୁରି ସୁଦୃଢ଼ ଓ ଗୁଣାତ୍ମକ କରିବା ପାଇଁ 'ଟିଚ୍ କନ୍ଧମାଳ' ଅଭିଯାନ ଏକ ପ୍ରଶଂସନୀୟ ଓ ବିପ୍ଳବାତ୍ମକ ପଦକ୍ଷେପ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ଜନଶୁଣାଣିରେ ଲୋକଙ୍କ ଅଭିଯୋଗ ଶୁଣି ତୁରନ୍ତ ପଦକ୍ଷେପ ନେଲେ ବିଧାୟକ

ଝାରସୁଗୁଡ଼ା,୨୧/୦୭ (ନି.ପ୍ର): ଝାରସୁଗୁଡ଼ା ବିଟିଏମ୍ ସ୍ଥିତ ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟରେ ଆୟୋଜିତ ଜନଶୁଣାଣି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ନିର୍ବାଚନମଣ୍ଡଳୀର ବିଭିନ୍ନ ଅଂଚଳରୁ ଆସିଥିବା ଲୋକଙ୍କ ସମସ୍ୟା ଶୁଣିଥିଲେ। ଏହି ଅବସରରେ ସେ ଉପସ୍ଥିତ ବିଭିନ୍ନ ବର୍ଗର ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ବିଭିନ୍ନ ଅଭିଯୋଗ ଓ ଦାବି ସମ୍ପର୍କରେ ଅବଗତ ହୋଇଥିଲେ। କାର୍ଯ୍ୟକ୍ରମରେ ୱାର୍ଡ ନଂ-୧୩ ବାଲିଯୋରୀ ଓରାମପଡାର ବାସିନ୍ଦାମାନେ ବିଧାୟକଙ୍କୁ ଭେଟି ଅଂଚଳର ଦୀର୍ଘଦିନର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହାକୁ ଗୁରୁତ୍ୱର ସହ ନେଇ ବିଧାୟକ ତ୍ରିପାଠୀ ତତ୍କାଳ ଝାରସୁଗୁଡ଼ା ଜିଲ୍ଲାପାଳ ଓ ଦକ୍ଷିଣ ପୂର୍ବ ରେଳବାଇର ଚକ୍ରଧରପୁର ଡିଭିଜନର ଖଣ୍ଡୀୟ ରେଳ ପ୍ରବନ୍ଧକଙ୍କ ସହ ଟେଲିଫୋନ୍ ଯୋଗେ ଆଲୋଚନା କରି ସମସ୍ୟାର ଶୀଘ୍ର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ।

# ସର୍ଦ୍ଦି ରୋଗ ସଚେତନତା ଓ ସ୍ୱାସ୍ଥ୍ୟ ଶିବର

ଗଞ୍ଜାମ,୨୧/୦୭ (ନି.ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ଠାରେ ବର୍ଷା ଦିନେ ହେଉଥିବା ସର୍ଦ୍ଦି ରୋଗ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା. ନକୁଳ ସାହୁ କହିଲେ ବର୍ଷାରେ ଥଣ୍ଡାରେ ବୁଲିଲେ, ଥଣ୍ଡା ଖାଦ୍ୟ ପାନୀୟ, ଖଟା ଖାଇଲେ, ଦୂଷିତ ଧୂଳିକଣା ନାସାରେ ପଶିଲେ, କଫ ବଢି ନାସା ପଥ, ଆଖି ନାକରୁ ପାଣି ବାହାରେ, କର୍ଣ୍ଣ କଣ୍ଠ ଓ ସ୍ରାବ ହୁଏ ସାଧାରଣ ଜ୍ୱର ରହେ, ସ୍ୱାଦ, ଗନ୍ଧ ଜଣାଯାଏ ନାହିଁ, ଅଗ୍ନିମାନ୍ଦ୍ୟ, ଅରୁଚି ରହେ। କାରଣକୁ ଛାଡି ଆବଦ୍ଧ ଗୃହରେ ବିଶ୍ରାମ ନେବେ, ଧାରଉଷ୍ଣ ଜଳପାନ ସହ ତୁଳସୀ ପତ୍ର, ଅଦା ରସ ପାନକଲେ ଭଲ ହୋଇଯାଏ।

# ସ୍ୱର୍ଗତ ନିରଞ୍ଜନ ଦାସ ଓରଫ ପକ୍ଷୀବାବାଙ୍କ ଏକାଦଶାହରେ ସ୍ମୃତିସଭା ଅନୁଷ୍ଠିତ

ନୀଳଗିରି,୨୧/୦୭ (ନି.ପ୍ର): ସୋମବାର ଦିନ ୧୧ଟା ସମୟ ରେ,ସ୍ୱର୍ଗତ ପକ୍ଷୀବାବାଙ୍କ ସ୍ମୃତି ଓ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇ ଯାଇଛି ।ସୂଚନା ଅନୁଯାୟୀ, ନୀଳଗିରି ବ୍ଲକ ତେଲିପାଳ ପଞ୍ଚାୟତ ଛତ୍ରପୁର ଗ୍ରାମ ନିକଟସ୍ଥ ତଳଭଗାବନ୍ଧ ଠାରେ ନିତାଇଗୌର ଆଶ୍ରମ ଅବସ୍ଥିତ ।ଏହି ଆଶ୍ରମଟି ଦେବଗିରି ପାହାଡ ଶୃଙ୍ଖଳା ର ତୁଙ୍ଗଭଦ୍ରା ପାହାଡ ଉପରେ ଅବସ୍ଥିତ। ଉକ୍ତଆଶ୍ରମକୁ ୨୦୧୦ ମସିହା ରେ ପକ୍ଷୀବାବା ଓରଫ ନିରଞ୍ଜନ ଦାସ ସୁଦୂର କେଉଁଝରେ ଜିଲ୍ଲା ଆନନ୍ଦପୁର ଶାଳପଡା ମୂଳ ଆଶ୍ରମରୁ ଆସି ଏଠାରେ ନିତାଇ ଗୌର ଆଶ୍ରମ ପ୍ରତିଷ୍ଠା କରିଥିଲେ। ଉକ୍ତ ସ୍ଥାନଟି ପାହାଡ ଜଙ୍ଗଲ ପରିବେଷ୍ଟିତ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ହୋଇଥିବାରୁ , ସ୍ୱତଃ ଏକ ଆଧାତ୍ମିକ ପରିବେଶ ସୃଷ୍ଟି କରିଥାଏ। ପକ୍ଷୀବାବା ତାଙ୍କ ରହଣୀ କାଳରେ ଏହି ସ୍ଥାନରେ ଅନେକ ମନ୍ଦିରନିର୍ମାଣ କରାଇ ବିଭିନ୍ନ ଦେବାଦେବୀଙ୍କ ପୂଜା ଅର୍ଚ୍ଚନା କରିବାର ବ୍ୟବସ୍ଥା କରିଥିବା ଜଣାଯାଇଛି ।ସେହି



ମନ୍ଦିର ଗୁଡ଼ିକ ମଧ୍ୟରେ ମହାଦେବ ମନ୍ଦିର, ଜଗନ୍ନାଥ ଙ୍କ ମନ୍ଦିର, ଶନି, ଦୁର୍ଗା, କାଳୀ, ସରସ୍ୱତୀ, ତାରିଣୀ, ରାଧାକୃଷ୍ଣ, ଗାୟତ୍ରୀ, ହନୁମାନ, ଲକ୍ଷ୍ମୀ ନାରାୟଣ, ଦଶାବତାର ମନ୍ଦିର ଅନ୍ୟତମ।ଏହିସବୁ ମନ୍ଦିର ନିର୍ମାଣ ଓ ଆଶ୍ରମ ପ୍ରତିଷ୍ଠାରେ ସମାଜସେବୀ ଦିପ୍ତିକାନ୍ତ ମହାପାତ୍ର, ସ୍ଥାନୀୟ ସମାଜସେବୀ ସୁଧାରଞ୍ଜନ ଦାସ, କୈଳାସ ମିଶ୍ର, ସୀତାରାମ ନାୟକ ଓ ସ୍ୱର୍ଗତ ଚିତ୍ତରଂଜନ ଚୌଧୁରୀଙ୍କ ଭଳି ବହୁ ସମାଜସେବୀଙ୍କ ଅବଦାନ ଥିବା କୁହାଯାଇଛି। ସର୍ବୋପରି ପକ୍ଷୀବାବା ଥିଲେ ଅଗାଧ ଜ୍ଞାନୀ, ଯୋଗୀ,ସାଧକ ଓ ସମାଜର ମାର୍ଗଦର୍ଶକ। ତାଙ୍କର ଅନେକ ଶ୍ରଦ୍ଧାଳୁ ଓ ଅନୁଗାମୀଙ୍କୁ ଶୋକସାଗରରେ ଭସାଇ ଦେଇ, ଗତ ୧୦/୦୭/୨୬ ରିଖରେ ଦେହତ୍ୟାଗ କରିଥିଲେ। ତାଙ୍କର ଅବର୍ତ୍ତମାନରେ ତାଙ୍କର ଅନୁଗାମୀମାନେ ଆଜି ଏକାଦଶାହ କ୍ରିୟା କରିବାସହିତ ଏକ ସ୍ମୃତି ଓ ଶ୍ରଦ୍ଧାଞ୍ଜଳୀ ସଭାର ଆୟୋଜନ କରି ତାଙ୍କ କର୍ମମୟ ଜୀବନର ମହାନ୍ ସେବା ଓ ଆଧାତ୍ମିକ ଚେତନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜସେବୀ ଦୀପ୍ତିକାନ୍ତ ମହାପାତ୍ର,ସୁଧାରଞ୍ଜନ ଦାସ,ସୁରେଶ ବେହେରା, ଦିଲ୍ଲିପ କୁମାର ବେହେରା,ରମାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଳୁମାନଙ୍କୁ ପଙ୍କ୍ତି ଭୋଜନରେ ଆପ୍ୟାୟିତ କରିବାସହିତ ସହଯୋଗ କରିଥିବା ଦେଖାଯାଇଛି।

# ଖଇରପୁଟ ବ୍ଲକର ସିସାପୁଟଠାରେ ଜିଲ୍ଲାପାଳଙ୍କ ଦ୍ୱାରା ସିଲଭର ଓକ୍ ବୃକ୍ଷରୋପଣ କାର୍ଯ୍ୟକ୍ରମ ଶୁଭାରମ୍ଭ

ମାଲକାନଗିରି ,୨୧/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଖଇରପୁଟ ବ୍ଲକ ଅନ୍ତର୍ଗତ ବଡ଼ଦୁରାଲ ଗ୍ରାମ ପଂଚ ।ୟତର ସିସାପୁଟ ଗ୍ରାମରେ ଏକ ସିଲଭର ଓକ୍ ବୃକ୍ଷରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାର ଜୀବିକା ବିକାଶ ଏବଂ ପରିବେଶ ସୁରକ୍ଷା ଅଭିଯାନର ଏକ ଅଂଶ ବିଶେଷ ଭାବରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଯାଉଛି। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲା ପରିଷଦର ସିଡିଓ-କମ୍-ଇଓ ଦାଶରଥି ସରାବୁ, ମାଲକାନଗିରି ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହଳଧର ଶବର, ଖଇରପୁଟ ବିଡିଓ ଅର୍ପିତା ମହାନ୍ତି, ମାଲକାନଗିରି ଆଇଟିଡିଏ ପ୍ରକଳ୍ପ ପରିଚାଳକ ବିଶ୍ୱନାଥ ମିଶ୍ର ଏବଂ ମନରେଗା ସହକାରୀ ଧନେଶ୍ୱର ଖେମୁଡୁଙ୍କ ସମେତ ସ୍ଥାନୀୟ ଅଧିକାରୀ ଓ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷ କରି ଜନଜାତି ଚାଷୀମାନଙ୍କର ଜୀବିକାରେ ଉନ୍ନତି ଆଣିବା ଏବଂ ସ୍ଥାୟୀ କୃଷି-ବନୀକରଣକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ପ୍ରାୟ ୧୮୦ ହେକ୍ଟର ଜମିରେ ଏହି ସିଲଭର ଓକ୍ ବୃକ୍ଷରୋପଣ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସମୁଦାୟ ଉତ୍ସାହର ସହ ଅଂଶଗ୍ରହଣ କରିବା ସହିତ ଏହି ପଦକ୍ଷେପକୁ ନେଇ ନିଜର ଖୁସି ବ୍ୟକ୍ତ କରିଛନ୍ତି। ଏହି ଗସ୍ତ ସମୟରେ ଜିଲ୍ଲାପାଳ ସିସାପୁଟଠାରେ ପୂର୍ବରୁ ରହିଥିବା କଫି ଓ ଗୋଲମରିଚ ଚାଷ ଜମିଗୁଡିକୁ ମଧ ବୁଲି ନିରୀକ୍ଷଣ କରିଥିଲେ। ଏହି ବୃକ୍ଷରୋପଣର ସଫଳ ରୂପାୟନକୁ ପ୍ରଶଂସା କରିବା ସହ ଜିଲ୍ଲାର ଅନ୍ୟାନ୍ୟ ଉପଯୁକ୍ତ ସ୍ଥାନଗୁଡିକରେ ସିଲଭର ଓକ୍ ବୃକ୍ଷରୋପଣର ପରିସର ବୃଦ୍ଧି କରିବା ଏବଂ ଏକ ବ୍ୟାପକ ବୃକ୍ଷରୋପଣ ଅଭିଯାନ ହାତକୁ ନେବା ପାଇଁ ସେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ସିସାପୁଟର ଦାମୁ ସିସା ବଡ଼ଦୁରାଲ ଗ୍ରାମ ପଂଚ ।ୟତରେ ଜୀବିକା ଭିତ୍ତିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ପ୍ରତି ନିରନ୍ତର ସହଯୋଗ ଯୋଗାଇ ଦେଇଥିବାରୁ ଜିଲ୍ଲା ପ୍ରଶାସନ ଏବଂ ମାଲକାନଗିରି ଆଇଟିଡିଏକୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି। ଏଭଳି ପଦକ୍ଷେପ ପରିବେଶ ସୁରକ୍ଷାରେ ଅବଦାନ ରଖିବା ସହିତ ସ୍ଥାନୀୟ ଅର୍ଥନୀତିକୁ ସଦୃଢ଼ କରିବ ବୋଲି ସେ ପ୍ରକାଶ କରିଛନ୍ତି।

# ପୁବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟାକାଣ୍ଡ ମାମଲା: ୩ ଅଭିଯୁକ୍ତ ଗିରଫ

ଜୟପୁର, ୨୦ ଜୁଲାଇ (ହି.ସ.) ଜୟପୁର ସଦର ଥାନା ଅନ୍ତର୍ଗତ ସିନ୍ଧିଗାଁରେ ପୁବ ଶତ୍ରୁତାକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ ମାମଲାରେ ୩ ଅଭିଯୁକ୍ତ କୁ ଗିରଫ କରିଛି ଜୟପୁର ପୋଲିସ । ଗିରଫ ଅଭିଯୁକ୍ତ ମାନେ ହେଲେ ସିନ୍ଧିଗାଁର ଗୋପିନାଥ ଗାଦବା (୫୦), ତ୍ରିପତି ଗାଦବା (୨୬), ପ୍ରଫୁଲ ଗାଦବା (୨୩) ।। ଏହି ଆକ୍ରଣରେ ଜଣେ ମୃତ ହୋଇଥିବା ବେଳେ ୩ ଜଣ ଗୁରୁତର ଅଛନ୍ତି । ମୃତକ ଜଣକ ହେଲେ ଅଭିନବ ଗଦବା । ପୋଲିସ ସୂଚନା ଅନୁଯାଇ ସିନ୍ଧିଗାଁ ଭାଗିରଥି ଗାଦବା ସେ ଲିଖିତ ଅଭିଯୋଗ କରିଥିଲେ ଗତ ୧୫ ତାରିଖ ସଂନ୍ଧ୍ୟା ୭ଟା ୪୦ ମନିଟ ସମୟରେ ପୁବ ଶତ୍ରୁତା କୁ କେନ୍ଦ୍ର କରି ଗ୍ରାମର ଗୋପିନାଥ ଗାଦବା ତାଙ୍କ ପୁଅ ତ୍ରିପତି ଗାଦବା ଓ ପ୍ରଫୁଲ ଗାଦବା ୩ ଜଣ ମିଶି ବୁଝାମଣା ପାଇ ଅଭିନବ ଗଦବା, ଟୁକୁନା ଗାଦବା ଓ ପ୍ରଦିପ ଗାଦବାଙ୍କୁ ଗ୍ରାମରେ ଥିବା ତ୍ରିନାଥ ମଣ୍ଡପ ନିକଟରେ ଆଙ୍ଗନବାଡୀ କେନ୍ଦ୍ର ସମ୍ମୁରେ ଡାକିଥିଲେ । ଏହି ସମୟରେ ଅଭିନବ ଗାଦବା, ଟୁକୁନା ଗଦବା ପ୍ରଦିପ ଗାଦବା ଯାଇ ସେଠାରେ ପହଂଚିବାରୁ ହଠାତ ୩ ଜଣ ଗୋପିନାଥ ତ୍ରିପତି ଓ ଫୁଫୁଲ ବିଭିନ୍ନ ଖଣ୍ଡା, ଭୁଜାଲି, ଚେନ ମାରଣାସ୍ତ୍ର ଧରି ବିନା କାରଣରେ ଉତ୍ୟକ୍ତ ହୋଇ ବିନା କୈଣସି କଥା ବତ୍ତାରେ ଟୁକୁନା ଗାଦବାକୁ ପ୍ରଫୁଲ ଗଦବା ଖଣ୍ଡା ଆକ୍ରମଣ କରିଥିଲା । ଏହି ସମୟରେ ଏହି ସମୟରେ ଅଭିନବ ଗଦବାକୁ ତ୍ରିପତି ଗୋପିନାଥ ମିଶି ଭୁଜାଲିରେ ଆକ୍ରମଣ କରିଥିଲେ । ସେହି ସମୟରେ ପ୍ରଫୁଲ ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ ଅଭିନବ କୁ ଆକ୍ରମଣ କରିଥଲା । ଫଳରେ ଅଭିନବ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିଲେ । ମୃତ ବରଣ କରିବା ପରେ ମଧ ଅଭିଯୁକ୍ତ ମାନେ ଆକ୍ରମଣ କରିବାରେ ଲାଗିଥିଲେ । ଏହି ସମୟରେ ପ୍ରଦିପ ଗାଦବାକୁ ମଧ ଜୀବନରେ ମାରିଦେବା ଉଦ୍ଦେଷ୍ୟରେ ମାରଣାସ୍ତ୍ର ଆକ୍ରମଣ କରିଥିଲେ । ସେ ଗୁରୁତର ହେବାରୁ ଚିକିତ୍ସାଳୟ କୁ ନିଆଯାଇଥିଲା । ପରେ ଟୁକୁନା ଗାଦବାକୁ ୩ ଜଣ ଦୁବୁତ୍ତ ମାଣି ମାରାଣାସ୍ତ୍ର ଦ୍ୱାରା ଆକ୍ରମଣ କରିଥିଲେ ଫଳରେ ଟୁକୁନାର ହାତ ଭାଙ୍ଗିବା ସହ ସେ ଗୁରୁତର ହୋଇ କୋରାପୁଟ ସ୍ଥିତ ଶହଦ ଲକ୍ଷ୍ମ ନାୟକ ମେଡିକାଲ କଲେଜର ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଛି । ଅଭି ଯୋଗ କାରି ଭାଗିରଥି ଗାଦବା ସ୍ତ୍ରୀ କୁ ମଧ ୩ ଜଣ ମିଶି ପେଟରେ ଲାତ ମାରିବା ଦ୍ୱାରା ସେ ଗୁରୁତର ହୋଇଥିଲେ । ତାଙ୍କୁ ମଧ ମେଡିକାଲରେ ଭର୍ତ୍ତି କରାଯାଇଛି । ଏ ମାନଙ୍କର ପାଟି ଶୁଣି ଗ୍ରାମବାସୀ ଆସିବୁରା ଅଭିଯୁକ୍ତ ମାନେ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। ଭାଗିରଥି ଗାଦବା ଭାଇ ମାଙ୍କୁ ୩ ଜଣଙ୍କ କବଳରୁ ବଂଚ ।ଇବାକୁ ଯିବା ସମୟରେ ଜଗନ୍ନାଥ ଗାଦବା ଧରି ଥିବାରୁ ଅଭିନବର ମୃତ୍ୟୁ ହୋଇଥିବା ଉଲ୍ଲେଖ କରାଯାଇଛି । ଗ୍ରାମରେ ପୋଲିସ ତରଫରୁ ସୁରକ୍ଷା କୁ କଡା କଡି କରାଯାଇଛି । ମୃତ ବ୍ୟକ୍ତିର ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଘଟଣା ସ୍ଥଳରେ ସାଇଂଟିଫିକ ଟିମ ତଦନ୍ତ କରିଥିବା ବେଳେ ଏସଡିପିଓ ଅଙ୍କିତା ମିଉଲ ପହଂଚି ତଦନ୍ତ କରିଛନ୍ତି । ଏନେଇ ଜୟପୁର ସଦର ପୋଲିସ ଆଜି ୨୩୫/ ୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ରେ ଜାଣି ପୋଲିସ ୩ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ଜୟପୁର ସଦର ଥାନା ଅଧିକାରି ସଚିନ୍ଦ୍ର ପ୍ରଧାନ ଗଣ ମାଧମକୁ ସୁଚନା ଦେଇଛନ୍ତି । ଅଭିଯୁକ୍ତ ମାନେ ହତ୍ୟା କାଣ୍ଡରେ ବ୍ୟବହୃତ ହୋଇଥିବା ନୁଆସାହି ନିକଟରେ ଥିବା ଧୋବା ବନ୍ଧରେ ଫିଙ୍ଗି ଦେଇଥିଲେ । ଛୁରି କୁ ପୋଲିସ ଜବତ କରିଛି ।

# ପାଇକ ସମାଜର ନୂତନ ଭବନର ଗୃହ ପ୍ରବେଶ ଉତ୍ସବ

ମୁଖୀଗୁଡା,୨୧/୦୭ (ନି.ପ୍ର): ଜୟପାଟଣା ବ୍ଲକ ଅନ୍ତର୍ଗତ ତାଳଗୁଡ଼ରେ ରାଜପୁତ କ୍ଷତ୍ରୀୟ ପାଇକ ସମାଜ , ପଶ୍ଚିମ ମଣ୍ଡଳ ସମିତି, ତାଳଗୁଡ ପଲ୍ଲୀର ନୂତନ ସମାଜ ଭବନ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ।ଏହି ପରିପ୍ରେକ୍ଷୀରେ ଅଂଚ ଳର ଅଧିଷ୍ଠାତ୍ରୀ ଦେବୀ ମା ଡୋକରୀ ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରା, ପାରମ୍ପରିକ ଅସ୍ତ୍ର ଶସ୍ତ୍ର ଓ ସଂକୀର୍ତ୍ତନ ମଣ୍ଡଳୀ ମାନଙ୍କର ତାଳେ ତାଳେ ଗ୍ରାମ ପରିକ୍ରମା କରି ନୂତନ ଗୃହରେ ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କ ପୂଜା କରାଯାଇଥିଲା ।ପରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ଦ୍ୱାରା ସମାଜ ଗୃହର ଶୁଭ ଉଦଘାଟନ ହୋଇଥିଲା। ତାଳଗୁଡ଼ ପଲ୍ଲୀ ସଭାପତି ପୂର୍ଣ୍ଣଚନ୍ଦ୍ର ମହାଳିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରଦୀପ କୁମାର ଦିଶାରୀ ଯୋଗ ଦେଇ ପାଇକ ମାନଙ୍କ ଇତିହାସ ତଥା ବୀରତ୍ୱର ଗୁଣଗାନ କରିବା ସହିତ ସମାଜର କଲ୍ୟାଣ କାମନା କରିଥିଲେ। ମୁଖ୍ୟବକ୍ତା ଭାବେ ଶ୍ୱିଶିଷ୍ଟ ଯୁବ ସମାଜ ସେବୀ ତଥା ଜୟପାଟଣା ସମାଜର ପଲ୍ଲୀ ସଭାପତି ଚିତ୍ତରଞ୍ଜନ ଦଳପତି ଯୋଗ ଦେଇ ଓଡ଼ିଶାରେ ପାଇକ ମାନଙ୍କ ପରାକ୍ରମ , ତଥା ଆଧୁନିକ ସମାଜରେ ପାରମ୍ପରିକ ପାଇକ ଆଖଡ଼ା , ସମର କଳାର ସୁରକ୍ଷା ପାଇଁ ଆହ୍ୱାନ ଦେବା ସହିତ ପ୍ରତ୍ୟେକ ପଲ୍ଲୀରେ ମହିଳା ମଣ୍ଡଳ ଓ ଯୁବ ମଣ୍ଡଳ ଗଠନ କରି ସମାଜ ବିକାଶ ରେ ସାମିଲ ହେବା ପାଇଁ ଏକ ମର୍ମସ୍ପର୍ଶୀ ବକ୍ତବ୍ୟ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମୁଖିଗୁଡ଼ା ସରପଂଚ ଜୟନ୍ତୀ ମହାଳିକ, ମଣ୍ଡଳ ସହ ସମ୍ପାଦକ ଲବ ଦଳପତି , ଲକ୍ଷ୍ମଣ ଚଲାନ୍, ଘନଶ୍ୟାମ ରାଉତ, ଅମ୍ବୁଜ ଧଙ୍ଗଡ଼ାମାଝି, ଦୁର୍ଯ୍ୟୋଧନ ଚିନ୍ଦା, ଭବାନୀ ବାହୁକ୍, ସତ୍ୟାନନ୍ଦ ମହାଳିକ, ଜଗବନ୍ଧୁ ବିଶି, କ୍ଷୀରସିନ୍ଧୁ ବେହେରା ପ୍ରମୁଖ ମଂଚ ।ସୀନ ଥିଲେ। ଯୁବ ଲୋକ କଳାକାର ତଥା ସମାଜସେବୀ ଡମ୍ବରୁଧର ମହାଳିକ ମଂଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜୟପାଟଣା ଉପମଣ୍ଡଳର ୮ ଗୋଟି ପଲ୍ଲୀର କର୍ମକର୍ତ୍ତା ଯୋଗ ଦେଇଥିଲେ ।ସିଙ୍ଗ ଦଳେଇ , ସୁବାଷ ମହାଳିକ ପ୍ରମୁଖ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ ।ମୁଖିଗୁଡ଼ା, ମହିପାଣି, ପତିଗୁଡ଼ା, ତାଳଗୁଡ଼ର ସଂକୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରି କାର୍ଯ୍ୟକ୍ରମର ଶୋଭାବର୍ଦ୍ଧନ କରିଥିଲେ।

# କୁଣ୍ଡେଶ୍ୱର ମହାଦେବ ମନ୍ଦିରରେ ୧୦୮ ଜଳାଭିଷେକ ଓ ବିଲ୍ୱପତ୍ର ଅର୍ପଣ

କେନ୍ଦୁଝର,୨୧/୦୭ (ନି.ପ୍ର): ପବିତ୍ର ଶ୍ରାବଣ ମାସ ପ୍ରଥମ ସୋମବାର ଅବସରରେ କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ କୁଣ୍ଡାପିଠା ଗ୍ରାମ ମହାଦେବ ମନ୍ଦିରରେ କୁଣ୍ଡେଶ୍ୱର ମହାଦେବଙ୍କୁ ୧୦୮ କୁମ୍ଭ ଜଳାଭିଷେକ ତଥା କ୍ଷୀର ସ୍ନାନ କରି ୧୦୮ ବିଲ୍ୱପତ୍ର ପ୍ରଦାନ ପୂର୍ବକ ପୂଜାର୍ଚ୍ଚନା କରାଗଲା। ମନ୍ଦିରର ପୁରୋଧା ବିଜୟ କୁମାର ପଲେଇ, ମୁଖ୍ୟ କର୍ତ୍ତା ନକୁଳ ଚନ୍ଦ୍ର ପଲେଇ ତାଙ୍କର ଧର୍ମପତ୍ନୀ ନିରୁପମା ପଲେଇ,ବାବୁଲାଲ ପଲେଇ ଓ ତାଙ୍କର ଧର୍ମପତ୍ନୀ ମୀନାରାଣୀ ବେହେରା,ରାଜେନ୍ଦ୍ର କୁମାର ପଲେଇ ଓ ତାଙ୍କର ଧର୍ମପତ୍ନୀ ସୌଦାମିନୀ ପଲେଇଙ୍କ ସହଯୋଗରେ କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ତଥା ଜିଲ୍ଲା ଯାଦବ ମହାସଭା ଉପଦେଷ୍ଟା ଆଚାର୍ଯ୍ୟ ଦାଶରଥି ପ୍ରଧାନ ୧୦୮ ଜଳାଭିଷେକ ମନ୍ତ୍ର ଓ ୧୦୮ ବିଲ୍ୱପତ୍ର ଅର୍ପଣ ମନ୍ତ୍ର ପାଠ କରି ମହାଦେବଙ୍କ ପୂଜାର୍ଚ୍ଚନା କଲେ । ଏଥିରେ ସଦର ବ୍ଲକ ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ପ୍ରସନ୍ନ କୁମାର ଦାସ , ସମ୍ପାଦକ ପ୍ରଣବଧ୍ୱଜ କବି,ଘଟଗାଁ ବ୍ଲକ ଭାଗବତ ପ୍ରଚାର ପ୍ରସାର ସମିତି ସମ୍ପାଦକ ମାୟାଧର ବାରିକ ଏବଂ କୁଣ୍ଡାପିଠା ଗ୍ରାମର ଭାଗବତ ଭକ୍ତପ୍ରଫୁଲ୍ଲ କୁମାର ପଲେଇ, ପଦ୍ମନାଭ ପଲେଇ,ଶିବପ୍ରସାଦ ମହାକୁଡ, ନରେନ୍ଦ୍ର ପଲେଇ, ପ୍ରଦୀପ କୁମାର ପଲେଇ,କାହ୍ନା ପଲେଇ, ପୂଜା ପଲେଇ, ପ୍ରେମଲତା ପଲେଇ ଓ ଅରୁଣା ସୁବୁଦ୍ଧି ପ୍ରମୁଖ ମହାଦେବଙ୍କୁ ୧୦୮ ବିଲ୍ୱପତ୍ର ପ୍ରଦାନ ପୂର୍ବକ ଏହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ବାଲିଆପାଳ ବ୍ଲକର ବରିଷ୍ଠ ସାମ୍ବାଦିକ କୃପାସିନ୍ଧୁ ପଣ୍ଡାଙ୍କ ପରଲୋକ

ବାଲିଆପାଳ , ୨୧/୭ (ନି.ପ୍ର): ଦୀର୍ଘଦିନ ଧରି କର୍କଟ ରୋଗରେ ଅସୁସ୍ଥ ହୋଇ ଚିକିତ୍ସାଧିନ ଅବସ୍ଥାରେ ଥିବା ବାଲିଆପାଳ ବ୍ଲକର ବରିଷ୍ଠ ସାମ୍ବାଦିକ କୃପାସିନ୍ଧୁ ପଣ୍ଡାଙ୍କ ସୋମବାର ବିଳମ୍ବିତ ରାତ୍ରିରେ ତାଙ୍କ ଲଙ୍ଗଳେଶ୍ୱର ବଜାର ନିକଟବର୍ତ୍ତୀ ବିଶ୍ୱନାଥପୁର ସ୍ଥିତ ବାସଭବନରେ ପରଲୋକ ହୋଇ ଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୫୬ ବର୍ଷ ବୟସ ହୋଇଥିଲା ।୮ବର୍ଷ ତଳେ ଏକ ସଡକ ଦୁର୍ଘଟଣା ରେ ଗୁରୁତର ଭାବେ ଆହତ ହୋଇ ମୃତ୍ୟୁ ମୁଖରୁ ଫେରି ସାମ୍ବାଦିକତା କାର୍ଯ୍ୟ ସୁଚାରୁ ରୂପେ ତୁଲାଉଥିଲେ।ମାତ୍ର କିଛି ମାସ ପୂର୍ବରୁ ମୁଖ କର୍କଟ ରୋଗରେ ସେ ଅସୁସ୍ଥ ହୋଇ ଚିକିତ୍ସାଧିନ ଅବସ୍ଥାରେ ରହିଥିଲେ। ଧିରେ ଧିରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ସେ ଖାଦ୍ୟ ଖାଇବାରେ ଅସମର୍ଥ ହେଲେ ।କେବଳ ତରଳ ପାନୀୟରେ ବଞ୍ଚିଥିଲେ। ଶେଷରେ ଗତ ରାତ୍ରିରେ ବାଲେଶ୍ୱରରୁ ଚିକିତ୍ସିତ ହୋଇ ଘରକୁ ଫେରି ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମଙ୍ଗଳବାର ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ କରାଯାଇ ମହୁଦଧିରେ ଅସ୍ଥି ବିସର୍ଜନ କରାଯାଇଥିବା ଜଣାପଡିଛି। ପୁତ୍ର ତ୍ରିଶୋଭ ପଣ୍ଡା ମୁଖାଗ୍ନି ଦେଇଥିବା ବେଳେ ସାନ ଭାଇ ଅଞ୍ଜନ କୁମାର ପଣ୍ଡା, କନ୍ୟା ଇଶା ପଣ୍ଡାଙ୍କ ସହିତ ପରିବାରର ଆତ୍ମୀୟ ସ୍ୱଜନ ଶେଷ କୃତ୍ୟରେ ଉପସ୍ଥିତ ଥିଲେ। ସାମ୍ବାଦିକ କୃପାସିନ୍ଧୁ ପଣ୍ଡାଙ୍କ ମୃତ୍ୟୁ ଖବର ପାଇ ବହୁ ବିଶିଷ୍ଟ ତଥା ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସାମ୍ବାଦିକ ଶ୍ରୀ ପଣ୍ଡା ଦୈନିକ ପ୍ରମେୟ ଖବରକାଗଜର ବ୍ଲକ ପ୍ରତିନିଧି ଭାବରେ କାର୍ଯ୍ୟ କରୁଥିଲେ ।ସେ ଉତ୍କଳ ସାମ୍ବାଦିକ ସଂଘର ବାଲିଆପାଳ ବ୍ଲକ ସଭାପତି ଭାବରେ କିଛି ଦିନ ତାଙ୍କର ଦାୟିତ୍ୱ ସୁଚାରୁ ଭାବେ ତୁଲାଇଥିଲେ। ଶ୍ରୀ ପଣ୍ଡା ପୂର୍ବତନ ଜଳେଶ୍ୱର ବିଧାୟକ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ଅତ୍ୟନ୍ତ ପ୍ରିୟ ଥିଲେ। ଯେଉଁଥିପାଇଁ ଶ୍ରୀ ପଣ୍ଡା ତାଙ୍କ ସହଧର୍ମିଣୀ କଳ୍ପନା ପଣ୍ଡାଙ୍କୁ କଂଗ୍ରେସ ଟିକେଟରେ ଜିଲ୍ଲାପରିଷଦ ପ୍ରାର୍ଥୀ କରାଇ ୨୦୦୭ ମସିହାରେ ଜିତାଇଥିଲେ। ସର୍ବୋପରି ଶ୍ରୀ ପଣ୍ଡା ଜଣେ ଅତ୍ୟନ୍ତ ମେଳାପୀ, ମିଷ୍ଟଭାଷୀ ଓ ସ୍ନେହି ମଣିଷ ଥିଲେ।

# କୃଷି ନିର୍ଦ୍ଦେଶାଳୟର ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର




ଭୁବନେଶ୍ୱର , ୨୧/୭ (ନି.ପ୍ର): କୃଷି ନିର୍ଦ୍ଦେଶାଳୟ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ଓ ଆସ୍ୟୁର୍ ହସ୍ପିଟାଲ ଖଣ୍ଡଗିରି ସହାୟତାରେ ତା ୨୧।୦୭।୨୦୨୬ରିଖ ମଙ୍ଗଳବାର କୃଷିଭବନ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ସାଂସ୍କୃତିକ ସଂସଦର ସଭାପତି ତଥା କୃଷି ନିର୍ଦ୍ଦେଶକ ଶ୍ରୀ ଶୁଭମ୍ ସାକ୍ସେନା, ଭାପ୍ରସେ ଙ୍କ ତତ୍ତ୍ୱାବଧାନରେ ଯୁଗ୍ମ ନିର୍ଦ୍ଦେଶିକା (ପ୍ରଶାସନ) ଶ୍ରୀମତୀ ସଂଧ୍ୟାରାଣୀ ଗୁରୁ,ଓପ୍ରସେ ଓ ଅତିରିକ୍ତ କୃଷି ନିର୍ଦ୍ଦେଶକ ଶ୍ରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ ମିଳିତ ଭାବେ ଉଦ୍ଘାଟନ କରିଥିଲେ ।ଏଥିରେ କୃଷିଭବନରେ କାର୍ଯ୍ୟରତ ପ୍ରାୟ ୨୦୦ ଅଧିକାରୀ ଓ କର୍ମଚାରୀଙ୍କ ଇସିଜି, ସିବିସି , ରକ୍ତଚାପ ଓ ରକ୍ତ ଶର୍କରା ଆଦି ସ୍ୱାସ୍ଥ୍ୟ ପରୀକ୍ଷା ହୋଇ ଥିଲା। ଡଃ ପ୍ରତାପ ପାଣି(ସ୍ନାୟୁ ବିଶେଷଜ୍ଞ), ଡଃ ମେଘନାଦ ମେହେର (ଔଷଧ) ଓ ଡଃ ଆଶୁତୋଷ ଦାଶ (ଔଷଧ) ସମସ୍ତଙ୍କ ଚିକିତ୍ସା କରିଥିଲେ ।ଏହି ଅବସରରେ ଆସ୍ୟୁର୍ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡଃ ହାଡିବନ୍ଧୁ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏହି ଶିବିରକୁ ସାଂସ୍କୃତିକ ସଂସଦର ଉପସଭାପତି ଶ୍ରୀ କୈଳାସ ଚନ୍ଦ୍ର ରାଉତ, ସଂପାଦକ ଶ୍ରୀ ନବକୃଷ୍ଣ ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦକ ଶ୍ରୀ ଶୋଭନ ପଟ୍ଟନାୟକ, କୋଷାଧ୍ୟକ୍ଷ ଶ୍ରୀ ଅଂଶୁମାନ ମିଶ୍ର, ବରିଷ୍ଠ ସଦସ୍ୟ ଶ୍ରୀ ଶୁଭେନ୍ଦୁ ଦାଶ, ଦେବାଶିଷ ପତ୍ରି, ଅରୁଣ କୁମାର ରଥ, ରବୀନ୍ଦ୍ର କୁମାର ନିଶଙ୍କ, ସଞ୍ଜୟ କୁମାର ବେହେରା,କୁଳମଣି ବେହେରା,ଦେବାଶିଷ ମହାନ୍ତି, ଦୀପାଞ୍ଜଳୀ ରାଉତ ଓ ସ୍ୱାତୀ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ବାଲିଆପାଳ ବିଇଓ ଅଫିସ୍‌ରେ ଲକ୍ଷାଧିକ ଟଙ୍କାର ଘୋଟାଲା ଜିଲ୍ଲାପାଳ କରୁଛନ୍ତି ତଦନ୍ତ - ବିଇଓ

ବାଲିଆପାଳ , ୨୧/୭ (ନି.ପ୍ର): ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଲକ୍ଷାଧିକ ଟଙ୍କାର ମହା ଘୋଟାଲା ହୋଇଥିବା ନେଇ ଜଣାପଡିଛି। ଘଟଣା ସମ୍ପର୍କରେ ବିଇଓ ସୋମା ରାଣୀ ସେଠି ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଜିଲାପାଳଙ୍କୁ ଜଣାଇଛନ୍ତି । ସୂଚନାରୁ ପ୍ରକାଶ ବାଲିଆପାଳ ବିଇଓ ଅଫିସରେ ଦୀର୍ଘ ପାଞ୍ଚ ବର୍ଷ ଧରି କାର୍ଯ୍ୟରତ କିରାଣୀ ଦେବଦ୍ୟୁତି ନନ୍ଦ ନିଜ ସ୍ତ୍ରୀଙ୍କ ଆକାଉଣ୍ଟକୁ ଦରମା ପାଉଥିବା ଶିକ୍ଷକଙ୍କ ଟ୍ରେଜେରୀ ଚାଲାଣ କରି ଶିକ୍ଷକ ମାନଙ୍କ ଦରମାକୁ ହାତେଇବାରେ ସକ୍ଷମ ହୋଇ ଛନ୍ତି । ଯାହା ଶୁଣିବାପାଇଁ ମିଳୁଛି ପ୍ରାୟ ୩୧ଲକ୍ଷ ଟଙ୍କାକୁ ଚଞ୍ଚକତା କରି କୁବେର ହୋଇଛନ୍ତି ଏହି କିରାଣୀ ଜଣକ। ପୂର୍ବତନ ବିଇଓ ସୁଧାଂଶୁ ଜେନା ଙ୍କ ସମୟରେ ଏହି ଘଟଣା ଅଧିକ ହୋଇଛି ବୋଲି ମଧ ଶୁଣିବାକୁ ମିଳୁଛି। ଏବେ କୁବେର କିରାଣୀ ଜଣଙ୍କୁ ବାଲିଆପାଳ ବ୍ଲକ ପଦ୍ମଲୋଚନ ସରକାରୀ ଉଚ୍ଚ ବିଦ୍ୟାଳୟ ଜଗାଇ କୁ ବଦଳି କରାଯାଇଛି। ଏନେଇ ଶ୍ରୀମତୀ ସେଠିଙ୍କୁ ପଚାରିବାରୁ କହିଛନ୍ତି ଦୁର୍ନୀତି କରିଥିବା ବ୍ୟକ୍ତିଙ୍କ ନାମରେ ଥାନାରେ ଲିଖିତ ଅଭିଯୋଗ କରାଯିବା ସହିତ ଜିଲ୍ଲାପାଳଙ୍କ ତଦନ୍ତ ପରିସରଭୁକ୍ତ ରହିଛି । ଶିକ୍ଷାବିଭାଗର ଏଭଳି ଚଞ୍ଚକତା କରି ହରିଲୋଟ କରାଯାଉଥିଲା। ମାତ୍ର ଅଧିକାରୀ ମାନେ କେମିତି ଜାଣିପାରୁନଥିଲେ, ଏନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଜୀ ସାର୍ଥକରେ ଜୁଲାଇ ୨୭ ସନ୍ଧ୍ୟା ୭.୩୦ ରେ ଆସୁଛି ନୂତନ ମେଗା ଧାରାବାହିକ 'ଶ୍ରାବଣୀ': ଏକ ହୃଦୟସ୍ପର୍ଶୀ ପାରିବାରିକ କାହାଣୀ




ଭୁବନେଶ୍ୱର, ୨୧/୭ (ନି.ପ୍ର): ଜୀ ସାର୍ଥକ ଓଡ଼ିଶାର ଏକ ପ୍ରମୁଖ ମନୋରଞ୍ଜନ ଚ୍ୟାନେଲ ଭାବରେ ଓଡ଼ିଆ କଳା, ସଂସ୍କୃତି ତଥା ନାରୀତ୍ୱକୁ ସବୁବେଳେ ଅଗ୍ରାଧିକାର ଦେଇ ଆସିଛି ଓ ସେହି ପରିପ୍ରେକ୍ଷିରେ ଆସନ୍ତା ଜୁଲାଇ ୨୭ ତାରିଖ ସନ୍ଧ୍ୟା ୭:୩୦ ମିନିଟରେ ଜୀ ସାର୍ଥକରେ ପ୍ରସାରିତ ହେବାକୁ ଯାଉଛି ବହୁ ପ୍ରତୀକ୍ଷିତ ନୂଆ ମେଗା ଧାରାବାହିକ 'ଶ୍ରାବଣୀ'। ଏହା ଏପରି ଦୁଇଜଣ ମହିଳାଙ୍କ ଜୀବନ କାହାଣୀ ଉପରେ ଆଧାରିତ, ଯେଉଁମାନଙ୍କ ଚିନ୍ତାଧାରା ଓ ପୃଷ୍ଠଭୂମି ସମ୍ପୂର୍ଣ୍ଣ ଅଲଗା। ଏହି କାହାଣୀର ମୁଖ୍ୟ ଆକର୍ଷଣ ହେଉଛନ୍ତି ଗୋଟିଏ ସାଧାରଣ ପରିବାରରୁ ଆସିଥିବା ସ୍ନେହୀ ତଥା ସାହସୀ ଝିଅ 'ଶ୍ରାବଣୀ' ଏବଂ କ୍ଷମତାଶାଳୀ, କଠୋର ନିୟମରେ ଓ ଅନୁଶାସନରେ ବନ୍ଧା ତ୍ରିପାଠୀ ପରିବାରର ମୁଖ୍ୟ 'ରାଜେଶ୍ୱରୀ ଦେବୀ'। ଯେତେବେଳେ ଶ୍ରାବଣୀ ତ୍ରିପାଠୀ ପରିବାରରେ ପାଦ ରଖେ, ତା'ର ସରଳତା ଓ ମାନବିକତା ରାଜେଶ୍ୱରୀ ଦେବୀଙ୍କ କଠୋର ଆଭିମୁଖ୍ୟକୁ କ'ଣ ବଦଳାଇ ପାରିବ? ଏହି ଦୁଇ ମହିଳାଙ୍କ ମଧ୍ୟରେ ଏକ ସେତୁ ସାଜିଛନ୍ତି 'ସାଗର', ଯିଏ ନିଜ ମା'ଙ୍କ ପ୍ରତି ଅତୁଟ ବିଶ୍ୱାସ ରଖିବା ସହ ଶ୍ରାବଣୀର ନିଷ୍କପଟତା ପ୍ରତି ଆକୃଷ୍ଟ ହୁଅନ୍ତି। ପାରିବାରିକ ରାଜନୀତି ଏବଂ ଏକ ନିଆରା ପ୍ରେମ କାହାଣୀ ଭିତରେ, ଶ୍ରାବଣୀ ପ୍ରମାଣ କରିବ ଯେ ପ୍ରକୃତ ଶକ୍ତି ଅହଙ୍କାର ବା କ୍ଷମତାରେ ନୁହେଁ, ବରଂ ନିଃସ୍ୱାର୍ଥପର ଭଲପାଇବା ଓ ମାନବିକତାରେ ଥାଏ। ଏହି ମେଗା ସିରିଏଲରେ ମୁଖ୍ୟ ଭୂମିକା ଅର୍ଥାତ ଶ୍ରାବଣୀ ଚରିତ୍ରରେ ସୋନାଲି ଚୌଧୁରୀ, ସାଗର ଭୂମିକାରେ ଜ୍ୟୋତି ରଞ୍ଜନ ଏବଂ ରାଜେଶ୍ୱରୀ ଦେବୀ ଚରିତ୍ରରେ ନୀତୁ ସିଂହ ଅଭିନୟ କରୁଛନ୍ତି। ଏହି ନୂତନ ଧାରାବାହିକ ସମ୍ପର୍କରେ ଜୀ ସାର୍ଥକର ଚିଫ୍ ଚ୍ୟାନେଲ୍ ଅଫିସର ଶ୍ରୀ ରାହୁଲ ରାଓ ଦର୍ଶକମାନଙ୍କୁ ଏକ ବିଶେଷ ଅନୁରୋଧ କରିଛନ୍ତି। ସେ କହିଛନ୍ତି, 'ଶ୍ରାବଣୀ କେବଳ ଏକ ଧାରାବାହିକ ନୁହେଁ, ଏହା ଏକ ପରିବର୍ତ୍ତନର କାହାଣୀ। ଗୋଟିଏ ସାଧାରଣ ଝିଅ କିପରି ନିଜର ଭଲପାଇବା ଓ ଦୟାଭାବ ଦ୍ୱାରା ଗୋଟିଏ ବିରାଟ ଓ ପ୍ରଭାବଶାଳୀ ପରିବାରର ହୃଦୟ ଜିଣିପାରେ, ତାହା ଏଥିରେ ଦର୍ଶାଯାଇଛି। ମୋର ଦୃଢ଼ ବିଶ୍ୱାସ, ଆମ ଓଡ଼ିଶାର ଦର୍ଶକମାନେ ଏହି କାହାଣୀକୁ ନିଶ୍ଚୟ ଆଦୃତ କରିବେ। ଆସନ୍ତା ୨୭ ଜୁଲାଇରୁ ପ୍ରତିଦିନ ସନ୍ଧ୍ୟା ୭:୩୦ରେ କେବଳ ଜୀ ସାର୍ଥକରେ ସପରିବାର ଏହି ଧାରାବାହିକଟିକୁ ଦେଖିବାକୁ ମୁଁ ସମସ୍ତଙ୍କୁ ଆନ୍ତରିକ ଅନୁରୋଧ କରୁଛି।'

# ଜଳେଶ୍ୱର ଷ୍ଟେସନ ନିର୍ମାଣ ଓ ଭିତ୍ତିପ୍ରସ୍ତର ସ୍ଥାପନର ୪ ବର୍ଷ ପରେ ବି ନକ୍ସା ପରିବର୍ତ୍ତନକୁ ନେଇ ଅସନ୍ତୋଷ



ଜଳେଶ୍ୱର, ୨୧/୭ (ନି.ପ୍ର): ଦକ୍ଷିଣ ପୂର୍ବ ରେଳପଥର ଓଡ଼ିଶାର ପ୍ରବେଶ ଦ୍ୱାର ଷ୍ଟେସନ ରୂପେ ଜଳେଶ୍ୱରକୁ ବୁଝାଏ ।ବାଲେଶ୍ୱର ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ଷ୍ଟେସନ ପ୍ରତି ଏବେ ରେଳ କର୍ତ୍ତୃପକ୍ଷଙ୍କ ଅବହେଳା ଦିନକୁ ଦିନ ସ୍ପଷ୍ଟ ବାରି ହେଉଛି। ବାଲେଶ୍ୱର ଜିଲ୍ଲାର ପୂର୍ବତନ ଜିଲ୍ଲାପାଳ ତଥା ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଦ୍ୱାରା ଗତ ୭/୧/୨୨ ତାରିଖରେ ଅପ୍ ଲାଇନ୍ ପାର୍ଶ୍ୱରେ ଏକ ନୂତନ ଷ୍ଟେସନ ବିଲ୍ଡିଙ୍ଗ ନିର୍ମାଣ ପାଇଁ ଶ୍ରୀ ବୈଷ୍ଣବ ସେଦିନ ସନ୍ଧ୍ୟା ୬ ଘଟିକା ସମୟରେ ଜଳେଶ୍ୱରରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।ପରେ ସେଠାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ,ଦକ୍ଷିଣ ପୂର୍ବ ରେଳବାଇର ଜି.ଏମ୍ ଅର୍ଚ୍ଚନା ଯୋଶୀ ଓ ଖଡଗପୁର ଡିଭିଜନର ଡି.ଆର.ଏମ୍ ମନୋରଞ୍ଜନ ପ୍ରଧାନ ଓ ଅନ୍ୟ ଲୋକ ପ୍ରତିନିଧି ମାନଙ୍କ ଉପସ୍ଥିତିରେ ଏସ.ଇ.ଆର/କନ/ଅର୍ଗାନାଇଜେସନ୍/ଏଚ.କ୍ୟୁ/ଟେଣ୍ଡର/୪୧୩୪/୭୧୦୫ ତାରିଖ ୨୧/୧୧/୨୦୧୯ ଅନୁଯାୟୀ ପ୍ରାୟ ୮ କୋଟି ଟଙ୍କା ମୂଲ୍ୟରେ ଏକ ନୂତନ ବିଲ୍ଡିଙ୍ଗ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତଦନୁଯାୟୀ ୨ଟି ଲିଫ୍ଟ ନିର୍ମାଣ,ଫୁଟ ଓଭରବ୍ରିଜକୁ ଅପର ପାର୍ଶ୍ୱକୁ ସମ୍ପ୍ରସାରଣ କରିବା,ପ୍ଲାଟ ଫର୍ମ ଗୁଡ଼ିକ ଉଚ୍ଚତା କରିବା ସହିତ ସମ୍ପ୍ରସାରଣ କରିବା ଓ ସି.ସି.ଟି.ଭି କ୍ୟାମେରା ବ୍ୟବସ୍ଥା ସହିତ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ପାର୍ସେଲ ଅଫିସ,କ୍ଲୋକ ରୁମ୍,ଷ୍ଟୋର,ପେ ଏଣ୍ଡ ୟୁଜ ଟଏଲେଟ୍,ପ୍ୟାନେଲ ରୁମ୍ ପ୍ରଭୃତି କରାଯିବା ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ଆୟୋଜିତ ଉତ୍ସବରେ ଘୋଷଣା କରଯାଇଥିଲା। ପରବର୍ତ୍ତୀ ସମୟରେ ରେଳ ବିଭାଗର ଉଚ୍ଚ ଅଧିକାରୀ ମାନେ ଜଳେଶ୍ୱରକୁ ଆସି ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ ।ମାତ୍ର ଏବେ ଦୀର୍ଘ ୪ ବର୍ଷ ବିତି ଯାଇଥିଲେ ମଧ ଅପ୍ ଲାଇନ୍ ନିକଟରେ ତୃତୀୟ ରେଳ ଲାଇନ୍ ନିର୍ମାଣ କାର୍ଯ୍ୟ ଆଳ ଦେଖାଇ ଉକ୍ତ ନକ୍ସାକୁ ପରିବର୍ତ୍ତନ କରାଯାଇ ନିର୍ଦ୍ଧାରିତ ସ୍ଥାନ ବଦଳରେ ନୂତନ ବିଲ୍ଡିଙ୍ଗ ନିର୍ମାଣ କାର୍ଯ୍ୟକୁ ପୁରୁଣା ଷ୍ଟେସନ ନିକଟରେ ଥିବା ସ୍ୱଳ୍ପ ସ୍ଥାନରେ ଆରମ୍ଭ କରାଯାଇଥିଲା ।କେନ୍ଦ୍ର ରେଳ ମନ୍ତ୍ରୀଙ୍କ ଦ୍ୱାରା ଶୁଭ ଦିଆ ଯାଇଥିବା ଭିତ୍ତି ପ୍ରସ୍ତର କାର୍ଯ୍ୟକୁ କାହାର ଚକ୍ରାନ୍ତ ବଳରେ ପୁରୁଣା ଷ୍ଟେସନ ନିକଟରେ ଦୀର୍ଘ ୪ ବର୍ଷ ଧରି କରାଯିବା ଘଟଣା ଜଳେଶ୍ୱର ବାସୀଙ୍କୁ ଦୁଃଖିତ ଓ ମର୍ମାହତ କରିଛି ।ଯେଉଁ ଲକ୍ଷ୍ୟ ନେଇ ଜଳେଶ୍ୱର ଷ୍ଟେସନର ଅପର ପାର୍ଶ୍ୱରେ ପ୍ରାୟ ୫୦,୦୦୦ ଜନସାଧାରଣଙ୍କୁ ସୁବିଧା ଯୋଗାଇ ଦେବା ପାଇଁ ରେଳ ମନ୍ତ୍ରୀ ଶ୍ରୀ ବୈଷ୍ଣବ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର କରିଥିଲେ ।ମାନ୍ୟବର ମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିବା ଶିଳାନ୍ୟାସ ଫଳକ ମଧ ଏବେ ଷ୍ଟେସନ ନିକଟରେ ଦେଖା ଯାଉନାହିଁ ।ଏହି ଅଭିଯୋଗ ସମ୍ପର୍କରେ ଜଳେଶ୍ୱର ଷ୍ଟେସନ ମ୍ୟାନେଜର ଚନ୍ଦନ କୁମାର ସିଂ ଙ୍କୁ ଯୋଗାଯୋଗ କରିବାରୁ ସେ ଏପରି କୌଣସି ପ୍ରକଳ୍ପ ସମ୍ପର୍କରେ ଜାଣି ନାହାନ୍ତି କିମ୍ବା ତାଙ୍କ କାର୍ଯ୍ୟାଳୟରେ ମଧ କୌଣସି ରେକର୍ଡ ଉପଲବ୍ଧ ନାହିଁ ବୋଲି କହିଥିଲେ ।ମାତ୍ର ରେଳ ମନ୍ତ୍ରୀଙ୍କ ଦ୍ୱାରା ଦିଆ ଯାଇଥିବା ଭିତ୍ତି ପ୍ରସ୍ତର କାର୍ଯ୍ୟକୁ ଯଦି ଏପରି ଅବହେଳା କରାଯାଏ,ତେବେ ଅନ୍ୟ କାର୍ଯ୍ୟ କିପରି ହେଉଥିବ ତାହା ସହଜରେ ଅନୁମେୟ ବୋଲି ଚର୍ଚ୍ଚା ହେଉଛି ।ତେଣୁ ଏହି ଅଭିଯୋଗ ସମ୍ପର୍କରେ ରେଳ ମନ୍ତ୍ରୀ ଓ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ କରି ଜନସାଧରଣଙ୍କୁ ସବିଶେଷ ତଥ୍ୟ ପ୍ରଦାନ କରିବା ସଙ୍ଗେ ଅପ ଲାଇନ୍ ନିକଟରେ ଏକ ବୁକିଂ କାଉଣ୍ଟର ଓ ଫୁଟ୍ ଓଭରବ୍ରିଜ୍ ସମ୍ପ୍ରସାରଣ କରିବା ପାଇଁ ଜଳେଶ୍ୱର ରେଳ ୟୁଜର୍ସ୍ କମିଟି ସଭାପତି ସୁକୁମାର ରଣା,ଉପ ସଭାପତି ଅମର ନାଥ ଘୋଷାଲ,ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ପାତ୍ର,ସହ ସମ୍ପାଦକ ବିଷ୍ଣୁପଦ ସେନାପତି,କୋଷାଧ୍ୟକ୍ଷ ଲୋକନାଥ ଧର,ସଭ୍ୟ ଅଶୋକ କୁମାର ମହାନ୍ତି ,ପ୍ରତାପ ଚନ୍ଦ୍ର ନନ୍ଦୀ,ମନ୍ମଥ ରଣା,ସଭ୍ୟା ଆରତୀ ଦାସ ଏବଂ ଜଳେଶ୍ୱର ଡେଭଲେପମେଣ୍ଟ କମିଟି ସଭାପତି ଇ.ରତ୍ନାକର ରାୟଙ୍କ ସମେତ ଅନେକ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ମାନେ ଦାବୀ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଭିଜିଲାନ୍ସ ଜାଲରେ ...

ଗରିବ ହିତାଧିକାରୀ ଜଣକ ଏତେ ପରିମାଣର ଟଙ୍କା ଦେଇନପାରିବାରୁ ତାଙ୍କର ଶେଷ ବିଲ୍ ଅଟକ ରହିଥିଲା ଏବଂ ତାଙ୍କୁ ବାରମ୍ବାର ହଇରାଣ କରାଯାଉଥିଲା । ଶେଷରେ କୌଣସି ଉପାୟ ନ ପାଇ ନ୍ୟାୟ ପାଇଁ ହିତାଧିକାରୀ ଗୋଲୀ ମଲ୍ଲିକ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ ଏବଂ ଏନେଇ ଏକ ଅଭିଯୋଗ କରିଥିଲେ । ଭିଜିଲାନ୍ସ ଅଧିକାରୀଙ୍କ ପୂର୍ବ ଯୋଜନା ଅନୁଯାୟୀ, ଗୋଲୀ ମଲ୍ଲିକ ପିଇଓ ପ୍ରଫୁଲ୍ଲଙ୍କ ସହ କଥା ହୋଇ ପ୍ରଥମ କିସ୍ତି ବାବଦକୁ ୫ ହଜାର ଟଙ୍କା ଦେବା ପାଇଁ ତାଙ୍କୁ ପାଣିକୋଇଲି ଛକକୁ ଡାକିଥିଲେ । ଯୋଜନା ମୁତାବକ, ଯେତେବେଳେ ପିଇଓ ପ୍ରଫୁଲ୍ଲ କୁମାର ନାଥ ହିତାଧିକାରୀଙ୍କଠାରୁ ଲାଞ୍ଚ ଟଙ୍କା ଗ୍ରହଣ କରୁଥିଲେ, ସେଠାରେ ପୂର୍ବରୁ ପ୍ରସ୍ତୁତ ରହିଥିବା ଭିଜିଲାନ୍ସ ଟିମ୍ ଚଢ଼ାଉ କରି ତାଙ୍କୁ କାବୁ କରିଥିଲେ । ଭିଜିଲାନ୍ସ ବିଭାଗ ପକ୍ଷରୁ ଲାଞ୍ଚ ଟଙ୍କା ଜବତ କରାଯିବା ସହ ପିଇଓଙ୍କୁ ଗିରଫ କରାଯାଇଛି ଏବଂ ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଛି ।

### ଇସ୍ତଫା ଦିଅନ୍ତୁ ....

ଦିଲ୍ଲୀ ସ୍ଥିତ ବାସଭବନରେ ବସିଥିବା ଏହି ବୈଠକରେ ରାଜ୍ୟର ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି, ଆଗାମୀ ସଂସଦୀୟ ରଣନୀତି ଏବଂ ବିଭିନ୍ନ ଜାତୀୟ ତଥା ସଂସଦୀୟ ପ୍ରସଙ୍ଗଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଦେଶବ୍ୟାପୀ ଚର୍ଚ୍ଚାରେ ଥିବା ଶିକ୍ଷାଗତ ଏବଂ ପ୍ରଶାସନିକ ବିବାଦକୁ ନେଇ କେନ୍ଦ୍ର ସରକାରଙ୍କୁ ଘେରିବା ପାଇଁ ବିଜେଡି ଏକ ସ୍ପଷ୍ଟ ରଣନୀତି ପ୍ରସ୍ତୁତ କରୁଥିବା ଜଣାପଡ଼ିଛି । ବିଶେଷ କରି ଶିକ୍ଷାମନ୍ତ୍ରାଳୟ ଅଧୀନରେ ଘଟିଥିବା ବିଭିନ୍ନ ଅନିୟମିତତା ପ୍ରସଙ୍ଗକୁ ଆଧାର କରି ଦଳ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରିବ ବୋଲି ସୂଚନା ମିଳିଛି । ନବୀନ ପଟ୍ଟନାୟକଙ୍କ ଏହି ଦାବି ପରେ ରାଜଧାନୀ ଦିଲ୍ଲୀଠାରୁ ଆରମ୍ଭ କରି ଭୁବନେଶ୍ୱର ପର୍ଯ୍ୟନ୍ତ ରାଜନୈତିକ ମହଲରେ ତଥା ଗଣମାଧ୍ୟମରେ ଏହା ଏକ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି । ଏହି ପ୍ରସଙ୍ଗ ଆଗାମୀ ଦିନରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ ରାଜନୈତିକ ସଂଘର୍ଷକୁ ଆହୁରି ତୀବ୍ରତର କରିବ ବୋଲି ଆଶଙ୍କା କରାଯାଉଛି ।

### ଚକମା ଦେଲା କଂଗ୍ରେସ...

ଦାବି ରହିଛି ବୋଲି କହୁଛନ୍ତି। ପ୍ରଥମ ଦାବି ସଂସଦରେ ନିଟ୍ ପ୍ରସଙ୍ଗରେ ଆଲୋଚନା ଏବଂ ଦ୍ୱିତୀୟ ଦାବି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା। ଆନ୍ଦୋଳନସ୍ଥଳରେ କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନ ମଧ ପହଞ୍ଚି ଉକ୍ତ ସ୍ଥାନ ଆନ୍ଦୋଳନ ପାଇଁ ଉପଯୁକ୍ତ ନୁହେଁ ବୋଲି କହିଥିଲେ। ଏହାର ଉତ୍ତରରେ ରାହୁଲ କହିଥିଲେ ମୁଁ ଯେଉଁଠି ଚାହିବି ସେଠାରେ ବସି ପାରିବି। ଧାରଣାସ୍ଥଳରେ କଂଗ୍ରେସ ନେତାମାନେ ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ସ୍ଲୋଗାନ ଦେଇଥିଲେ। ଧାରଣା ଚାଲିଥିବାବେଳେ ପୁଲିସ ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂହ ଚନ୍ନି, କଂଗ୍ରେସ ନେତା କହ୍ନେୟା କୁମାରଙ୍କ ସମେତ ଅନ୍ୟ ନେତାଙ୍କୁ ବସ୍ ଭିତରକୁ ନେଇଯାଇଥିଲେ। କଂଗ୍ରେସର ଏହି ପ୍ରଦର୍ଶନ ଅତ୍ୟନ୍ତ ଗୋପନୀୟ ରଖାଯାଇଥିଲା। ରାହୁଲଙ୍କ ସମେତ ସବୁ ନେତା ଦଳର ଅଧକ୍ଷ ଖଡ଼ଗେଙ୍କ ଘରୁ ଧାରଣା ସ୍ଥଳ ପର୍ଯ୍ୟନ୍ତ ଚାଲିଚାଲି ଆସିଥିଲେ। ଧାରଣା ସ୍ଥଳରେ ରାହୁଲ ଓ ଖଡ଼ଗେ ହାତକୁ ଧଳା ଦଉଡ଼ିରେ ବାନ୍ଧିଥିବା ଦେଖାଯାଇଥିଲା। ଆଜି ଥିଲା କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ଜନ୍ମଦିନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କଠାରୁ ଆରମ୍ଭ କରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଭଳି ନେତାମାନେ ତାଙ୍କୁ ସାମାଜିକ ଗଣମାଧ୍ୟମରେ ଜନ୍ମଦିନ ଶୁଭେଚ୍ଛା ଜଣାଇଥିଲେ। କିନ୍ତୁ ଛାତ୍ର ଓ ପ୍ରଦର୍ଶନକାରୀଙ୍କ ଉପରେ ହୋଇଥିବା ଲାଠିମାଡ଼କୁ ବିରୋଧ କରି ଜନ୍ମଦିନ ପାଳନ କରିବେ ନାହିଁ ବୋଲି ଖଡ଼ଗେ ତୁରନ୍ତ ଘୋଷଣା କରିଥିଲେ। ଦିପହରରେ ରାହୁଲ, ପ୍ରିୟଙ୍କାଙ୍କ ସମେତ ଅନ୍ୟ ନେତାମାନେ ଖଡ଼ଗେଙ୍କ ସରକାରୀ ବାସଭବନରେ ପହଞ୍ଚିଥିଲେ। ସୁରକ୍ଷା କର୍ମୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଧରି ନେଇଥିଲେ ଯେ ଖଡ଼ଗେଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇବା ପାଇଁ କଂଗ୍ରେସ ନେତାମାନେ ତାଙ୍କ ବାସଭବନରେ ଏକାଠି ହୋଇଛନ୍ତି। ଖଡ଼ଗେଙ୍କ ବାସଭବନରୁ ପ୍ରଧାନମନ୍ତ୍ରୀଙ୍କ ବାସଭବନର ଦୂରତା କେବଳ ୧ କିଲୋମିଟର। ଖଡ଼ଗେଙ୍କ ବାସଭବନରେ ବୈଠକ ସରିବା ପରେ ନେତାମାନେ ଗାଡ଼ିରେ ବସିବା ପରିବର୍ତ୍ତେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଚାଲିବା ଆରମ୍ଭ କରିଦେଇଥିଲେ। ଦିଲ୍ଲୀ ପୁଲିସ ଅଟକାଇବା ଓ ବ୍ୟାରିକେଡ ଲଗାଇବା ବେଳକୁ ସେମାନେ ପ୍ରଧାନମନ୍ତ୍ରୀଙ୍କ ବାସଭବନର ନିକଟତର ହୋଇଯାଇଥିଲେ। ରାହୁଲ ଗାନ୍ଧୀ ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି ? ଯେ, ଛାତ୍ରଙ୍କ ଉପରେ ଆକ୍ରମଣ ଅର୍ଥ ପ୍ରତି ଭାରତୀୟଙ୍କ ପରିବାର ଉପରେ ଆକ୍ରମଣ। ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଲାଗୁଛି ବିନା ଜବାବରେ ଓ ପରିଣାମର ସାମନା ନ କରି ସେ ଖସିଯିବେ। କିନ୍ତୁ ସେ ଏହା କରିପାରିବେ ନାହିଁ, ଏଥର ବିଲକୁଲ ନୁହେଁ ବୋଲି ରାହୁଲ କହିଛନ୍ତି। ଛାତ୍ରଙ୍କୁ ନ୍ୟାୟ ମିଳିବା ଆବଶ୍ୟକ ବୋଲି ଯେଉଁ ଛାତ୍ରମାନେ ଅନୁଭବ କରୁଛନ୍ତି ସେହି ଦେଶଭକ୍ତମାନଙ୍କୁ ମୁଁ ଆହ୍ୱାନ କରୁଛି ପ୍ରଧାନମନ୍ତ୍ରୀଙ୍କ ବାସଭବନ ବାହାରେ ଆମ ସହ ଧାରଣାରେ ସାମିଲ ହୁଅନ୍ତୁ। ଆନ୍ଦୋଳନ ସ୍ଥଳକୁ ଖାଲି କରିବା ପାଇଁ ସୁରକ୍ଷା କର୍ମୀମାନେ ପହଞ୍ଚିବା ପରେ ଦିଲ୍ଲୀ ପୁଲିସ ରାହୁଲ ଗାନ୍ଧୀ, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଓ ଅନ୍ୟ ? ନେତାମାନଙ୍କୁ ସେଠାରୁ ବଳପୂର୍ବକ ଉଠାଇ ନେଇଥିଲା। ରାହୁଲଙ୍କୁ ଉଠାଇ ନିଆଯିବା ସମୟରେ ଦେଶରେ ଏବେ ଗଣତନ୍ତ୍ର ଚାଲିଛି କି ବୋଲି ସେ କହିଥିଲେ। ଏଥିସହିତ ରାହୁଲଙ୍କ ନାକରୁ ରକ୍ତ ବାହାରିବା କେତେକ ଫଟୋରୁ ଦେଖିବାକୁ ମିଳିଥିଲା। ଦିଲ୍ଲୀ ପୁଲିସ ରାହୁଲଙ୍କ ସମେତ ଅନ୍ୟ ସାଂସଦ, ଦଳୀୟ ନେତା ଓ କର୍ମୀମାନଙ୍କୁ ଅଟକ ରଖିଥିଲା। ଦିଲ୍ଲୀର ଲୋକ କଲ୍ୟାଣ ମାର୍ଗରେ ଧାରଣା ପାଇଁ ଅନୁମତି ଦିଆଯାଇ ନ ଥାଏ। ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଅନ୍ୟ ଭିଭିଆଇପିମାନେ ଏଠାରେ ରହୁଥିବାରୁ ଏହା ଅତ୍ୟନ୍ତ ସମ୍ବେଦନଶୀଳ ଅଞ୍ଚଳ। ଏହି ଅଞ୍ଚଳରେ ବିଏନ୍‌ଏସ୍‌ର ଧାରା ୧୬୩ ଲାଗିଥାଏ। ଫଳରେ ୫ କିମ୍ବା ତା'ଠାରୁ ଅଧିକ ଲୋକଙ୍କୁ ଏକତ୍ରିତ ହେବା କିମ୍ବା ଆନ୍ଦୋଳନ କରିବା ଉପରେ କଟକଣା ରହିଛି।

### ମୌସୁମୀ ଅଧିବେଶନର....

ଗତକାଲି ମଧ ଗୃହରେ କୌଣସି କାର୍ଯ୍ୟ ହୋଇନଥିଲା। ବିରୋଧୀ ଦଳ ନେତାମାନେ ଏଭଳି କରି ଜନସାଧାରଣଙ୍କ କଷ୍ଟ-ଅର୍ଜିତ ଅର୍ଥକୁ ନଷ୍ଟ କରୁଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଆଜି ମୌସୁମୀ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ଅନ୍ୟ କିଛି ବିରୋଧୀ ସାଂସଦ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଭେଟିଥିଲେ ଏବଂ ଗତକାଲି ସିଜେପି ଆନ୍ଦୋଳନ ସମୟରେ ଛାତ୍ରଙ୍କ ଉପରେ ପୁଲିସ ବର୍ବରତା ଉପରେ ଗୃହରେ ଆଲୋଚନା ପାଇଁ ଅନୁମତି ଦେବାକୁ ଅନୁରୋଧ କରିଥିଲେ। କିନ୍ତୁ ବାଚସ୍ପତି ଏଥିପାଇଁ ଅନୁମତି ଦେଇନଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ରାଜ୍ୟସଭାରେ ଆଜି ଆପ୍ ସାଂସଦ ସଞ୍ଜୟ ସିଂହଙ୍କ ସମେତ ଅନ୍ୟମାନେ ସଂସଦ ଭବନ ପରିସର ବାହାରେ ପୁଲିସ କାର୍ଯ୍ୟାନୁଷ୍ଠାନ ବିରୋଧରେ ସ୍ଲୋଗାନ ଦେଇଥିଲେ।

### ରାଜ୍ୟରେ ସାର ସଙ୍କଟ ....

ସରକାର ନିଷ୍ପତ୍ତି କରିଥିଲେ ମାର୍କଫେଡ ତରଫରୁ ସବୁ ସୋସାଇଟି ଜରିଆରେ ଚାଷୀଙ୍କୁ ୬୦ ପ୍ରତିଶତ ସାର ଯୋଗାଇ ଦିଆଯିବ । କିନ୍ତୁ ଏବେ ଫଳ ଓଲଟା । ବହୁ ସୋସାଇଟରେ ତାଲା ଝୁଲୁଛି । ଆଧାର କାର୍ଡ ସହିତ ବିଧିବଧ ପ୍ରମାଣପତ୍ର ନ ଦେଖାଇଲେ ଚାଷୀ ସାର ପାଉନାହିଁ । ସମବାୟ ମନ୍ତ୍ରୀ ଚାଷୀଙ୍କ ବାସ୍ତବ ସମସ୍ୟାକୁ ଗମ୍ଭୀରତା ସହିତ ବିଚାରକୁ ନେଇ ଚାଷୀ କିପରି ଆବଶ୍ୟକ ମୁତାବକ ସାର ନିର୍ଦ୍ଧାରିତ ସମୟ ଓ ନିର୍ଦ୍ଧାରିତ ମୂଲ୍ୟରେ ପାଇ ପାରିବେ ସେ ଦିଗରେ ଉଦ୍ୟମ କରନ୍ତୁ ବୋଲି କଂଗ୍ରେସ ନେତୃବୃନ୍ଦ ଦାବୀ କରିଛନ୍ତି । ଯଦି ସରକାର ଅବିଳମ୍ବେ ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ ଠିକଣା ସମୟରେ ଚାଷୀଙ୍କୁ ସାର ଯୋଗାଇ ପାରିବେ ନାହିଁ କଂଗ୍ରେସ ଦଳ ତରଫରୁ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନ କ୍ରମେ ସାରା ରାଜ୍ୟରେ ଚାଷୀ ଆନ୍ଦୋଳନ ପ୍ରତି ପଞ୍ଚାତୟସ୍ତରରେ ଦୁର୍ବାର କରାଯିବ ବୋଲି ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ ଉଭୟ ସରକାରଙ୍କୁ ଦୃଢ଼ ଚେତାବନୀ ଦେଇଛନ୍ତି

# ଜଳେଶ୍ୱର ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ନାମରେ ଓଡ଼ିଶାର ୨ୟ ଡିଜିଟାଲ ହୁଣ୍ଡି ଉଦ୍‌ଘାଟିତ

ଜଳେଶ୍ୱର, ୨୧/୭ (ନି.ପ୍ର): ଜଳେଶ୍ୱର ପୁରୁଣା ବଜାର ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରାଯାଇଛି । ଷ୍ଟେଟ ବ୍ୟାଙ୍କ ଜଳେଶ୍ୱର ଶାଖାର ସହାୟତାରେ ଟ୍ରଷ୍ଟ ନାମରେ ଓଡ଼ିଶାର ୨ୟ ଡିଜିଟାଲ ହୁଣ୍ଡି ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ଗତ ୨୦ ତାରିଖ ସନ୍ଧ୍ୟା ୭ ଘଟିକା ସମୟରେ ମାଉସୀ ମା' ମନ୍ଦିର ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଷ୍ଟେଟ ବ୍ୟାଙ୍କ ଜଳେଶ୍ୱର ଶାଖା ପ୍ରବନ୍ଧକ ପ୍ରଦୀପ ମହାନ୍ତି ଏହି ଡିଜିଟାଲ ହୁଣ୍ଡିର ଶୁଭ ଉଦଘାଟନ କରିଥିଲେ। ମୁଖ୍ୟ ଟ୍ରଷ୍ଟି କାଉନସିଲର ଚନ୍ଦନ ଦାସଙ୍କ ଅଧକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଡିଜିଟାଲ ସେବା ଦ୍ୱାରା ଶ୍ରଦ୍ଧାଳୁମାନେ ସହଜ, ସୁରକ୍ଷିତ ଓ ସ୍ୱଚ୍ଛ ଭାବେ ମନ୍ଦିର ଟ୍ରଷ୍ଟକୁ ଦାନ ବା ପ୍ରଣାମୀ ପ୍ରଦାନ କରିପାରିବେ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ଏହି ଉଦଘାଟନୀ ଉତ୍ସବରେ ଅନ୍ୟତମ ଅତିଥି ଭାବେ ବ୍ୟାଙ୍କ ଫିଲ୍ଡ ଅଫିସର ନଳିନୀ ମହାନ୍ତି,ଚାଟାର୍ଡ ଆକାଉଣ୍ଟାଣ୍ଟ ଚିତ୍ତ ରଞ୍ଜନ ସାହୁ, କାଉନସିଲର ଗୋବିନ୍ଦ ଚନ୍ଦ୍ର ସାହୁ,ବରିଷ୍ଠ ଆଇନଜୀବୀ ଜିତାଂଶୁ ନନ୍ଦୀ,ସମାଜସେବୀ ଦିଲ୍ଲୀପ ଗିରି, ଡ.ଅଜିତ କୁମାର ମହାନ୍ତି ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାସହିତ ମନ୍ଦିର ଟ୍ରଷ୍ଟି ସମୀର କୁମାର ପାତ୍ର,ନୀଳାଦ୍ରି କର,ଆନନ୍ଦ କର,ନିହାର ରଞ୍ଜନ ଖୁଣ୍ଟିଆ, ସୁପ୍ରିୟ ରଞ୍ଜନ ଜେନା ଓ ଅମର କୁମାର ବେହେରା ପ୍ରମୁଖ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ଶେଷରେ ଟ୍ରଷ୍ଟି ସମୀର କୁମାର ପାତ୍ର ଉପସ୍ଥିତ ସମସ୍ତ ଅତିଥି, ବ୍ୟାଙ୍କ କର୍ମଚାରୀ ଓ ଶ୍ରଦ୍ଧାଳୁଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜବର ଦଖଲରେ ସରକାରୀ ବସଷ୍ଟାଣ୍ଡ

ବାଲିଆପାଳ , ୨୧/୭ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଭୋଗ ପଞ୍ଚାୟତରେ ଥିବା ଦାନ୍ତୁଣିଦା ଛକ ନିକଟରେ ୨୦୧୯ ମସିହାରେ ତତ୍କାଳୀନ ଓଡ଼ିଶା ସରକାରଙ୍କ ଦ୍ୱାରା ବିଶ୍ରାମ ଗାର ଗୃହ ନିର୍ମାଣ ହୋଇଥିଲା। ମାତ୍ର ସେତେବେଳେର କାର୍ଯ୍ୟରତ ଜିପିଟିଏ ଏବଂ ଜେଇ ରାଜନୈତିକ ଚାପରେ ଆସି ଉକ୍ତ ବିଶ୍ରାମ ଗାରକୁ ଛୋଟ ଛୋଟ ଦୁଇଟି କୋଠରିରେ ବିଭକ୍ତ କରିଥିଲେ। ଜନସାଧାରଣଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଗ୍ରାମବାସୀମାନେ ତତ୍କାଳୀନ ବିଡିଓଙ୍କୁ ଅଭିଯୋଗ କରିଥିଲେ ମଧ ଏଯାବତ ବିଶ୍ରାମ ଗାର ମଝିରେ ଦିଆ ଯାଇଥିବା କାନ୍ଥ ସେମିତି ରହିଛି। ଇତି ଅବସରରେ ଗତ ୧୩ ତାରିଖରେ ଗୋପୀନାଥ ଦଳାଇ ନାମକ ଜଣେ ବ୍ୟକ୍ତି ବିଶ୍ରାମ ଗାରର ତାଜାକୁ ମେସିନ ଲଗାଇ ଭାଙ୍ଗି ଦେଇଛନ୍ତି। ଗ୍ରାମବାସୀ ବିରୋଧ କରିବା ପରେ ସ୍ଥାନୀୟ ସରପଞ୍ଚଙ୍କ ନିର୍ଦ୍ଦେଶ କ୍ରମେ ଭଙ୍ଗା ଯାଉଛି ଏବଂ ସଟର ବସାଇ ଭଡା ଦିଆଯିବ ବୋଲି ଜାଣିବାକୁ ପାଇଥିଲେ। ଏନେଇ ସୋମବାର ଦାନ୍ତୁଣିଦା ଗ୍ରାମବାସୀ ବିଶ୍ରାମ ଗାରରୁ ଜବର ଦଖଲକାରୀଙ୍କୁ ହଟାଇବା ପାଇଁ ସୋମବାର ବାଲିଆପାଳ ବିଡିଓଙ୍କୁ ଏକ ପତ୍ର ପ୍ରଦାନ କରିବା ସହିତ ବାରମ୍ୱାର ଜନସାଧାରଣଙ୍କ ପାଇଁ ହୋଇଥିବା ବିଶ୍ରାମଗାରକୁ ହାତେଇବା ପାଇଁ ଚେଷ୍ଟା କରୁଥିବା ସରପଞ୍ଚଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ପୂର୍ବରୁ ହୋଇଥିବା ଦୁଇଟି କୋଠରିକୁ ଗୋଟିଏ କୋଠରୀ କରାଯାଉ ବୋଲି ମଧ ଦାବି କରିଛନ୍ତି। ଦାବି ପତ୍ର ଦେବା ସମୟରେ ପୂର୍ବତନ ସରପଞ୍ଚ ନରହରି ଜେନା,ରାମଚନ୍ଦ୍ର ରାଉତ,ଗୌରହରି ଦାସ , ଉମାକାନ୍ତ ଦଳାଇ , ବରେନ୍ଦ୍ର ଦଳାଇ, ପଙ୍କଜ କୁମାର ଦଳାଇ, ବାଞ୍ଛାନିଧି ଦଳାଇ, ଗୋପାଳ କୃଷ୍ଣ ଦାସ, ଅଜୟ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ। ଏ ବିଷୟରେ ବିଡିଓ ରାଧା ରଞ୍ଜନ ଦାଶଙ୍କୁ ପଚାରିବାରୁ କହିଛନ୍ତି ଏବେ ଭଙ୍ଗାରୁଜା କାର୍ଯ୍ୟ ବନ୍ଦ କରାଯାଇଛି, ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର ରଥଯାତ୍ରା ସ୍ୱତନ୍ତ୍ର ସେବା ଶିବିର




ବାରିପଦା , ୨୧/୭ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍.ଏସ୍.ଏସ୍.) ବ୍ୟୁରୋ ପକ୍ଷରୁ ରଥଯାତ୍ରା ଉପଲକ୍ଷେ 'ରଥଯାତ୍ରା ସ୍ୱତନ୍ତ୍ର ସେବା ଶିବିର-୨୦୨୬' ଆୟୋଜିତ ହୋଇଯାଇଛି । ଏହି ସେବା ଶିବିରକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଉଦ୍‌ଘାଟନ କରି ନିଜ ବକ୍ତବ୍ୟରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ରଥଯାତ୍ରାରେ ଏନ୍.ଏସ୍.ଏସ୍. ସ୍ୱେଚ୍ଛାସେବୀ ମାନଙ୍କର ନିଷ୍ଠାପର ସେବା ବିଶ୍ୱବିଦ୍ୟାଳୟ ପାଇଁ ଗର୍ବର ବିଷୟ ଏବଂ ସମାଜ ପାଇଁ ପ୍ରେରଣାଦାୟକ ବୋଲି କହିବା ସହ ଯୁବପିଢ଼ି ମଧ୍ୟରେ ସେବା, ସହଯୋଗ ଓ ସାମାଜିକ ଦାୟିତ୍ୱବୋଧ ଜାଗ୍ରତ କରିବାରେ ଏନ୍.ଏସ୍.ଏସ୍.ର ଭୂମିକା ଅତୁଳନୀୟ ବୋଲି ଅଭିହିତ କରିଥିଲେ । ଏହି ଶିବିରରେ ବିଶ୍ୱବିଦ୍ୟାଳୟର ଏନ୍.ଏସ୍.ଏସ୍. ପି.ଜି. ପୁରୁଷ ଓ ମହିଳା ୟୁନିଟ୍ ସମେତ ଏମ୍.ପି.ସି. କଲେଜ, ମହିଳା ମହାବିଦ୍ୟାଳୟ, ବାରିପଦା କଲେଜ, ଏମ୍.ସି.ଏ.ଏମ୍. କଲେଜ, ଏସ୍.ସି.ବି. କଲେଜ, ବି.ବି. କଲେଜ ଏବଂ ଶ୍ରୀମା ମହାବିଦ୍ୟାଳୟର ପ୍ରାୟ ୧୫୦ ଜଣ ସ୍ୱେଚ୍ଛାସେବୀ ଏନ୍.ଏସ୍.ଏସ୍.ର 'ନଟ୍ ମି ବଟ୍ ୟୁ' ଆଦର୍ଶକୁ ବାସ୍ତବ ରୂପ ଦେଇ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ସ୍ୱେଚ୍ଛାସେବୀମାନେ ରଥଯାତ୍ରା ସମୟରେ ଭିଡ଼ ନିୟନ୍ତ୍ରଣ, ପରିବେଶ ପରିଷ୍କାର, ଶ୍ରଦ୍ଧାଳୁଙ୍କୁ ମାର୍ଗଦର୍ଶନ, ଶୃଙ୍ଖଳା ରକ୍ଷା, ପାନୀୟ ଜଳ ବଣ୍ଟନ ଏବଂ ଆବଶ୍ୟକ ସ୍ଥଳରେ ଜିଲ୍ଲା ପ୍ରଶାସନ ଓ ପୁଲିସକୁ ସହଯୋଗ ପ୍ରଦାନ କରିଥିଲେ । ଏନ୍.ଏସ୍.ଏସ୍. ବ୍ୟୁରୋର ସଂଯୋଜକ ଡ଼. ପ୍ରିୟ ରଞ୍ଜନ ଦେବତାଙ୍କ ତତ୍ତ୍ୱାବଧାନରେ ପି.ଜି. ପୁରୁଷ ୟୁନିଟ୍‌ର କାର୍ଯ୍ୟକ୍ରମ ଅଧିକାରୀ ଡ଼. ଯତୀନ୍ଦ୍ରନାଥ ବେଶ୍ରା, ପି.ଜି. ମହିଳା ୟୁନିଟ୍‌ର କାର୍ଯ୍ୟକ୍ରମ ଅଧିକାରୀ ଡ଼. ପ୍ରିୟଙ୍କା ଦାସ ଏବଂ ଅଂଶଗ୍ରହଣକାରୀ ମହାବିଦ୍ୟାଳୟ ମାନଙ୍କର କାର୍ଯ୍ୟକ୍ରମ ଅଧିକାରୀ ଡ଼. ପ୍ରିୟବ୍ରତ ବେହେରା, ଶ୍ରୀମତୀ ରୂପାଲି ବିଶୋଇ, ସୁଶ୍ରୀ ନାୟକ, ଶ୍ରୀମତୀ ଯମୁନା ମାଝୀ, ଜ୍ୟୋତ୍ସ୍ନା ରାଣୀ ଦତ୍ତ, ସରୋଜ କୁମାର ବେହେରା, ଆନନ୍ଦ ଶଙ୍କର ଆଚାର୍ଯ୍ୟ, ମିସ୍ ସ୍ୱର୍ଣ୍ଣକାନ୍ତା ଓ ଡ଼. ପ୍ରିୟନ୍ରତା ବେହେରା ପ୍ରମୁଖ ସହଯୋଗ କରିଥିଲେ । ଏହାବ୍ୟତୀତ ଏନ୍.ଏସ୍.ଏସ୍. ବ୍ୟୁରୋର କର୍ମଚାରୀ ଅଜୟ କୁମାର ବଳ, ସୁସ୍ମିତା ପାତ୍ର ଓ ସୁନେଲିକା ପ୍ରହରାଜ ପ୍ରମୁଖ ସହଯୋଗ କରିଥିଲେ ।

## କଏଦୀଙ୍କୁ ନଜର ରଖିବ ଏଆଇ କ୍ୟାମେରା: ଜେଲ୍ ସୁରକ୍ଷାରେ ନୂତନ ପଦକ୍ଷେପ

ଭୁବନେଶ୍ୱର, ୨୧/୭ (ନି.ପ୍ର): ରାଜ୍ୟର ଜେଲ୍‌ଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ଏଆଇ ଆଧାରିତ କ୍ୟାମେରା ବ୍ୟବହାର ଆରମ୍ଭ ହୋଇଛି । ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପରେ ଜେଲ୍ ଡିଜି ଏହି ସୂଚନା ଦେଇଛନ୍ତି। ଜେଲ୍ ଡିଜିଙ୍କ କହିବା ଅନୁଯାୟୀ, ଏପର୍ଯ୍ୟନ୍ତ ରାଜ୍ୟର ୨୦ଟି ଜେଲରେ ଏଆଇ କ୍ୟାମେରା ସ୍ଥାପିତ ହୋଇସାରିଛି। ଏହି କ୍ୟାମେରାଗୁଡ଼ିକ ଜେଲ୍ ଭିତରେ ଏବଂ ପରିସରରେ କଏଦୀଙ୍କ ଚଳଚଳନକୁ ସତତ ନଜରରେ ରଖିବ।

# ଚୋରା ଦେଶୀ ମଦ ଜବତ: ବାଇକ ସହ ୩ ଗିରଫ



ବସ୍ତା, ୨୧/୭ (ନି.ପ୍ର): ଅବକାରୀ ବିଭାଗ,ବସ୍ତା ପକ୍ଷରୁ ଆଜି ଅଚାନକ ଚଢାଉ କରି ଚୋରା ଦେଶୀ ମଦ ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ଗୋଟିଏ ବାଇକ ଜବତ୍ କରାଯାଇଛି। ସୂଚନାରୁ ପ୍ରକାଶ ଯେ ବସ୍ତା ଥାନା ଅନ୍ତର୍ଗତ ରଣାମୁଣ୍ଡଳି ଗାଁରେ ଚୋରା ମଦ କାରବାର ହେଉଛି ବୋଲି କୌଣସି ସୂତ୍ରରୁ ଖବର ପାଇ ଅବକାରୀ ପୁଲିସ ଅଚାନକ ଚଢାଉ କରିଥିଲା। ପୁଲିସ ଏହି ଗାଁରୁ କୁଶଡ଼ିହା ନିବାସୀ ନାରାୟଣ ସେନାପତିକୁ ଗିରଫ କରି ତା' ଠାରୁ ମଦ ସହ ଗୋଟିଏ ବାଇକ, ରଣାମୁଣ୍ଡଳୀ ନିବାସୀ ରାଜୁ ରାମ ଓ କଟି ସିଂ ଠାରୁ ମଦ ଜବତ କରି ସେମାନଙ୍କ ବିରୋଧରେ ଯଥାକ୍ରମେ କେଶ ନଂ ୬୦,୬୧, ୬୨/୨୦୨୬ ରେ ମାମଲା ରୁଜୁ କରି ଅଦାଲତ ଚାଲାଣ କରାଯାଇଛି।

## ଆଡ଼ପମଣ୍ଡପରେ ବରାହ ନୃସିଂହ ଅବତାରରେ ଦର୍ଶନ ଦେଲେ ଶ୍ରୀଜୀଉ

ନୀଳଗିରି, ୨୧/୭ (ନି.ପ୍ର): ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଗୁଣ୍ଡିଚା ମନ୍ଦିର ଆଡ଼ପମଣ୍ଡପରେ ଶ୍ରୀଜୀଉ ଦୈନନ୍ଦିନ ନୂଆନୂଆ ଅବତାରରେ ଦର୍ଶନ ଦେଉଛନ୍ତି। ମନ୍ଦିର ସେବାୟତମାନେ ମହାପ୍ରଭୁଙ୍କୁ ପ୍ରତିଦିନ ନୂଆନୂଆ ବେଶ କରୁଥିବା ବେଳେ ମଗଂଳବାର ସନ୍ଧ୍ୟାରେ ବଡ଼ଠାକୁର ବଳଭଦ୍ରଙ୍କୁ ବରାହ ଅବତାରରେ ଏବଂ ଜଗନ୍ନାଥ ମହାପ୍ରଭୁଙ୍କୁ ନୃସିଂହ ଅବତାରରେ ଦେଖିବାକୁ ମିଳିଥିଲା।

## ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ତଥା ସାଇବର ସଚେତନତା ଶିବିର

ବାସୁଦେବପୁର, ୨୧/୭ (ନି.ପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୂକ୍ତିକରଣ ଶିବିର ତଥା ସାଇବର ସଚେତନତା ଶିବିର ମନ୍ଦାରମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅତିଥି ଭାବରେ ମନ୍ଦାରି ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ଅଧକ୍ଷ, ଭଦ୍ରକ ଡାକ ବିହାଗର ବିଜନେସ ଏକ୍ସିକ୍ୟୁଟିଭ, ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ମୋନାଲିସା ପଣ୍ଡା, ସାଇବର ଥାନା ର ଅଧକ୍ଷ ଦୟାନିଧି ଦାସ, ବାସୁଦେବପୁର ଥାନାର ଏସ୍ ଆଇ, ଭଦ୍ରକ ଲିଡ୍ ବ୍ୟାଙ୍କ ର ସି ଏଫ୍ ଏଲ୍ ଅଶ୍ୱିନୀ କୁମାର ନାୟକ, ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଦ୍ମନ କୁମାର ରାୟ ମହୋଦୟ ଯୋଗ ଦେଇଥିଲେ। ଏହି ସଭାରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସଭା ପରିଚାଳିତ କରିଥିଲେ ଓ ପିଲାମାନଙ୍କୁ ସଂଚୟର ମହତ୍ତ୍ୱ ଜଣାଇବା ସହ ଆର୍ଥିକ ସକ୍ଷାର ସମାଜ ଗଢ଼ିବା ପାଇଁ ସହାୟକ ହେବ ବୋଲି କହି ଅନୁପ୍ରାଣିତ କରିଥିଲେ। ସାଇବର ସେଲ ଅଧକ୍ଷ ଓ ବସୁଦେବପୁର ଥାନା ର ଏସ ଆଇ ପିଲାମାନଙ୍କୁ ସାଇବର ଅପରାଧୀ ମାନଙ୍କ ଶିକାରରୁ ବଞ୍ଚିବାର ଉପାୟମାନ ବୁଝାଇଥିଲେ ଓ ପିଲାମାନଙ୍କୁ ସୋସିଆଲ ମିଡ଼ିଆର ସଠିକ୍ ବ୍ୟବହାର କରିବାର ଉପାୟମନ ଜଣାଇ ଥିଲେ। ଡାକ ବିଭାଗର ଅଧିକାରୀ ଡାକଘରେ ଉପଲବ୍ଧ ସମସ୍ତ ସଞ୍ଚୟ ଯୋଜନା ଗୁଡିକ ସମ୍ୱଧରେ ଜଣାଇଥିଲେ। ପଦ୍ମନ କୁମାର ରାୟ ଓ ମନ୍ଦାରି ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ଅଧକ୍ଷ ପିଲାମାନଙ୍କୁ ସଞ୍ଚୟ ପାଇଁ ଅନୁପ୍ରାଣିତ କରିଥିଲେ ଓ ଚିଟ୍ ଫଣ୍ଡ ଠକେଇ ଶିକାର ନହେବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ମନ୍ଦାରୀ ମହାବିଦ୍ୟାଳୟଓ ଉଚ୍ଚ ବିଦ୍ୟାଳୟର ମୋଟ ୨୦୦ ଜଣ ଛାତ୍ର ଛାତ୍ରୀ, ମହାବିଦ୍ୟାଳୟ ର କର୍ମକର୍ତ୍ତା ଓ ଡାକ ବିଭାଗ ଏଜେଣ୍ଟ ମାନେ ଯୋଗଦେଇଥିଲେ । 'ଆଜିର ଏକ ସଚେତନ ଛାତ୍ର, କାଲିର ଦାୟିତ୍ୱବାନ ନାଗରିକ' ଏହି ଥିମ୍ ରେ ସଭାଟି ଆୟୋଜିତ ହୋଇଥିଲା। ଏହି ସଭାଟିକୁ ସଫଳ କରିବାରେ ମହାବିଦ୍ୟାଳୟ ର ସମସ୍ତ କାର୍ଯ୍ୟ କର୍ତ୍ତା, ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ବିଭାଗ ର କର୍ମକର୍ତ୍ତା ଓ ଡାକ ଏଜେଣ୍ଟ ମାନେ ସହାୟକ ହୋଇଛନ୍ତି ।

## ଗଡିଆରେ ପଡ଼ି ଦୁଇ ଶିଶୁପୁତ୍ର ମୃତ

ନୀଳଗିରି , ୨୧/୭ (ନି.ପ୍ର): ଦୁନିଆ ଦେଖିବା ଓ ଚିହ୍ନିବା ପୂର୍ବରୁ ଦୁଇ ଦୁଇଟି କଅଁଳଶିଶୁର ଜୀବନ ଗଡିଆରେ ପଡ଼ି ଝରିଯାଇଛି। ଏଭଳି ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି ନୀଳଗିରି ବ୍ଲକ୍ ଛତ୍ରପୁର ପଞ୍ଚାୟତ ମଧୁପୁରିଆ ଗ୍ରାମରେ। ସୂଚନା ମୁତାବକ ଗ୍ରାମର ଦଶରଥ ହାଁସଦାଙ୍କ ଦେଢ଼ବର୍ଷର ପୁଅ ଦୀପକ ଏବଂ ତାଙ୍କ ଭାଇ ସୁନାରାମ ହାଁସଦାଙ୍କ ବର୍ଷେ ୩ମାସର ପୁଅ ସୁଦୀପ୍ତ ଘରେ ଖେଳୁଥିବା ବେଳେ ପରିବାରଲୋକ ନିକଟସ୍ଥ ବିଲକାମ ଏବଂ ଗାଈଗୋରୁ ବାନ୍ଧିବା ଆଦି କାମରେ ବ୍ୟସ୍ତ ରହିଥିଲେ। ଅପରାହ୍ନ ପ୍ରାୟ ୫.୩୦ସମୟରେ ପିଲା ଦୁଇଟି ଖେଳୁଥିବା ବେଳେ ପରିବାରବର୍ଗଙ୍କ ଅଗୋଚରରେ ଯାଇ ନିକଟରେ ଥିବା ଗଡିଆରେ ପଡିଯାଇଥିଲେ। ପରିବାର ଲୋକେ ପିଲାଦୁଇଟିକୁ ନପାଇ ଖୋଜାଖୋଜି କରି ଗଡ଼ିଆରେ ପଡ଼ି ମୃତ୍ୟୁବରଣ କରିଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ବରହମପୁର ମେଡିକାଲ ନେଇଥିଲେ ହେଁ ଡାକ୍ତର ଉଭୟଶିଶୁଙ୍କୁ ମୃତ ଘୋଷଣା କରିଥିଲେ।

# ପିତୃମାତୃହୀନ ଶିଶୁକୁ ମିଳିଲା ନୂଆ ପରିବାର: ପୋଷ୍ୟସନ୍ତାନ ଗ୍ରହଣ ପ୍ରକ୍ରିୟାରେ ଗୋଆର ଦମ୍ପତିଙ୍କୁ ହସ୍ତାନ୍ତର ହେଲା ଶିଶୁ

ଭଦ୍ରକ, ୨୧/୭ (ନି.ପ୍ର): ପିତୃମାତୃହୀନ ଶିଶୁମାନଙ୍କୁ ସ୍ନେହ, ସୁରକ୍ଷା ଓ ପାରିବାରିକ ପରିବେଶ ପ୍ରଦାନ କରିବା ଦିଗରେ ଭଦ୍ରକ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଆଉ ଏକ ସଫଳ ପଦକ୍ଷେପ ଗ୍ରହଣ କରିଛି। ୧୦ ବର୍ଷୀୟ ବାଳକ ସାଇ ବିଜୟନାଥ, ଯିଏ ଶିଶୁ ମଙ୍ଗଳ କମିଟି (ସିଡବ୍ଲୁସି), ଭଦ୍ରକଙ୍କ ଆଦେଶକ୍ରମେ କାଞ୍ଚିଆପାଳସ୍ଥିତ ମହାପୁରୁଷ ଆଶ୍ରମରେ ପିତୃମାତୃହୀନ ଶିଶୁ ଭାବେ ରହୁଥିଲେ, ସେ ଏବେ ପୋଷ୍ୟସନ୍ତାନ ଭାବେ ଗୋଆର ଏକ ଯୋଗ୍ୟ ଦମ୍ପତିଙ୍କ ପରିବାରରେ ନୂତନ ଜୀବନର ଶୁଭାରମ୍ଭ କରିଛନ୍ତି।ଭଦ୍ରକ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ତତ୍ପରତା ଏବଂ କେନ୍ଦ୍ରୀୟ ପୋଷ୍ୟସନ୍ତାନ ଗ୍ରହଣ ସମ୍ବଳ ପ୍ରାଧିକରଣର ନିୟମାବଳୀ ଅନୁଯାୟୀ ଗୋଆର ସମ୍ଭାବ୍ୟ ପୋଷ୍ୟଗ୍ରାହୀ ଦମ୍ପତି ଏମ୍. କେ. ବିଜୟନାଥ ଓ ଗୀତା ବିଜୟନାଥଙ୍କୁ ସମସ୍ତ ଯାଞ୍ଚ ପ୍ରକ୍ରିୟା ପରେ ଯୋଗ୍ୟ ବିବେଚନା କରାଯାଇଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରାକ୍-ପୋଷ୍ୟସନ୍ତାନ ପ୍ରତିପାଳନ ଯତ୍ନ ବ୍ୟବସ୍ଥା ଅନୁଯାୟୀ ଶିଶୁଟିକୁ ସମ୍ଭାବ୍ୟ ପୋଷ୍ୟଗ୍ରାହୀ ଦମ୍ପତିଙ୍କ ସହ ସମୟ ବିତାଇବାର ସୁଯୋଗ ଦିଆଯାଇଥିଲା। ଏହି ସମୟ ମଧ୍ୟରେ ଶିଶୁ ଓ ଦମ୍ପତିଙ୍କ ମଧ୍ୟରେ ସ୍ନେହପୂର୍ଣ୍ଣ ଓ ସକାରାତ୍ମକ ସମ୍ପର୍କ ଗଢ଼ିଉଠିବା ପରେ ସମସ୍ତ ଆଇନଗତ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅଣଆନୁଷ୍ଠାନିକ ଅଧିକାରିଣୀ ଶିଶୁ ଓ ସମ୍ଭାବ୍ୟ ପୋଷ୍ୟଗ୍ରାହୀ ଦମ୍ପତିଙ୍କୁ ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଡ. ଦିଲୀପ ରାଉତରାୟଙ୍କ ସମ୍ମୁଖରେ ଚୂଡ଼ାନ୍ତ ଶୁଣାଣି ପାଇଁ ଉପସ୍ଥାପନ କରିଥିଲେ। ଜିଲ୍ଲାପାଳଙ୍କ ଆଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ଶିଶୁ ମଙ୍ଗଳ କମିଟିର ଅଧକ୍ଷ ସୁବ୍ରତ ବିଶ୍ୱାଳ, ସଦସ୍ୟ ପ୍ରଦୀପ୍ତ କର ଓ ସୁବାସ ଚନ୍ଦ୍ର ଦେବତା, ଅଣଆନୁଷ୍ଠାନିକ ଅଧିକାରିଣୀ ସ୍ୱାଗତିକା ବାରିକ ଏବଂ ସାମାଜିକ-ଆଇନ ଅଧିକାରୀ ସୁବ୍ରତ ଦାସଙ୍କ ଉପସ୍ଥିତିରେ ଶିଶୁଟିକୁ ଆନୁଷ୍ଠାନିକ ଭାବେ ପୋଷ୍ୟଗ୍ରାହୀ ଦମ୍ପତିଙ୍କ ହାତରେ ହସ୍ତାନ୍ତର କରାଯାଇଥିଲା। ଏହି ପୋଷ୍ୟସନ୍ତାନ ଗ୍ରହଣ ପ୍ରକ୍ରିୟା କେବଳ ଜଣେ ପିତୃମାତୃହୀନ ଶିଶୁଙ୍କୁ ଏକ ସ୍ନେହମୟ ପରିବାର ଓ ସୁରକ୍ଷିତ ଭବିଷ୍ୟତ ପ୍ରଦାନ କରିନାହିଁ, ବରଂ ଶିଶୁଙ୍କ ସର୍ବୋତ୍ତମ ସ୍ୱାର୍ଥ ସୁରକ୍ଷା ପ୍ରତି ଜିଲ୍ଲା ପ୍ରଶାସନ ଏବଂ ଶିଶୁ ସୁରକ୍ଷା ବ୍ୟବସ୍ଥାର ଦାୟିତ୍ୱବୋଧର ଏକ ଉଲ୍ଲେଖନୀୟ ଉଦାହରଣ ସୃଷ୍ଟି କରିଛି।

# ଦିନ ମଜୁରିଆ ପରିବାରର ଦୁଃଖ: ମୋଟ ୫ କିଗ୍ରା ଚାଉଳ ଉପରେ ନିର୍ଭରଶୀଳ ୬ ଜଣ ସଦସ୍ୟ

ଉଦଳା , ୨୧/୭ (ନି.ପ୍ର):କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ ବଡ଼ଶୋଳ ଗ୍ରାମର ବାସିନ୍ଦା ହରି ଟୁଡୁ ଏବଂ ତାଙ୍କର ସହଧର୍ମିଣୀ ଦୁଲାରି ଟୁଡୁ ଓ ୪ ଜଣ ପିଲା ପିଲିଙ୍କୁ ମିଶାଇ ପରିବାରର ମୋଟ ସଦସ୍ୟ ୬ଜଣ ଅଟନ୍ତି । ଦିନମଜୁରିଆ ଭାବରେ କାମ କରି ଏହି ପରିବାର ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ବେଳେ ଖାଦ୍ୟ ଯୋଜନାରେ ମାସିକ ମାତ୍ର ୫ କିଗ୍ରା ଚାଉଳ ମିଳୁଥିବାର କଥା ହରି ଟୁଡୁ ଜଣାଇଛନ୍ତି । ଏଥିପାଇଁ ଏହି ପରିବାର ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କହିଛନ୍ତି । ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ୱାର ଗୁହାରି ଜଣାଇଲେ ମଧ କେହି କର୍ଣ୍ଣପାତ କରୁନଥିବାର ଅଭିଯୋଗ କରିଛନ୍ତି । ସେହିପରି ଆବାସ ଯୋଜନାରେ ଘର ଓ ପାଇଖାନା ପାଇବା ପାଇଁ ହରି ଟୁଡୁ ଅନୁରୋଧ ଜଣାଇଛନ୍ତି । ବିଭାଗୀୟ କର୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

## ଆଦିଶା କୋରାପୁଟ କଫି ଆଉଟଲେଟ ପରିଦର୍ଶନ କଲେ ରାଜ୍ୟପାଳ

ଭୁବନେଶ୍ୱର, ୨୧/୭ (ନି.ପ୍ର): ଓଡ଼ିଶାର ରାଜ୍ୟପାଳ ଡ ହରି ବାବୁ କମ୍ଭମପାଟି ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱର ରୁପାଲୀ ଛକସ୍ଥିତ ଆଦିଶା କୋରାପୁଟ କଫି ଆଉଟଲେଟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ରାଜ୍ୟର ପ୍ରଥମ ମହିଳା ଡ଼. ଜୟଶ୍ରୀ କମ୍ଭମପାଟି ମଧ ଉପସ୍ଥିତ ଥିଲେ । ପରିଦର୍ଶନ ସମୟରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ବି. ପରମେଶ୍ୱରନ୍, ଆଦିବାସୀ ବିକାଶ ସହକାରୀ ନିଗମ ଲିମିଟେଡ୍ (ଟିଡିସିସିଓଏଲ୍) ର ମ୍ୟାନେଜିଂ ଡାଇରେକ୍ଟର ଡ. ପୋମା ଟୁଡୁ ଏବଂ ନିଗମର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସର୍ବଭାରତୀୟ ନିଟ ୟୁଜି ପରୀକ୍ଷାରେ ଅବିନାଶଙ୍କ କମାଲ



ପାରାଦ୍ୱୀପ , ୨୧/୭ (ନି.ପ୍ର): ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ଜଗତସିଂହପୁର ଜିଲ୍ଲା ପାରାଦ୍ୱୀପ ୱାର୍ଡ ନମ୍ବର ୫ ସନ୍ତୋଷୀ ନଗରର ପୁଅ ଅବିନାଶ ସାମନ୍ତରାୟ ଉଲେଖନୀୟ ସଫଳତା ହାସଲ କରିଛନ୍ତି। ସେ ସମଗ୍ର ଭାରତ ରେ ୫୮୪୩ ଓବି ସି କାଟାଗୋରିରେ ୨୪୩୦ ତମ ରେଙ୍କ ଅଧିକାର କରି ଜଗତସିଂହପୁର ଜିଲ୍ଲା ଓ ପାରାଦ୍ୱୀପ ବାସୀଙ୍କୁ ଗର୍ବିତ କରିଛନ୍ତି । ଅବିନାଶ ମୋଟ ୭୨୦ମଧ୍ୟରୁ ୬୧୬ ମାର୍କ ପାଇଛନ୍ତି । ତାଙ୍କ ପିତା ଶ୍ରୀ ଅଶ୍ୱିନୀ ସାମନ୍ତରାୟ ପାରାଦ୍ୱୀପରେ ଘରେଇ କମ୍ପାନୀରେ କର୍ମଚାରୀ ହୋଇଥିବା ବେଳେ ମାତା ଶ୍ରୀମତୀ ଭାରତୀ ସାମନ୍ତରାୟ ଜଣେ ସମାଜସେବୀ ଓ ବିଜୁ ଜନତା ଦଳର ନାରୀନେତ୍ରୀ ରୂପେ ପାରାଦ୍ୱୀପ ଅଞ୍ଚଳ ରେ ଜଣାଶୁଣା ସମାଜ ସେବା ପାଇଁ ସରକାରୀ ସ୍ତରରେ ଅନେକ ଥର ପୁରସ୍କୃତ ହୋଇଛନ୍ତି । ଅବିନାଶ ଯାଜପୁରର ପ୍ରସିଦ୍ଧ ପି ଏମ ଶ୍ରୀ ନବୋଦୟ ରେ ଶିକ୍ଷା ଲାଭ କରୁଥିଲେ କଠିନ ପରିଶ୍ରମ, ଶିକ୍ଷକ ମାନଙ୍କ ଓ ତାଙ୍କ ମାତା ଭାରତୀ ସାମନ୍ତରାୟ ଙ୍କ ମାଗଦର୍ଶନ ଫଳରେ ସେ ଏହି ସଫଳତା ପାଇପାରିଥିବା କଥା କହିଛନ୍ତି । ତାଙ୍କ ର ଏହି ସଫଳତା ପାଇଁ ପରିବାର ଲୋକ, ତାଙ୍କ ମାମୁଁଘର ପରିବାର ଲୋକ,ଶିକ୍ଷକ ଏବଂ ସ୍ଥାନୀୟ ଅଂଚଳ ସନ୍ତୋଷୀ ନଗର,ପାରାଦ୍ୱୀପ ରେ ଖୁସିର ଲହରୀ ଖେଳିଯାଇଛି । ବିଭିନ୍ନ ମହଲ ରୁ ଅବିନାଶଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଅବିନାଶ ଭବିଷ୍ୟତ ରେ ଜଣେ ଭଲ ଡାକ୍ତର ହୋଇ ସମାଜ ସେବା କରିବା ପାଇଁ ଇଛା ପ୍ରକାଶ କରିଛନ୍ତି । ସେ ଜଣେ ମେଧାବୀଛାତ୍ର ହୋଇଥିବା ବେଳେ ପ୍ରଥମ ଶ୍ରେଣୀ ରୁ ଯୁକ୍ତ ୨ ପର୍ଯ୍ୟନ୍ତ ପ୍ରଥମ ଶ୍ରେଣୀ ରେ ଉତୀର୍ଣ୍ଣ ହୋଇ ଆସୁଥିଲେ । ପ୍ରଥମେ ସେ ପାରାଦ୍ୱୀପ ର ଶ୍ରୀ ମା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ବାଲିଝରା ସ୍କୁଲ ରେ ପାଠ୍ୟକ୍ରମ ଆରମ୍ଭ କରିଥିଲେ । ଅବିନାଶ ମାଟ୍ରିକ ରେ ୮୯ ପ୍ରତିଶତ ଓ ଯାଜପୁର ପି ଏମ ଶ୍ରୀ ନବୋଦୟ ରେ ୯୦ପ୍ରତିଶତ ମାର୍କ ରଖି ବାରେ ସଫଳ ହୋଇଥିଲେ । ଅବିନାଶ ର ଏହି ସଫଳତା ପାଇଁ ପାରାଦ୍ୱୀପ ପୌରପାଳିକା ଅଧକ୍ଷ ଶ୍ରୀଯୁକ୍ତ ବସନ୍ତ ବିଶ୍ୱାଳ, ଯୁବ ବିଜେଡି ସଭାପତି ଆଲୋକ ମହାପାତ୍ର, ବିଜେଡି ନଗର ସଭାପତି କୁମରବର ନାୟକ, ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ରାଉତ, କୁଜଙ୍ଗ ବ୍ଲକ ଅଧକ୍ଷା ଶ୍ରୀମତୀ ନିନାରାଣୀ ସାହୁ ବିଜେଡି ନେତା ଅରୁଣ କୁମାର ବେହେରା, ନଗେନ୍ଦ୍ର ରାଉତ, ଶିକ୍ଷାବିତ ତଥା ଟେଟ୍ରାହେଡ଼ରୋନ ମୁଖ୍ୟ ତ୍ରିଦେବ ବେହେରା ସାର,ସମବାୟବିତ ଗୋବିନ୍ଦ ସ୍ୱାଇଁ, କୃଷିବିତ ଗୋକୁଳ ସ୍ୱାଇଁ, ଗୋପାଳ ସ୍ୱାଇଁ, ପ୍ରମୋଦ ସ୍ୱାଇଁ ପ୍ରମୁଖ ଅଭିନନ୍ଦନ ସହ ଶୁଭେଚ୍ଛା ଜଣାଇଛନ୍ତି । ତତ ସହିତ ପାରାଦ୍ୱୀପ ରେ ବିଭିନ୍ନ ଅନୁଷ୍ଠାନ ତରଫରୁ ଅଭିନନ୍ଦନ ଜାରି ରହିଛି ।

# ମା' ଆଦିଶକ୍ତି ଉଦ୍ୟୋଗ ପରିସରର ଶୁଭ ଉଦ୍‌ଘାଟନ

## ଗ୍ରାମାଞ୍ଚଳର ମହିଳାଙ୍କ ଆର୍ଥିକ ସଶକ୍ତିକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ



ବାରିପଦା, ୨୧/୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଶୁଳିଆପଦା ବ୍ଲକ ଅନ୍ତର୍ଗତ ଦେଉଳିଠାରେ ଆଜି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ କରକମଳରେ 'ମା' ଆଦିଶକ୍ତି ଉଦ୍ୟୋଗ ପରିସର'ର ଶୁଭ ଉଦ୍‌ଘାଟନ କରାଯାଇଛି । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ସଂଖ୍ୟାଲଘୁ ସମ୍ପ୍ରଦାୟ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗ ଏବଂ ମିଶନ ଶକ୍ତି ବିଭାଗର ସହଭାଗିତାରେ ୩୫ ଲକ୍ଷ ଟଙ୍କା ବ୍ୟୟରେ ପ୍ରତିଷ୍ଠିତ ଏହି ଉଦ୍ୟୋଗ ପରିସର ମାଧ୍ୟମରେ ୫୦୦ରୁ ଅଧିକ ମହିଳା ଉପକୃତ ହେବେ । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଥିଲେ ଯେ, ମହିଳାଙ୍କ ଆର୍ଥିକ ସଶକ୍ତିକରଣ ଏବଂ ସ୍ୱାବଲମ୍ବନ ରାଜ୍ୟ ସରକାରଙ୍କ ପ୍ରାଥମିକତା । ଦକ୍ଷତା ବିକାଶ ଓ ସ୍ୱରୋଜଗାରର ସୁଯୋଗ ସୃଷ୍ଟି ମାଧ୍ୟମରେ ଗ୍ରାମାଞ୍ଚଳର ମହିଳାମାନଙ୍କ ଜୀବନଜୀବିକାରେ ସକାରାତ୍ମକ ପରିବର୍ତ୍ତନ ଆସିପାରିବ ବୋଲି ସେ କହିଥିଲେ । ଉଦ୍ୟୋଗ ପରିସରରେ ସିଲାଇ, ଛତୁ ଚାଷ, ଶାଳପତ୍ର ଥାଳି ପ୍ରସ୍ତୁତି, ଅଗରବତୀ, ମହମବତୀ ଏବଂ ଛତୁଆ ପ୍ରସ୍ତୁତି ଭଳି ବିଭିନ୍ନ ଜୀବିକାମୂଳକ ପ୍ରଶିକ୍ଷଣ ଓ ଉତ୍ପାଦନ କାର୍ଯ୍ୟକ୍ରମର ସୁବିଧା ଉପଲବ୍ଧ ହେବ । ଏହା ମାଧ୍ୟମରେ ମହିଳାମାନେ ନିଜ କୌଶଳର ବିକାଶ କରି ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବା ସହ ସ୍ୱରୋଜଗାରର ସୁଯୋଗ ସୃଷ୍ଟି କରିପାରିବେ । ଏହି ଉଦ୍ୟୋଗ ପରିସର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ), ବାରିପଦା ଦ୍ୱାରା ପରିଚାଳିତ ହେବ । ସମ୍ମାନିତ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ମହିଳା ସଶକ୍ତିକରଣ ଓ ଜୀବିକା ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିବା ସହ ମହିଳାମାନଙ୍କୁ ଏହି ସୁଯୋଗର ସଦୁପଯୋଗ କରି ଆତ୍ମନିର୍ଭରଶୀଳ ହେବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସଡିସି) ଅଧକ୍ଷ ଡ. ବୁଦ୍ଧାନ ମୁର୍ମୁ, ଏସ୍‌ଡିସି ଉପାଧକ୍ଷା ଶ୍ରୀମତୀ କୌଶଲ୍ୟା ସିଂ, ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସାଏ, ପୂର୍ବତନ ବିଧାୟକ ଶ୍ରୀ କାଦ୍ରା ସୋରେନ, ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଶ୍ରୀ ପ୍ରଣୟ ରଞ୍ଜନ ବେହେରାଙ୍କ ସମେତ ବହୁ ଜନପ୍ରତିନିଧି, ବରିଷ୍ଠ ଅଧିକାରୀ, ମିଶନ ଶକ୍ତିର ସଦସ୍ୟା ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida